Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 275
Friday, 12 December 2025
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୨ ଡିସେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୩ ବିଭାଗର ୫୯୧ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବାଂଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୧୨ (ଆ.ପ୍ର) : ଯିଏ ଯେଉଁ ପଦବୀରେ ବି ଅବସ୍ଥାପିତ ଥାଆନ୍ତୁ ନା କାହିଁକି, ସରକାରୀ ଚାକିରିକୁ ସବୁବେଳେ ଜନସେବା ଭାବେ ମନେ କରିବେ । ସରକାରୀ ଚାକିରି ମିଳିଯିବା ପରେ କେବେ ହେଲେ କାର୍ଯ୍ୟରେ ଅବହେଳା କରିବେ ନାହିଁସ । ଦୁର୍ନୀତି ଠାରୁ ଲକ୍ଷେ କୋଷ ଦୂରରେ ରୁହନ୍ତୁ । ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ତ୍ରୟୋଦଶ ନିଯୁକ୍ତି ମେଳା ୨୦୨୫ ଅବସରରେ ନବନିଯୁକ୍ତ ମାନଙ୍କୁ ଏଭଳି ଉପଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ଜଳସେଚନ ପ୍ରକଳ୍ପର ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଆଜିର ନିଯୁକ୍ତି ମେଳାରେ ଜଳ ସମ୍ପଦ ବିଭାଗର ୨୩୨ ଜଣ, ପୂର୍ତ୍ତ ବିଭାଗର ୧୯୭ ଜଣ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ୧୪୨ଜଣ ସହାୟକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ୫ଜଣ ଅର୍ଥ ଓ ହିସାବ ଅଧିକାରୀ ଏବଂ ୧୫ଜଣ ଯୋଜନା ସହାୟକଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି । ଆଜିର ଏହି ନିଯୁକ୍ତି ମେଳା ଜରିଆରେ ପ୍ରଥମ କରି ଆଧାରରେ, ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚୟନ କରି, ତିନି ଗୋଟି ଇଞ୍ଜିନିୟରିଂ ବିଭାଗରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପଦବୀରେ ନିଯୁକ୍ତି ପ୍ରଦାନ କରାଯାଇଛି ।

ସମୁଦାୟ ୫୯୧ ଜଣଙ୍କୁ ନିଯୁକ୍ତି ଦିଆଗଲା । କୃଷି ଶିକ୍ଷା ସଦନ ଠାରେ ଉପସ୍ଥିତ ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଜୁନ୍ ମାସରୁ ଆଜି ଭିତରେ ଅର୍ଥାତ ୧୮ ମାସ ମଧ୍ୟରେ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଗଲା । ଆଗାମୀ ଛ' ମାସ ମଧ୍ୟରେ ଆଉ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛି । ପାଂଚ ବର୍ଷରେ ଖାଲିଥିବା ସମସ୍ତ ଦେଢ ଲକ୍ଷ ପଦ ପୂରଣ କରିବା ସହ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତି ଦେଇଥିଲେ । ତେଣୁ ଆପଣମାନେ ସମସ୍ତେ ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ସରକାରଙ୍କର ସମସ୍ତ ଜନ କଲ୍ୟାଣକାରୀ କାର୍ଯ୍ୟର ସଫଳ ରୂପାୟନ ପାଇଁ ଦୃଢ ପ୍ରତିବଦ୍ଧ ହୋଇପାରିଲେ ସମାଜ ତଥା ରାଜ୍ୟ ବିକଶିତ ହୋଇପାରିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ମାଧ୍ୟମରେ ପ୍ରଚଳିତ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆପଣମାନେ ସରକାରଙ୍କ ବିଭିନ୍ନ ଭିତିଭୂମି ଉନ୍ନୟନ କାର୍ଯ୍ୟକୁ ସଫଳତାର ସହ ନିର୍ବାହ କରି ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇଦେବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିବେ । ପୌର ସଂସ୍ଥାରେ ସୁସଂଗଠିତ ଯୋଜନା, ସୁଚିନ୍ତିତ ବିକାଶ ଓ ପ୍ରଶାସନିକ କାର୍ଯ୍ୟକଳାପରେ ଯୋଜନା ସହାୟକ ମାନଙ୍କର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିସହିତ ପୌର ସଂସ୍ଥା ଗୁଡ଼ିକରେ ଅର୍ଥ ଓ ହିସାବ ଅଧିକାରୀ ପୌର ସଂସ୍ଥାରେ ଆର୍ଥିକ ବ୍ୟବସ୍ଥା ସୁପରିଚାଳନା କରିବାର ଦାୟିତ୍ୱ ନିର୍ବାହ କରିବେ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆଗାମୀ ଦିନରେ ଓଡ଼ିଶାରେ ଭିତିଭୂମି ନିର୍ମାଣରେ ଏକ ପ୍ରକାର ଆନ୍ଦୋଳନ ହେବାକୁ ଯାଉଛି, କାରଣ ଓଡ଼ିଶାରେ ଆଶାତୀତ ଭାବେ ପୁଞ୍ଜି ବିନିଯୋଗ ପାଇଁ ବଜେଟରେ ପ୍ରାବଧାନ କରାଯାଇଛି । ଉଦାହରଣ ସ୍ୱରୂପ, ଚଳିତ ବଜେଟରେ ୬୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କେବଳ ପୁଞ୍ଜି ଖର୍ଚ୍ଚ ପାଇଁ ପ୍ରାବଧାନ କରାଯାଇଛି । ଦୁଇ ଦିନ ତଳେ ଯଦି ଅତିରିକ୍ତ ବଜେଟର ପ୍ରାବଧାନକୁ ଏଥିରେ ଯୋଡା ଯିବ, ତେବେ ଏହି ଖର୍ଚ୍ଚ ପ୍ରାୟ ୬୮ ହଜାର କୋଟି ଟଙ୍କାରୁ ବି ଊର୍ଦ୍ଧ୍ୱ ହେବ । ପୁଞ୍ଜି ବିନିଯୋଗ କ୍ଷେତ୍ରରେ ରାଜ୍ୟ ଜିଡିପି ଅନୁପାତରେ ଓଡ଼ିଶା ଦେଶର ସବୁଠାରୁ ଅଧିକ ଖର୍ଚ୍ଚ କରୁଥିବା ରାଜ୍ୟ । ଏହା ୬.୧ ପ୍ରତିଶତରୁ ଅଧିକ ଏବଂ ସାମଗ୍ରିକ ବଜେଟର ପ୍ରାୟ ୨୨ ପ୍ରତିଶତ । ଏଣୁ ଏତେ ପରିମାଣରେ ପ୍ରାବଧାନ ହୋଇଥିବା ବ୍ୟୟକୁ ଖର୍ଚ୍ଚ କରିବା ପାଇଁ ଆପଣଙ୍କ ପରି ଇଞ୍ଜିନିୟର ଆବଶ୍ୟକ । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭିତିଭୂମି ନିର୍ମାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଜଳସେଚନ ଭିତିଭୂମିକୁ ସୁଦୃଢ଼ କରି କୃଷକ ମାନଙ୍କର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏମଭି-୨୬ରେ ଶାନ୍ତି ପ୍ରତିଷ୍ଠା ନେଇ ୨ ଗୋଷ୍ଠୀ ସହ ଆଲୋଚନା କଲେ ଉପମୁଖ୍ୟମନ୍ତ୍ରୀ

ମାଲକାନଗିରି, ୧୧/୧୨ (ଆ.ପ୍ର) : ଥମିଛି ଉତେଜନା । ଏମ୍‌ଭି-୨୬ ଗାଁକୁ ଫେରୁଛି ଶାନ୍ତି । ମାଲକାନଗିରିରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ଉପମୁଖ୍ୟମନ୍ତ୍ରୀଙ୍କ ସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଅତିରିକ୍ତ ପୁଲିସ ମହା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ମାଲକାନଗିରି ଗସ୍ତ କରିଛନ୍ତି । ଏକ ସ୍ୱତନ୍ତ୍ର ବିମାନ ଯୋଗେ ମାଲକାନଗିରି ଏୟାରପୋର୍ଟରେ ପହଂଚିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସମୀକ୍ଷା ବୈଠକ କରିଛନ୍ତି । ଏମଭି-୨୬ ଗ୍ରାମର ପରିସ୍ଥିତି ନେଇ ଓ ଶାନ୍ତି ପ୍ରତିଷ୍ଠା ନେଇ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରୁଛନ୍ତି । ରାଜ୍ୟ ସରକାର ଘଟଣାକୁ ଗୁରୁତର ଭାବେ ନେଇ ଶାନ୍ତି ପ୍ରତିଷ୍ଠା ଲାଗି ଅଧିକ ପୋଲିସ ମୁତୟନ କରିଥିବା କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ସୂଚନା ଥାଉକି, ହତ୍ୟାକାଣ୍ଡର ୫ ଦିନ ପରେ କାଲିମେଳା ଥାନା ନାମକୋଣ୍ଡା ପୋଟେରୁ ନଦୀର ଏକ ଗାଧୁଆ ତୁଠରୁ ମହିଳାଙ୍କ କଟାମୁଣ୍ଡ ମିଳିଛି । ସ୍ଥିତି ଉପରେ ନଜର ଲାଗି ବଙ୍ଗାୟ ଗାଁଗୁଡିକରେ ସିସି କ୍ୟାମେରା ଲଗାଯାଇଥିବା ବେଳେ ଆଉ ୧୨ ଘଂଟା ପାଇଁ ଜିଲ୍ଲାରେ ଇଂଟରନେଟ ସେବା ବନ୍ଦ କରାଯାଇଛି । ଗୁରୁବାର ମଧ୍ୟରାତ୍ର ୧୨ଟା ଯାଏଁ କଟକଣା ବଳବତର ରହିବ । ପରିସ୍ଥିତି ନିୟନ୍ତ୍ରଣକୁ ଆସୁଥିବାରୁ ଏମ୍‌ଭି ୨୬ ଗାଁର କେତେକ ଲୋକ ଘରକୁ ଫେରି ଭଙ୍ଗୁଡ଼ା ଘରକୁ ପୁଣି ସଜାଡ଼ିବାରେ ଲାଗିପଡ଼ିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ କହିଛନ୍ତି, ପ୍ରଶାସନ ପକ୍ଷରୁ ଏମଭି-୨୬ ଗାଁର କ୍ଷତିଗ୍ରସ୍ତ ୨୨୦ ପରିବାରକୁ ତିନିଦିନ ହେଲା ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ଦୁଇ ଗୋଷ୍ଠୀ ମଧ୍ୟରେ ଉତେଜନା ହ୍ରାସ ପାଇବା ସହ ପରିସ୍ଥିତି ସୁଧୁରିବାରେ ଲାଗିଛି । ତଥାପି ଗାଁରେ ବିଏସ୍‌ଏଫ୍ ଯବାନ, ପୁଲିସ ଏବଂ ଅଗ୍ନିଶମ କର୍ମଚାରୀ ମୁତୟନ ଅଛନ୍ତି । ଏମ୍‌ଭି-୨୬ ଗାଁରେ ପୋଡ଼ାଜଳା ଏବଂ ଭଙ୍ଗାରୁଜା କ୍ଷୟକ୍ଷତିର ଆକଳନ କରାଯାଉଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କ୍ଷୟକ୍ଷତି ଆକଳନ କରି ଗ୍ରାମବାସୀଙ୍କୁ ସହାୟତା ଯୋଗାଇ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୃତ ଲାକେଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଦିଆଯାଇଛି । ସୂଚନାଥାଉକି, ରାଖେଲଗୁଡ଼ା ଗାଁର ଲାକେଙ୍କୁ ମୁଣ୍ଡକାଟି ହତ୍ୟା କରାଯାଇଥିଲା । ମୁଣ୍ଡବିହୀନ ଶବ ଏମ୍‌ଭି-୨୬ ନିକଟ ନଦୀରୁ ମିଳିବା ପରେ ଏହାକୁ ନେଇ ଉତେଜନା ଦେଖାଦେଇଥିଲା । କଟାମୁଣ୍ଡ ଖୋଜି ବାହାର କରିବା ଦାବିରେ ଗାଁ ଲୋକେ ଅଡ଼ି ବସିଥିଲେ । ପରେ ପରେ ବିଭିନ୍ନ ଆଦିବାସୀ ସଂଗଠନ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏମ୍‌ଭି-୨୬ ଗାଁରେ ଗୃହଦାହ ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ । ଫଳରେ ପୂରା ଗାଁ ଛାରଖାର ହୋଇଯାଇଥିଲା ।

୧୦୦୦ଫୁଟ୍ ଗଭୀରକୁ ଟ୍ରକ୍ ଖସି ୧୮ଜଣ ଶ୍ରମିକଙ୍କ ମୃତ୍ୟୁ

ଅଞ୍ଜା, ୧୧/୧୨(ନ୍ୟୁ.ଏ): ୧୦୦୦ଫୁଟ୍ ତଳକୁ ଟ୍ରକ୍ ଖସି ୧୮ମୃତ । ଅରୁଣାଚଳ ପ୍ରଦେଶର ଅଞ୍ଜା ଜିଲ୍ଲାରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି । ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ଏକ ବିପଦପୂର୍ଣ୍ଣ ପାହାଡିଆ ରାସ୍ତାରୁ ଖସିପଡ଼ି ୧୦୦୦ ଫୁଟ ତଳେ ଯାଇ ପଡ଼ିଥିଲା । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୮ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଜଣେ ଜୀବନ ଥିବା ଜଣାପଡ଼ିଛି ସୂଚନା ମୁତାବକ, ଡିସେମ୍ବର ୮ରେ ଏହି ଦୁର୍ଘଟଣା ଘଟିଥିଲା । ଟ୍ରକ୍‌ଟି ୧୦୦୦ଫୁଟ୍ ଗଭୀରକୁ ଖସିପଡ଼ିଥିବାରୁ କେହି ଏ ଦୁର୍ଘଟଣା ବିଷୟରେ ଜାଣିପାରିନଥିଲେ । ଡିସେମ୍ବର ୧୦ରେ ଜୀବିତ ଥିବା ଶ୍ରମିକ Chipra GREF Campରେ ପହଂଚି ଖବର ଦେବା ପରେ ଦୁର୍ଘଟଣା ବିଷୟରେ ଜଣାପଡ଼ିଥିଲା । ଖବର ପାଇ ଏବେ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଛନ୍ତି ଭାରତୀୟ ସେନା, ସ୍ଥାନୀୟ ପୁଲିସ, NDRF, SDRF ଏବଂ ଜିଲ୍ଲା କର୍ତ୍ତୃପକ୍ଷ । ଅଧିକାରୀମାନେ କହିଛନ୍ତି ଯେ, ଦୁର୍ଘଟଣା ଘଟିବା ସମୟରେ ସମସ୍ତ ଶ୍ରମିକମାନେ ନିର୍ମାଣ କାମ ପାଇଁ ନିର୍ମାଣ ସ୍ଥାନକୁ ଯାଉଥିଲେ । ଏହି ସମୟରେ ପାହାଡ଼ିଆ ରାସ୍ତାରେ ଚାଳକ ନିୟନ୍ତ୍ରଣ ହରାଇବାରୁ ଟ୍ରକ୍‌ଟି ତଳକୁ ଖସିପଡ଼ିଥିଲା ।

୬ ରାଜ୍ୟରେ ବଢ଼ିଲା ଏସ୍‌ଆଇଆର ତାରିଖ, ବେଙ୍ଗଲରେ ସରିଲା ସର୍ଭେ

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ବଢିଲା ସ୍ପେଶାଲ ଇନଟେନସିଭ ରିଭିଜନ୍ ବା ଏସଆଇଆର ସମୟସୀମା । ୬ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳରେ ସମୟ ସୀମା ବୃଦ୍ଧି କରିଥିବା ନେଇ ନିର୍ବାଚନ କମିଶନ୍ ଘୋଷଣା କରିଛନ୍ତି । ଏଥିରେ ତାମିଲନାଡୁ, ଗୁଜରାଟ, ମଧ୍ୟ ପ୍ରଦେଶ, ଛତିଶଗଡ଼, ଆଣ୍ଡାମାନ ଓ ନିକୋବର ଏବଂ ଉତର ପ୍ରଦେଶ ରହିଛି । ଏବେ ଏଠିକାର ମତାଦାତାଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି । ନିର୍ବାଚନ କମିଶନ୍ ଏହି ନିଷ୍ପତି ବିଭିନ୍ନ ରାଜ୍ୟରୁ ମିଳୁଥିବା ଆବେଦନ ସଂଖ୍ୟା ଓ ଯାନ୍ତ୍ରିକ/ପ୍ରଶାସନିକ କାରଣକୁ ଦେଖିବା ପରେ ନେଇଛନ୍ତି । ତାମିଲନାଡୁ ଓ ଗୁଜରାଟରେ ଏସଆଇଆର ଫର୍ମ ଜମା କରିବାର ସମୟ ସୀମା ୧୪ ଡିସେମ୍ବର ୨୦୨୫ ଥିଲା, ଯାହାକୁ ନିର୍ବାଚନ କମିଶନ ବଢାଇକି ଏହି ଦୁଇ ରାଜ୍ୟରେ ଏବେ ୧୯ ଡିସେମ୍ବର ୨୦୨୫ କରିଦେଇଛନ୍ତି । ଏହାର ଅର୍ଥ ଏହି ରାଜ୍ୟରେ ହିତାଧିକାରୀଙ୍କୁ ଆବଶ୍ୟକୀୟ ଡକ୍ୟୁମେଂଟ ପ୍ରସ୍ତୁତ କରିବା ଓ ଜମା କରିବା ପାଇଁ ୫ ଦିନର ଅତିରିକ୍ତ ସମୟ ମିଳିଛି । ନିର୍ବାଚନ କମିଶନ ମଧ୍ୟ ପ୍ରଦେଶ, ଛତିଶଗଡ ଏବଂ ଆଣ୍ଡାମାନ ଓ ନିକୋବର ପାଇଁ ଅନ୍ତିମ ତାରିଖ ୧୮ ଡିସେମ୍ବର ୨୦୨୫ (ଗୁରୁବାର)କୁ ବଢାଇ ୨୩ ଡିସେମ୍ବର ୨୦୨୫ (ମଙ୍ଗଳବାର) କରିଦେଇଛନ୍ତି । ସେଭଳି ୟୁପିରେ ଏସଆଇଆର ଅନ୍ତିମ ତାରିଖ ୨୬ରୁ ବଢାଇ ୩୧ ଡିସେମ୍ବର (ବୁଧବାର) କରିଦେଇଛନ୍ତି । ନିର୍ବାଚନ କମିଶନ ଏହି ସବୁ ରାଜ୍ୟର ନାଗରିକଙ୍କୁ ଅପିଲ କରିଛନ୍ତି, ବଢିଥିବା ତାରିଖର ଲାଭ ଉଠାଇ ଶୀଘ୍ର ନିଜର କାମ ପୁରା କରିନିଅ । ଅନ୍ୟପକ୍ଷେ ଉତର ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ନଭଦୀପ କହିଛନ୍ତି ରାଜ୍ୟରେ ଏସଆଇଆରର ପକ୍ରିୟାକୁ ସୁବ୍ୟବସ୍ଥିତ ଢଙ୍ଗରେ ପୂରଣ କରିବା ତଥା ଶୁଦ୍ଧ ମତଦାତା ସୂଚୀକୁ ତିଆରି କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କୁ ୨ ସପ୍ତାହର ସମୟ ଆହୁରି ବଢାଇବାକୁ ଅନୁରୋଧ କରାଯାଇଥିଲା ଯାହାଫଳରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ମୃତକ, ଶିଫ୍ଟେଡ୍ ତଥା ଅନୁପସ୍ଥିତ ମତଦାତାଙ୍କ ପୁନଃଯାଂଚ କରିହେବ । ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଯୋଗ୍ୟତା ତାରିଖ ୧ ଜାନୁଆରୀ ୨୦୨୬ ଆଧାରରେ ଚାଲିଥିବା ରାଜ୍ୟରେ ଏସ୍‌ଆଇଆର ଘୋଷିତ ତାରିଖକୁ ବଢାଇ ପୁନଃ ସଂଶୋଧିତ ତାରିଖ ଜାରି କରି ଦିଆଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ସଂଶୋଧିତ ତାରି ଅନୁସାରେ, ୨୬ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଗଣନା ଅବଧି ନିର୍ଦ୍ଧାରିତ କରାଯାଇଛି । ସେ କହିଛନ୍ତି, ନିର୍ବାଚନ ତାଲିକା ପ୍ରସ୍ତୁତକାରୀ ଏବେ ୩୧ ଡିସେମ୍ବର ୨୦୨୫ରେ ହେବ । ଦାବି ଓ ଆପତି ପ୍ରାପ୍ତ କରିବାର ଅବଧି ୩୧ ଡିସେମ୍ବର ୨୦୨୫ ରୁ ୩୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି । ୩୧ ଡିସେମ୍ବର ୨୦୨୫ ରୁ ୨୧ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନୋଟିସ୍ ଚରଣ ଗଣନା ଫର୍ମ ଗୁଡିକ ଉପରେ ନିଷ୍ପତି ଓ ଦାବି ଏବଂ ଆପତିକୁ ନଷ୍ଟ କରାଯିବ । ଉତର ପ୍ରଦେଶ ମତଦାତା ସୂଚୀର ଅନ୍ତିମ ପ୍ରକାଶନ ଏବେ ୨୮ ଫେବୃଆରୀ ୨୦୨୬କୁ କରାଯିବ ।

୬୦ ଗ୍ରାମ୍ 'ଅଫିମ' ପାଇଁ ହାଇକୋର୍ଟ କବାଟ ପିଟିଲେ ବୃଦ୍ଧ

କଟକ, ୧୧/୧୨ (ଆ.ପ୍ର) : କିଏ ଘର, କିଏ ଜମି, କିଏ ନ୍ୟାୟ ପାଇଁ କିଏ ନିଜ ଦାବି ପାଇଁ...ଭିନ୍ନ ଭିନ୍ନ ସମସ୍ୟା ଓ କାରଣ ପାଇଁ କୋର୍ଟର ଦ୍ୱାରସ୍ଥ ହୁଅନ୍ତି । ହେଲେ କେବେ ଶୁଣିଛନ୍ତି ଅଫିମ୍ ଖାଇବାକୁ ହାଇକୋର୍ଟରେ ଆବେଦନ ହୋଇଛି । କେହି ବ୍ୟବସାୟୀ କିମ୍ବା ବଡ଼ ବଡ଼ିଆ ନୁହେଁ ସାଧାରଣ ଜଣେ ବ୍ୟକ୍ତି, ବୟସ ୬୫...ସେ ପିଟିଛନ୍ତି ହାଇକୋର୍ଟଙ୍କ କବାଟ । ଜଣାଇଛନ୍ତି ନିଜ 'ଅଫିମ' ଗୁହାରୀ । ଏବେ ଟିକିଏ ରାମଚନ୍ଦ୍ରଙ୍କ କାହାଣୀ ଉପରେ ସମ୍ପୂର୍ଣ୍ଣ ନଜର ପକାନ୍ତୁ । ଯୁବାବସ୍ଥାରୁ ଅଫିମ୍ ଅଭ୍ୟାସରେ ପଡ଼ିଯାଇଥିଲେ, ପରିସ୍ଥିତି ଏମିତି ହେଇଛି କି ସେ ଖାଲି ଅଫିମ୍ ପଛରେ ନୁହେଁ, ଅଫିମ୍ ରାମଚନ୍ଦ୍ରଙ୍କୁ ଯେମିତି ନିଜ ଅକ୍ତିଆରକୁ ନେଇଛି । ଦିନରେ ଟିକିଏ ରାତିରେ ଟିକିଏ ଅଫିମ୍ ନଖାଇଲେ ନିଦ ହୁଏନି କି ଭୋକ ଲାଗେନି । ଖାଲି ଏତିକି ନୁହେଁ ଅଫିମ୍ ବାସ୍ନା ନପାଇଲେ ସାରା ଦୁନିଆକୁ ଜୁଆଡ଼େ ମୁଣ୍ଡରେ ଉଠାଇ ନିଅନ୍ତି ରାମ । ନା କାହାକୁ ଚିହ୍ନି ପାରନ୍ତି ନା କାହା କଥା ମାନନ୍ତି, ଜିନଷ ଭଙ୍ଗାଭଙ୍ଗି ଆଉ ଫିଙ୍ଗା ଫୋପଡ଼ା ତ ସାମାନ୍ୟ କଥା । ନିଶ୍ୱାସ ବି କୁଆଡ଼େ ବନ୍ଦ ହେଲା ଭଳି ଲାଗେ । ଜୀବନ ଥାଇ ବି ନଥିଲା ଭଳି ହେଇଯାଏ । ଗତ ୫ ଦଶନ୍ଧି ଧରି ଅଫିମ୍ ସହ ବଂଚୁଥିବା ରାମଙ୍କ ବୟସ ଯେମିତି ବଢ଼ିଛି ସେଇ ତୁଳନାରେ ଅଫିମ । ପୂର୍ବରୁ ୧୫ ପରେ ୨୨ ଏବଂ ଏବେ ୪୦ ଗ୍ରାମ୍ ଅଫିମ ଦିନକୁ ଖାଉଛନ୍ତି । ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ପରେ ଅବକାରୀ ବିଭାଗ ରାମଙ୍କୁ ସ୍ୱତନ୍ତ୍ର କାର୍ଡ ଦେଇଛି, ଆଉ ଅଫିମ୍ ବି ଯୋଗାଉଛି । ହେଲେ ଏବେ ୪୦ ଗ୍ରାମ ନିଅଂଟ ପଡୁଛି କିନ୍ତୁ ଅଧିକ ବି ଦେଇପାରୁନି ଅବକାରୀ ବିଭାଗ । ତେଣୁ ବାଧ୍ୟ ହୋଇ ୬୦ ଗ୍ରାମ୍ ଅଫିମ ପାଇଁ ଉଚ୍ଚ ନ୍ୟାୟାଳୟରେ ଗୁହାରି ଜଣାଇଛନ୍ତି । କୋର୍ଟ ବି ଆବେଦନକୁ ଗୁରୁତ୍ୱ ସହ ନେବା ସହ ରାମଙ୍କୁ ଅଫିମ୍ ମୁକ୍ତ ପାଇଁ ଚିକିତ୍ସା କରାଇବାକୁ ପରାମର୍ଶ ଦେଇଛନ୍ତି । ଅଫିମ୍ ନେବା ଆଉ ତା ବିନା ବଂଚି ନପାରିବା ଏକ ଅଭ୍ୟାସ । ଅନ୍ୟ ନିଶା ଦ୍ରବ ଭଳି ଯେ ବି ମଣିଷକୁ ନିଜ ନିୟନ୍ତ୍ରଣରେ ନେଇ ନିଏ ।

ପୁଲିସ ଡିଜିଙ୍କୁ ସୁପ୍ରିମକୋର୍ଟଙ୍କ ଶୋ'କଜ୍ ନୋଟିସ୍

ଭୁବନେଶ୍ୱର, ୧୧/୧୨ (ଆ.ପ୍ର) : ସଡ଼କ ଦୁର୍ଘଟଣା ବୀମା ଜାଲିଆତି ମାମଲାର ତଦନ୍ତରେ 'ଅତ୍ୟନ୍ତ ଖାମଖିଆଲି ମନୋଭାବ' ପ୍ରଦର୍ଶନ କରିବା ଓ କ୍ରାଇମବ୍ରାଂଚକୁ ତଦନ୍ତ ହସ୍ତାନ୍ତର କରିବା ପୁଲିସ ଡିଜି ୱାଇବି ଖୁରାନିଆଙ୍କୁ ମହଙ୍ଗା ପଡ଼ିଛି । ସୁପ୍ରିମକୋର୍ଟ କଡ଼ା ଭର୍ତ୍ସନା କରିବା ସହ କାହିଁକି କାର୍ଯ୍ୟାନୁଷ୍ଠାନ ନିଆ ନଯିବ ସେନେଇ ପୁଲିସ ଡିଜିଙ୍କୁ କୈଫିୟତ ତଲବ କରି ୧୫ତାରିଖ ସୁଦ୍ଧା ବ୍ୟକ୍ତିଗତ ସତ୍ୟପାଠ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଆଉ ସୁପ୍ରିମକୋର୍ଟଙ୍କ ଏଭଳି କଡ଼ା ଆଭିମୁଖ୍ୟ ପରେ ରାଜ୍ୟ ପୁଲିସ ମୁଖ୍ୟାଳୟରେ କମ୍ପନ ସୃଷ୍ଟି ହୋଇଛି । ଡିଜିପି ଶ୍ରୀ ଖୁରାନିଆ ଏନେଇ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ରଙ୍କ ଉପରେ କ୍ଷୁବ୍ଧ ହେବା ସହ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିବା ଓ ରାଜ୍ୟ ସରକାରଙ୍କୁ ଏନେଇ ମଧ୍ୟ ଅବଗତ କରାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି । ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲା ଓ ଜଷ୍ଟିସ ପ୍ରସନ୍ନ ବି. ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ପୁଲିସ ଡିଜିଙ୍କ କାର୍ଯ୍ୟଶୈଳୀକୁ କଡ଼ା ଭର୍ତ୍ସନା କରିଛନ୍ତି । ଏକ ସଡ଼କ ଦୁର୍ଘଟଣା ମାମଲାରେ ବୀମାରାଶି ପ୍ରଦାନକୁ ନେଇ ଉପୁଜିଥିବା ବିବାଦ ଓ ଜାଲିଆତି ଆଶଙ୍କା କରି ଖଣ୍ଡପୀଠ ଗତ ମାର୍ଚ୍ଚ ୬ତାରିଖରେ ଏହାର ଏସଆଇଟି ତଦନ୍ତ ସହ ମାସକ ମଧ୍ୟରେ ରିପୋର୍ଟ ଦାଖଲ ନିମନ୍ତେ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ପୁଲିସ ଡିଜି ଏହି ମାମଲାର ତଦନ୍ତର ତଦାରଖ ନିଜେ କରିବା ପରିବର୍ତ୍ତେ ଏହାକୁ କ୍ରାଇମବ୍ରାଂଚକୁ ହସ୍ତାନ୍ତର କରିଥିଲେ । ଆଉ କ୍ରାଇମବ୍ରାଂଚର ବରିଷ୍ଠ ଅଫିସରମାନେ ଏଥିପ୍ରତି ବିଶେଷ ଗୁରୁତ୍ୱ ନଦେଇ ଜଣେ ଡିଏସପି ପାହ୍ୟାର ଅଫିସରଙ୍କ ଉପରେ ଛାଡ଼ି ଦେଇ ଚୁପ୍ ବସିଯାଇଥିଲେ । ଖଣ୍ଡପୀଠ ନଭେମ୍ବର ୨୭ତାରିଖରେ ଶୁଣାଣିବେଳେ ପୁଲିସ ଡିଜିଙ୍କ ଏଭଳି ଦାୟିତ୍ୱହୀନତାକୁ ଖାମଖିଆଲି ମନୋଭାବ ବୋଲି ବିବେଚନା କରି ଡିସେମ୍ବର ୧୫ତାରିଖ ସୁଦ୍ଧା ତାଙ୍କୁ 'ବ୍ୟକ୍ତିଗତ ସତ୍ୟପାଠ' ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ, କୋର୍ଟ ସିଧାସଳଖ ପୁଲିସ ଡିଜିଙ୍କୁ ଏହି ତଦନ୍ତର ଦାୟିତ୍ୱ ଦେଇଥିଲେ । କିନ୍ତୁ ତଦନ୍ତକାରୀ ଡିଏସପି ଏନେଇ ବିଶେଷ ତଦନ୍ତ ନକରି ରିପୋର୍ଟ ଦାଖଲ କରିଦେଇଛନ୍ତି । ଏପରିକି ବୀମା କମ୍ପାନୀଠାରୁ ଆବଶ୍ୟକ ଦସ୍ତାବିଜ ମାଗିବାକୁ ଉଚିତ୍ ମଣିନଥିଲେ କିମ୍ବା ତାଙ୍କର ତଦନ୍ତ ରିପୋର୍ଟକୁ ମଧ୍ୟ ପୁଲିସ ଡିଜି ଯାଂଚ କରିନଥିଲେ ବୋଲି ଖଣ୍ଡପୀଠ ଜାଣିବାକୁ ପାଇଛନ୍ତି ।

ସୁଶାସନ ସପ୍ତାହ ଜିଲ୍ଲାରେ ଚଳିତ ଡିସେମ୍ବର ୧୯ରୁ ୨୩ ତାରିଖ ପାଳିତ ହେବ

ଖୋର୍ଦ୍ଧା, ୧୧/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସୁଶାସନ ସପ୍ତାହ ଓ ଡିସେମ୍ବର ୨୫ ତାରିଖରେ ସୁଶାସନ ଦିବସ ପାଳନ ନିମିତ ଆଲୋଚିରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଆଲୋଚି ବୈଠକରେ ଜିଲ୍ଲାର ସମସ୍ତ ବି ଡି ଓ, ତହସିଲଦାର, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଯୋଡ଼ି ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପ୍ରକାଶ କରିଥିଲେ ଯେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଡିସେମ୍ବର ୨୫ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାଳନ କରାଯିବ । ଏହି ସୁଶାସନ ସପ୍ତାହ ପାଳନ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମିଶନ ମୋଡ୍ ରେ ଜନତାଙ୍କ ଅଭିଯୋଗ ଗୁଡ଼ିକୁ ସମାଧାନ କରାଯିବ । ଆସନ୍ତା ଡିସେମ୍ବର ୨୨ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକରେ ପଲ୍ଲୀରେ ପ୍ରଶାସନ କ୍ୟାମ୍ପ କରାଯାଇ ଲୋକମାନଙ୍କର ଆପତି ଅଭିଯୋଗ ଗୁଡ଼ିକର ଶୁଣାଣି କରାଯିବ । ଡିସେମ୍ବର ୧୯,୨୦,୨୧,୨୩ ତାରିଖରେ ଜିଲ୍ଲାର ସମସ୍ତ ବି ଡି ଓ, ତହସିଲଦାର, ଖୋର୍ଦ୍ଧା ପୌର ପରିଷଦ ନିର୍ବାହୀ ଅଧିକାରୀ, ବାଣପୁର, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଉପନିର୍ଦ୍ଦେଶକ, ମତ୍ସ୍ୟ ବିଭାଗ, ଜିଲ୍ଲା ପଶୁ ସମ୍ପଦ ବିଭାଗ, ଟି ପି ସି ଓ ଡି ଏଲ ତଥା ବିଦ୍ୟୁତ୍ ବିଭାଗ, ଜିଲ୍ଲା ଶିକ୍ଷା ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଆଦି ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ ବିଭାଗ ଗୁଡ଼ିକ ୪ ଦିନ ଯାକ ଲଗାତର ଜନଶୁଣାଣି ଶିବିର ଆୟୋଜନ କରାଇ ସର୍ବାଧିକ ଅଭିଯୋଗ ଗୁଡ଼ିକୁ ସମାଧାନ କରି ଦୈନନ୍ଦିନ ଅଭିଯୋଗ ଫଇସଲା ରିପୋର୍ଟ ଓ ହିତାଧିକାରୀ ଏବଂ ଅଭିଯୋଗ ପ୍ରକୋଷ୍ଠରେ ଲାଭାନ୍ୱିତ ହୋଇଥିବା ଜନସାଧାରଣଙ୍କ ଚାକ୍ଷୁଷ ବା ଦୃଷ୍ଟିଗତ ଫଟୋ ଓ ଯୋଜନା ସଂପର୍କୀତ ସଫଳ କାହାଣୀ ଜିଲ୍ଲା ପ୍ରଶାସନକୁ ପଠାଇବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ବୈଠକରେ ନୋଡାଲ ଅଧିକାରୀ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ,ଜଷ୍ଟରିବାଳା ଜେନା, ଡେପୁଟି କଲେକ୍ଟର, ନ୍ୟାୟିକ, ଅନନ୍ୟା ସୃଷ୍ଟି ଶତପଥୀ, ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

ବାଲୁଗାଁ ଅବକାରୀ ବିଭାଗ ଦ୍ୱାରା ମହୁଲି ମଦ ଜବତ

ଚିଲିକା/ବାଣପୁର, ୧୧/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅବକାରୀ ବିଭାଗର କର୍ମଚାରୀ ମାନେ ଖୋର୍ଦ୍ଧା ଅବକାରୀ ଅଧିକ୍ଷିକା ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ୱାବଧାନରେ ଏବଂ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେତା ବୁଧବାର ଦିନ ବାଣପୁର ଥାନା ଏବଂ ନାଚୁଣୀ ଥାନା ଅଧୀନ ବଡସିରାଇପୁର, ସଲପଡ଼ିହ, ଗ୍ରାମରେ ଚଢ଼ାଉ କରି ଦୁଇଟି ମୋଟର ସାଇକେଲ ଓ.ଡି-୦୨-ବି.ୟୁ ୨୧୧୩ , ଓ.ଆର.୦୨-ବି.ଏ - ୩୭୯୮ ସହ ଚୋରା ମଦ ବିକ୍ରି କରୁଥିବା ତିନିଜଣଙ୍କୁ, ୫୧୦ ଲିଟର ମହୁଲି ମଦ ଜବତ କରିବା ସହ କେସ ନଂ ୨୨୪/ ୨୨୫ - ୨୦୨୫/୨୬ ରେ ଗିରଫ କରି କୋର୍ଟ ଚାଲାଣ କରିବାରେ ବାଲୁଗାଁ ଅବକାରୀ ବିଭାଗ ସଫଳ ହୋଇଛି । ଅନ୍ୟତ୍ର କେଉଁ ଠାରେ ଏଭଳି ମହୁଲି ମଦ ବିକ୍ରିବଟା ହେଉଛି ତାହାର ଖୋଳତାଡ଼ ଜାରିରଖିଛି । ଏହି ଚଢ଼ାଉରେ ଟାଙ୍ଗୀ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ର, ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ସମେତ କର୍ମଚାରୀ ଅଶେଷ କୁମାର ପ୍ରଧାନ, ରଂଜିତ ପଟେଲ, ସୁନିତା ମହାରଣା, ମନୋଜ କୁମାର ଜୟ ସିଂ, ଅନିଲ ପ୍ରଧାନ, ସସ୍ମିତା ସେଠୀ, କାନ୍ଦୁ ପ୍ରଧାନ ପ୍ରମୁଖ ଭାଗନେଇ ଥିଲେ । ହେଲେ ଚଳିତ ବର୍ଷ ବାଣପୁର, ବାଲୁଗାଁ, ଟାଙ୍ଗୀ ଅଂଚଳରେ ଯେଉଁଭଳି ଚୋରା ମହୁଲି ଏବଂ ମଦ ଜବତ ହେଲାଣି ଆଗରୁ କେବେ ଏପରି ଦେଖାଯାଇ ନଥିଲା ।

ବଡ଼ଦିନ ପାଇଁ ପୋଲିସ ତରଫରୁ ଜି.ଉଦୟଗିରିରେ ଫ୍ଲାଗମାର୍ଚ୍ଚ

ଜି.ଉଦୟଗିରି, ୧୧/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ସମସ୍ତ ଚର୍ଚ୍ଚ ଗୁଡ଼ିକରେ ପ୍ରାକ୍ ବଡ଼ଦିନ ପାଳନ ଚାଲିଥିବା ବେଳେ ବଡ଼ଦିନ ପାଇଁ ସଜ ହେଉଛି ଚର୍ଚ୍ଚ । ଚଳିତ ବର୍ଷ ବଡ଼ଦିନକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ପୁରା ଜିଲ୍ଲାରେ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ସ୍ଥାନ ରେ ଶାନ୍ତି କମିଟି ବୈଠକ କରାଯିବା ସହିତ ପୋଲିସର ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଗୁରୁବାର ସଂଧ୍ୟାରେ ଜି.ଉଦୟଗିରି ପୋଲିସ ତରଫରୁ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେରେ ଆୟୋଜିତ ଏହି ଫ୍ଲାଗ ମାର୍ଚ୍ଚ ରେ ମହିଳା ଇନ୍ସପେକ୍ଟର ରଂଜିତା ବେହେରା, ଏସଆଇ ରୂପକ କୁମାର ଦଳେଇ ପ୍ରମୁଖଙ୍କ ଉପସ୍ଥିତି ରେ ସହର ପରିକ୍ରମା କରିଥିଲେ ପୋଲିସ ବାହିନୀ । ବଡ଼ ଦିନକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ପୋଲିସ ତରଫରୁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ବେଳେ ସୁରକ୍ଷା ବ୍ୟବସ୍ଥା କଡ଼ା କଡ଼ି କରାଯାଇଛି । ପୋଲିସ ବିଭାଗ ତରଫରୁ ସମସ୍ତଙ୍କୁ ବଡ଼ଦିନ ର ଶୁଭେଚ୍ଛା ଓ ଶୁଭକାମନା ଦିଆଯିବା ସହ କୌଣସି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ଅଧିକାରୀ ।

ଶିକ୍ଷାର ଉପଯୋଗରେ ମରୁଭୂମି ନୁହେଁ, ମରୁଦ୍ୟାନ ସୃଷ୍ଟି ହୋଇଥାଏ : ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର

ବଣାଇଁ, ୧୧/୧୨ (ଆ.ପ୍ର) : ବଣାଇଁ ସହରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୨୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଣାଇଁ ସହକାରୀ ଜିଲ୍ଲାପାଳ କୁଳମଣି ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବଣାଇଁ ଏ ଡି ଡବ୍ଲୁ ଓ ବାବୁଲାଲ ମାଝୀ, ବଣାଇଁ ସମ୍ମାନିତ ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାଏକ,ବଣାଇଁ ଉପ କାରାଗାର ଅଧିକ୍ଷକ ରାଜୀବ କୁମାର ମୁର୍ମୁ,ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଦୀପ କୁମାର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରେନ୍ଦ୍ର କୁମାର ସାହୁ,ସ୍କୁଲର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ବଳଦେବ ମହାନ୍ତି ମଂଚାସୀନ ହୋଇଥିଲେ । ପ୍ରଥମେ ବିଦ୍ୟାଳୟ ର ଛାତ୍ରୀମାନେ ଅତିଥିମାନଙ୍କ ପାଇଁ ସ୍ୱାଗତ ଗୀତ ଗାନ କରିଥିଲେ । ଏହି କ୍ରମରେ ଉପସ୍ଥିତ ଅତିଥି ଛାତ୍ରଛାତ୍ରୀ ଙ୍କୁ ତାଙ୍କ ଅଭିଭାଷଣରେ କହିଲେ ଯେ ଜୀବନକୁ ସଫଳତା ଦିଗରେ ଆଗେଇନେବାକୁ କଲେଜ ଜୀବନର ଶିକ୍ଷା କେବଳ ସହାୟକ ନୁହେଁ, ଏହା ବ୍ୟକ୍ତିର ଲୁକ୍କାୟିତ ବୌଦ୍ଧିକତା ଓ ଜ୍ଞାନ ପିପାସାର ଭିତରର ସାମର୍ଥ୍ୟକୁ ଉନ୍ମୋଚନ କରିଥାଏ । ଯଦି ଏହି ଅନ୍ତର୍ନିହିତ କ୍ଷମତାକୁ ଆବିଷ୍କାର କି ଉଦ୍ଦୀପିତ କରା ନ ଯାଏ, ଏହା ଛୋଟ ଛୋଟ ବିପଦ ସୃଷ୍ଟି କରେ । ଅନ୍ୟପକ୍ଷରେ ଏହି କ୍ଷମତାର ସର୍ବାଧିକ ବିନିଯୋଗ ଦକ୍ଷ ବୃତିଧାରୀ ଗଢ଼ିବା ସହିତ ଅଜଣା ଆହ୍ୱାନର ମୁକାବିଲା ପାଇଁ ସାମର୍ଥ୍ୟ ଆଣି ଦେଇଥାଏ। ଶିକ୍ଷା ସମାଜ ବିକାଶର ମାର୍ଗଦର୍ଶକ ଓ ଉତ୍ପ୍ରେରକ । ଜନଗଣଙ୍କୁ ଶକ୍ତିଶାଳୀ କରିବାରେ ଏହା ଏକ ଅବିଚ୍ଛେଦ୍ୟ ମାଧ୍ୟମ ବୋଲି କୁହାଯିବ ।ଉତମ ଶିକ୍ଷା ବ୍ୟବସ୍ଥାରେ ନୈତିକତା ଉଚିତ ଆଚରଣ ଓ ଯୁକ୍ତିଯୁକ୍ତ ମୂଲ୍ୟବୋଧ ଥାଏ, ଯାହା ଅତୀତ ଓ ଭବିଷ୍ୟତର ବିଭ୍ରାନ୍ତିକର ତଥା ହାନିକାରକ ନିଷ୍ପତିକୁ ନିସ୍ତୁଳ କରିଥାଏ । ଆମ ଶିକ୍ଷାନୁଷ୍ଠାନଗୁଡିକରେ କାମ କରିବା ପାଇଁ ପ୍ରତିଭାବାନ ଓ ବୌଦ୍ଧିକ ଶକ୍ତିସମ୍ପନ୍ନ, ସାଧୁତାସମ୍ପନ୍ନ ଗବେଷକଙ୍କର ପ୍ରୟୋଜନୀୟତା ରହିଛି । ଏହା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ଖେଳରେ ଅଂଶଗ୍ରହଣ କରିଥିବା ବିଜ୍ଞାନ ଓ ଚିତ୍ରକଳା ହସ୍ତକଳାରେ ଅଂଶଗ୍ରହଣ କରି ଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ବସନ୍ତ ସାହୁ, ରୋହିତ କୁମାର ସାହୁ, ଅକ୍ଷୟ କୁମାର ଦାଶ, ନନ୍ଦିତା ସେନ, ରଞ୍ଜିତା ସରାପ, ସୁମନ୍ତ କୁମାର, ମଧୁସ୍ମିତା ମହାନ୍ତ, ସଞ୍ଜୟ ସିଂ,ନିରୁପମା ସାହୁ, ସସ୍ମିତା ମହାନ୍ତି, ଜୋଶ୍ନା ରାଣୀ ଗଡ଼ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ସ୍ମିତା ରାଣୀ ପ୍ରଧାନ, ରୁବି ରାଣୀ ସେନାପତି, ରାନୁ ଥାପା, ଜ୍ୟୋତି ରଞ୍ଜନ ମହାନ୍ତ, ତନ୍ମୟ ପ୍ରଧାନ, ଲିପ୍ସିକାନ୍ତ ସାହୁ,ପ୍ରମୁଖ ଉପସ୍ଥିତ ରହି ଥିବାବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟି କରଣ ନେଇ ତାଲିମ ଶିବିର

ବାଲିଗୁଡ଼ା, ୧୧/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟି କରଣ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଣିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ଜିଲ୍ଲା ଭିନ୍ନକ୍ଷମ କଲ୍ୟାଣ ଅଧିକାରୀ ପି. ପଦ୍ମା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ନମିତା କୁମାରୀ ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଶ୍ରୀ ପଣ୍ଡା ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟ ପ୍ରକ୍ରିୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ନିଜର ମତବ୍ୟକ୍ତ ପ୍ରଦାନ କରିବା ସହ ଭିନ୍ନକ୍ଷମ ଶିଶୁଙ୍କ ପାଇଁ ଥିବା ମାଗଣା ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ । ବିଭିନ୍ନ ବ୍ଲକରେ ଖାଲିପଡିଥିବା ଅଙ୍ଗନବାଡ଼ି ଓ ସହାୟକଙ୍କ ପଦବୀ ସହ କେନ୍ଦ୍ର ଗୁଡିକର ସ୍ଥିତି ସମ୍ପର୍କରେ ଉପ-ଜିଲ୍ଲାପାଳ ଆଲୋଚନା କରିଥିଲେ । ଖାଲି ପଡ଼ିଥିବା ପଦବୀକୁ ଯଥା ଶୀଘ୍ର ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସକ୍ଷମ ଅଙ୍ଗନବାଡ଼ିରେ କ'ଣ ସବୁ ସୁବିଧା ଅସୁବିଧା ରହିଛି ସେ ବିଷୟରେ ମଧ୍ୟ ପଚାରି ବୁଝିଥିଲେ । ବୈଠକରେ ବ୍ଲକରୁ ଆସିଥିବା କର୍ମୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଆବଶ୍ୟକ ସୁବିଧା ବିଷୟରେ ଉପ-ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ସମସ୍ୟା ଗୁଡିକର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଉପ-ଜିଲ୍ଲାପାଳ ଆଶ୍ୱାସନା ଦେଇଥିଲେ । ଏଥିରେ ପ୍ରତ୍ୟେକ ବ୍ଲକର ଶିଶୁ ସୁରକ୍ଷା ପ୍ରକଳ୍ପ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ମହିଳା ସୁପରଭାଇଜର ମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।

ଆଗାମୀ ପୁସ୍ତକମେଳା ପରିପ୍ରେକ୍ଷୀରେ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷା ମାନଙ୍କ ବୈଠକ



ଜଗତସିଂହପୁର, ୧୧/୧୨ (ଆ.ପ୍ର) : ଆଗାମୀ ଜାନୁଆରୀ ମାସ ୧୫ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୭ ତମ ଜଗତସିଂହପୁର ପୁସ୍ତକମେଳା ପରିପ୍ରେକ୍ଷୀରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜଗତସିଂହପୁର ଜିଲ୍ଲାର ସମସ୍ତ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଜ୍ୟୋତିଶଙ୍କର ରାୟ ଯୋଗଦେଇ ପୁସ୍ତକମେଳାରୁ ଅଧିକରୁ ଅଧିକ ପୁସ୍ତକ କ୍ରୟ କରିବା ଛାତ୍ର ଛାତ୍ରୀ ମାନଙ୍କୁ ପୁସ୍ତକମେଳାରେ ସାମିଲ କରି ପୁସ୍ତକମେଳା କୁ ସଫଳ କରିବାକୁ ସମସ୍ତ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ବୈଠକରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଉପଦେଷ୍ଟା ପ୍ରଦୀପ କୁମାର ଶତପଥୀ ଯୋଗଦେଇ ସମସ୍ତ ଅଧ୍ୟକ୍ଷ ମାନଙ୍କୁ ପ୍ରଥମେ ପୁସ୍ତକମେଳାର ସଦସ୍ୟ ହେବା ସହ ଏହି ପୁସ୍ତକ ଆନ୍ଦୋଳନରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ ।ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ସମ୍ପାଦକ ସାରଦା ପ୍ରସାଦ ଦାସ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ ପ୍ରମୁଖ ସହଯୋଗ କରିଥିଲେ ।

ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନାରେ ଜମି ଅଧିଗ୍ରହଣ ପଟ୍ଟା ପ୍ରଦାନ

ଜଗତସିଂହପୁର, ୧୧/୧୨ (ଆ.ପ୍ର) : ଜଗତସିଂହପୁର ବ୍ଲକ ଆଳିପିଙ୍ଗଳ ଗ୍ରାମ ପଂଚାୟତ ଅନ୍ତର୍ଗତ ବାଲିଘାଇ ବସ୍ତିର ୧୬ ଭୂମିହୀନ ଅନୁସୂଚୀତ ଜାତି ଭୋଇ ପରିବାର ଦୀର୍ଘ ୭୭ ବର୍ଷ ଧରି ସରକାରୀ ଜମିରେ ବସତି ସ୍ଥାପନ କରି ଆସୁଥିଲେ । କିଛି ମାସ ତଳେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଉଚ୍ଛେଦ କରିବା ସହିତ ଗ୍ରାମ୍ୟ ଶ୍ମଶାନ ପଡ଼ିଆରେ ରହିବାକୁ ନିର୍ଦ୍ଦେଶ ଦେବା ସହିତ ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ପଲିଥିନ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥିଲେ ।ଶେଷରେ ସମସ୍ତ ୧୬ ଟି ଭୂମିହୀନ ପରିବାର ଙ୍କ ତରଫରୁ ଦଳିତ ବିକାଶ ପରିଷଦ, ସଭାପତି ଶଙ୍କର ଦାସ ଙ୍କ ଉପରେ ଭରଷା କରିଥିଲେ । ଆଜି ଦଳିତ ବିକାଶ ପରିଷଦ ଜଗତସିଂହପୁର ତରଫରୁ ଜଗତସିଂହପୁର ତହସିଲ ତରଫରୁ ୧୬ ଟି ଭୂମିହୀନ ପରିବାର ଙ୍କ ବସୁନ୍ଧରା ଯୋଜନାରେ ଅନଲାଇନ ରେ ଉପଲବ୍ଧ ଜମି ଅଧିଗ୍ରହଣ ପଟ୍ଟା ଜିଲ୍ଲା ଦଳିତ ବିକାଶ ପରିଷଦ ଜଗତସିଂହପୁର ତରଫରୁ କୌଶଲ୍ୟା ଭୋଇ ସ୍ୱାମୀ ଡୋଫାନ ଭୋଇ, ବନିତା ଭୋଇ ସ୍ୱାମୀ ସୁନିଲ କୁମାର ଭୋଇ, ଖୋକନା ଭୋଇ ସ୍ୱାମୀ ଜଙ୍ଗଲି ଭୋଇ, କମଳୀ ଭୋଇ ସ୍ୱାମୀ ପ୍ରଭାତ ଭୋଇ, ରଶ୍ମିତା ଭୋଇ । ସ୍ୱାମୀ ନିଧି ଭୋଇ, ସଂଯୁକ୍ତା ଭୋଇ ସ୍ୱାମୀ ଶିବ ଭୋଇ, ରାନୁ ଭୋଇ ସ୍ୱାମୀ ସୁନୟା ଭୋଇ, ଅନୁପମା ଭୋଇ ସ୍ୱାମୀ ନବଘନ ଭୋଇ, ଝିଳି ଭୋଇ ସ୍ୱାମୀ ବୁଦ୍ଧଦେବ ଭୋଇ,ଲକ୍ଷ୍ମୀ ଭୋଇ ସ୍ୱାମୀ ଆଶି ଆଶିଶ ଭୋଇ, ଝରଣା ଭୋଇ ସ୍ୱାମୀ ଆକାଶ ଭୋଇ,ମାମିନା ଭୋଇ ସ୍ୱାମୀ ବିଜୟ କୁମାର ଭୋଇ, ସୁନା ଭୋଇ ସ୍ୱାମୀ ଲକ୍ଷ୍ମଣ ଭୋଇ,ଲିପିକା ଭୋଇ ସ୍ୱାମୀ ଲିଟୁ ଭୋଇ, ମମତା ଭୋଇ ସ୍ୱାମୀ ମିଟୁ ଭୋଇ, ଦେବସ୍ମିତା ଭୋଇ ସ୍ୱାମୀ ସଞ୍ଜୟ କୁମାର ଭୋଇ ପ୍ରମୁଖ ଙ୍କୁ ପ୍ରଦାନ ପରକାଇଥିଲ ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା-୨୦୨୩ରେ ଜିଲ୍ଲାରୁ ଉତୀର୍ଣ୍ଣ କୃତୀ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର, ୧୧/୧୨ (ଆ.ପ୍ର) : ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଓଡ଼ିଶା ପ୍ରଶାସନିକ ସେବା-୨୦୨୩ରେ ଜଗତସିଂହପୁର ଜିଲ୍ଲାରୁ ଉତୀର୍ଣ୍ଣ ନୂତନ ପ୍ରଶାସନିକ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସମ୍ମାନନୀୟ ଜିଲ୍ଲାପାଳ ଜେ ସୋନାଲ ମହୋଦୟ ପ୍ରଥମେ ନୂତନ ଅଧିକାରୀମାନଙ୍କୁ ସେମାନଙ୍କ ପରିଚୟ ପଚାରିଥିଲେ ଓ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବାକୁ ଉପଦେଶ ଦେଇଥିଲେ । ସେ ତାଙ୍କ ପ୍ରଶାସନିକ କର୍ମକ୍ଷେତ୍ରରେ ସମ୍ମୁଖୀନ ହୋଇଥିବା କିଛି ସମସ୍ୟା ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ ଏବଂ ସଚ୍ଚୋଟ ଓ ସ୍ୱଚ୍ଛ ଭାବରେ ନିଜ କର୍ମ କ୍ଷେତ୍ରରେ ଆଗେଇବା ପାଇଁ କହିଥିଲେ । ଏହି ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ନୂତନ ଅଧିକାରୀମାନଙ୍କୁ ସଚ୍ଚୋଟତାର ସହ ଲୋକମାନଙ୍କ ସେବା କରିବା ପାଇଁ ଉପଦେଶ ଦେବା ସହ ସେମାନଙ୍କୁ ସେମାନଙ୍କ କର୍ମକ୍ଷେତ୍ରରେ ଉନ୍ନତି କରିବା ଦିଗରେ ପ୍ରୋତ୍ସାହନ ଦେଇଥିଲେ । ସଭାରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ କହିଥିଲେ ଯେ ଶିକ୍ଷା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଏବଂ ଆମେ ପ୍ରତ୍ୟେକ ଦିନ ପ୍ରତ୍ୟେକ କ୍ଷେତ୍ରରେ ଶିଖିବା ଓ ତାକୁ କାର୍ଯ୍ୟକାରୀ କରିବା । ସେ ମଧ୍ୟ ତାଙ୍କ ଚାକିରି କ୍ଷେତ୍ରର ବିଭିନ୍ନ ଅଭିଜ୍ଞତା ବିଷୟରେ କହିଥିଲେ । ସଭାରେ ଉପସ୍ଥିତ ରହି ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ନିଜ ପ୍ରଶାସନିକ ସେବାର ଯାତ୍ରା ଓ କିଛି ଅଭିଜ୍ଞତା ବିଷୟରେ କହିଥିଲେ ଓ ସର୍ବଦା ଜନସାଧାରଣଙ୍କ ସେବାକୁ ଗୁରୁତ୍ୱ ଦେବା ପାଇଁ ସେ ନୂତନ ଅଧିକାରୀ ମାନଙ୍କୁ ଉପଦେଶ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସଭା ପରିଚାଳନା କରିଥିଲେ । ଶେଷରେ ଜିଲ୍ଲାପାଳ ଓ ଉଚ୍ଚ ପଦାଧିକାରୀ ମାନେ ନୂତନ ପ୍ରଶାସନିକ ଅଧିକାରୀ ମାନଙ୍କୁ ଉତରୀୟ, ଫୁଲ ତୁଣ୍ଡ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସଭାରେ ଡେପୁଟି କଲେକ୍ଟର ଭରତ ଚନ୍ଦ୍ର ପରିଡ଼ା, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ନର୍ଲା ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀ ସଂଗଠନର ସଭାପତି ହେଲେ ଲକ୍ଷ୍ମୀନାରାୟଣ ପଣ୍ଡା

କଳାହାଣ୍ଡି, ୧୧/୧୨ (ଆ.ପ୍ର) : (ଅ.ପ୍ର) : କଳାହାଣ୍ଡି ଜିଲ୍ଲା ନର୍ଲା ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଗତ କାଲି ପୁରାତନ ଛାତ୍ର ସଂଗଠନର ନିର୍ବାଚନ ହେବା ସହ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ବିଦ୍ୟାଳୟରେ କଳାହାଣ୍ଡିର କୋଣ ଅନୁକୋଣରୁ ଆସି ୩୩ଟି ବ୍ୟାଚ୍‌ର ୨୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାସ୍ ହୋଇ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ଚାକିରୀ କରିବା ସହ ଚାଷ, ଖେଳ, ବିଜନେସ୍, ସେବା, ରାଜନିତୀ ଓ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ଚଳିତ ବର୍ଷ ପୁରାତନ ଛାତ୍ର ସଂଗଠନର କାର୍ଯ୍ୟକାଳ ୨ବର୍ଷ ପୁରଣ ହେବାରୁ ନୂତନ ୧୫ଜଣିଆ କାର୍ଯ୍ୟକାରିଣୀ କମିଟି ନିର୍ବାଚନ ଓ ଗଠନ ହୋଇଥିଲା । ସର୍ବସମ୍ମତି କ୍ରମେ ଦ୍ୱିତୀୟ ବ୍ୟାଚ୍‌ର ପୁରାତନ ଛାତ୍ର ଇଂ. ଲକ୍ଷ୍ମୀନାରାୟଣ ପଣ୍ଡାଙ୍କୁ ସଭାପତି ଭାବରେ ଚୟନ କରାଗଲା । ସେ ଜିଲ୍ଲାର ଜଣେ ଜଣାଶୁଣା ସମାଜସେବୀ ଏବଂ ଯୁବ ସଂଗଠକ ଭାବରେ ପରିଚିତ । ତେଣୁ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ବିମଳ ଦୀପ ଉପସଭାପତି, ଭବାନୀ ଶଙ୍କର ପଣ୍ଡା ସାଧାରଣ ସମ୍ପାଦକ, ଭବତୋଷ କୁମାର ଜଗ ଯୁଗ୍ମ ସମ୍ପାଦକ, ସଞ୍ଜୟ କୁମାର ରଣା କୋଷାଧ୍ୟକ୍ଷ, ସରୋଜ ନାଏକ ଯୁଗ୍ମ କୋଷାଧ୍ୟକ୍ଷ ଭାବରେ ଚୟନ ହୋଇଥିଲେ । ଏହି ନିର୍ବାଚନକୁ ମହେଶ କୁମାର ଭାଟି ଓ ଓମ୍ ପ୍ରକାଶ ବାଗ ଇଲେକ୍ସନ କମିଶନ ଭାବରେ ପରିଚାଳନା କରିଥିଲେ । ତାପରେ ପୂର୍ବତନ ଛାତ୍ର ଓ ବର୍ତ୍ତମାନ ଛାତ୍ରଙ୍କ ମଧ୍ୟରେ ଭଲିବଲ ମ୍ୟାଚ୍ ହୋଇଥିଲା । ସ୍କୁଲ ତରଫରୁ ସମସ୍ତଙ୍କ ପାଇଁ ଭୋଜନର ଆୟୋଜନ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଚିନ୍ତାମଣି ଦିବେଦୀ, ଚଳିତ ସଭାପତି ଗୋଲକ ବିହାରୀ ଭୋଇ, ନିର୍ବାଚିତ ସଭାପତି ଲକ୍ଷ୍ମୀନାରାୟଣ ପଣ୍ଡା, ଚଳିତ ସାଧାରଣ ସମ୍ପାଦକ ପ୍ରଦୀପ ବରିହାର ସିଂ, ନିର୍ବାଚିତ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଦୀପ ପ୍ରଜ୍ୱଳିତ କରି ସଭା ଆରମ୍ଭ କରିଥିଲେ । ସମସ୍ତ ମଂଚାସୀନ ବ୍ୟକ୍ତି ନିଜ ନିଜ ଅଭିଭାଷଣ ରଖିଥିଲେ । ୧୪ ନଂ ବ୍ୟାଚ୍‌ର ଏହି ବର୍ଷ ସିଲ୍‌ଭର ଜୁବୁଲି ମନେଇବା ସହ ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ।ତାପରେ ପୂର୍ବତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଅଛି । ଦୀର୍ଘ ବର୍ଷ ଧରି ନର୍ଲାରୁ ନବୋଦୟ ବିଦ୍ୟାଳୟ ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଥିବା ଯୋଗୁଁ ନିର୍ବାଚିତ ସଭାପତି ଦୁଃଖ ପ୍ରକାଶ କରିବା ସହ ଏହା ଉପରେ ଏକ କମିଟି ଯାଇ ଜିଲ୍ଲାପାଳଙ୍କ ସହ କଥାବାର୍ତ୍ତା ହେବେ ଏବଂ ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କ ଉନ୍ନତି ଏବଂ ଜିଲ୍ଲାର ବିକାଶ ପାଇଁ ନୂତନ କମିଟି କାମ କରିବ ବୋଲି କହିଛନ୍ତି । କାର୍ତ୍ତିକ ସୁନା, ସରୋଜ ନାଏକ, ଜଗମୋହନ ପାଢ଼ୀ ମଂଚ ପରିଚାଳନା କରିବା ସହ ସହଯୋଗ କରିଥିଲେ ।

୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ ପ୍ରତିଯୋଗିତା ୨୦୨୫-୨୬ରେ ବାଳକ ବିଭାଗରେ ଗଜପତି ଏବଂ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ

ଜଗତସିଂହପୁର, ୧୧/୧୨ (ଆ.ପ୍ର) : ଜଗତସିଂହପୁର ପରିସରସ୍ଥ ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ଠାରେ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ, ଭୁବନେଶ୍ୱର ଓ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଜଗତସିଂହପୁର ସୌଜନ୍ୟରୁ ୬୯ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତାର ଉତ୍କଣ୍ଠା ପୂର୍ଣ୍ଣ ଫାଇନାଲ ମ୍ୟାଚରେ ବାଳକ ବିଭାଗରେ ଗଜପତି ଜିଲ୍ଲା ଯାଜପୁରକୁ ହରାଇ ଚାମ୍ପିୟନ ହୋଇଥିଲା ବେଳେ ବାଳିକା ବିଭାଗରେ କଟକକୁ ହରାଇ ଭୁବନେଶ୍ୱର ଚାମ୍ପିୟନ ହୋଇଛି । ଏହା ପୂର୍ବରୁ ଅନୁଷ୍ଠିତ ବାଳକ ବିଭାଗରେ ଦୁଇଟି ସେମି ଫାଇନାଲରେ ମାଲକାନଗିରିକୁ ହରାଇ ଯାଜପୁର ଓ ନବରଙ୍ଗପୁରକୁ ହରାଇ ଗଜପତି ଫାଇନାଲକୁ ଉନ୍ନୀତ ହୋଇଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ ସୁଶାନ୍ତ ମହାନ୍ତି, ମାଧ୍ୟମିକ ଶିକ୍ଷା, ଭୁବନେଶ୍ୱରର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଶାରୀରିକ ଶିକ୍ଷାଅଧିକାରୀ ଜୟନ୍ତ କୁମାର ରାୟ, ଜିଲ୍ଲା କ୍ରିକେଟ ସଂଗଠନ ସମ୍ପାଦକ ଅନିଲ କୁମାର ବିଶ୍ୱାଳ, ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ମଣ୍ଡଳ ଶିକ୍ଷା ଅଧିକାରୀ ମିହିର କୁମାର ପାଲ, ମଧୁସ୍ମିତା ପତି, ମନୋଜ କୁମାର ବେହେରା ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଜିଲ୍ଲା ଏବଂ ରନର୍ସ କପ ବିଜେତା ଜିଲ୍ଲାର କ୍ରୀଡ଼ାବିତ ମାନଙ୍କର ସୁଦୀର୍ଘ ଭବିଷ୍ୟତ କାମନା କରିଥିଲେ । ଶାରୀରିକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ଅନୁଷ୍ଠିତ ପ୍ରତିଯୋଗିତାର ଅଭିମୁଖ୍ୟ ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଏବଂ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଂଚ ପରିଚାଳନା କରିଥିଲେ । ଉତ୍ସବ ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲାବେଳେ ଉପସ୍ଥିତ ଥିବା ଜିଲ୍ଲାର କ୍ରୀଡ଼ାବିତମାନେ ସୁନ୍ଦର ଢଙ୍ଗରେ ଜମକ ମାର୍ଚ୍ଚପାଷ୍ଟରେ ପ୍ରତିନିଧିତ୍ୱ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ବାଳକ ବିଭାଗରେ ଗଜପତି ଜିଲ୍ଲାକୁ ଚାମ୍ପିୟନ କପ, ଯାଜପୁର ଜିଲ୍ଲାକୁ ରନର୍ସ କପ, ବାଳିକା ବିଭାଗରେ ଭୁବନେଶ୍ୱରକୁ ଚାମ୍ପିୟନ କପ ଏବଂ କଟକ ଜିଲ୍ଲାକୁ ରନର୍ସ କପ ପ୍ରଦାନ କରାଯାଇଥିଲା । ଅଭୟ କୁମାର ମହାନ୍ତି, ଧର୍ମେନ୍ଦ୍ର ଦାସ ଅଜୟ କୁମାର ଭୋଇ, ବିନୀତ ଖୁଂଟିଆ, ରଞ୍ଜନ କୁମାର ମିଶ୍ର, ରଶ୍ମୀକାନ୍ତ ଦାସ,ସୁଚୀ ସ୍ମିତା ସ୍ୱାଇଁ, ତ୍ରିଲୋଚନ ସାହୁ, ଚନ୍ଦନ କୁମାର ବେହେରା, ଜନରଞ୍ଜନ ବିଶ୍ୱାଳ, ବିକ୍ରମ ମହାପାତ୍ର ଅବଦୁଲ ହମିଦ, ମିଲନ କୁମାର ଓଝା, ଭୁବନାନନ୍ଦ ଦାସ, ସୁଶାନ୍ତ କୁମାର ଦାସ, ଶୁଭଜ୍ୟୋତି ସ୍ୱାଇଁ, ବିନାୟକ ଉପାଧ୍ୟାୟ ତଥା କମିଟିରେ ସ୍ଥାନିତ ମଣ୍ଡଳ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ଶାରୀରିକ ଶିକ୍ଷା ଶିକ୍ଷକ, ରାଜ୍ୟ ତଥା ଜିଲ୍ଲାର କର୍ମକର୍ତା ମାନେ ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

ବାଲେଶ୍ୱର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍‌ଘାଟିତ ହେଲା ଜିଲ୍ଲା ସ୍ତରୀୟ ଯୁବୋତ୍ସବ, ଭାଗ ନେଲେ ୬୦୦ ଯୁବ ପ୍ରତିଯୋଗୀ

ବାଲେଶ୍ୱର, ୧୧/୧୨ (ଆ.ପ୍ର) : ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ ତଥା ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହୋଇଛି । ଓଡିଶା ସରକାରର କ୍ରୀଡା ଓ ଯୁବସେବା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି ଉଦଘାଟନୀ ସଭାରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ସଭାପତିତ୍ୱ କରିଥିଲେ । ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ମ୍ୟୁନିସିପାଲିଟି ଅଧ୍ୟକ୍ଷା ସବିତା ସାହୁ, ଫକୀରମୋହନ କଲେଜ ଅଧ୍ୟକ୍ଷ ଦିନେଶ ଚନ୍ଦ୍ର ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ । ଯୁବମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ନେତୃତ୍ୱ କ୍ଷମତାକୁ ମଂଚ ଦେବା ହେଉଛି ଏହି ଉତ୍ସବର ପ୍ରମୁଖ ଉଦ୍ଦେଶ୍ୟ । ଯୁବକ ଓ ଯୁବତୀମାନେ ଦେଶର ଭବିଷ୍ୟତ ଭାବେ ଦେଶ ଗଠନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଏହି ଉତ୍ସବ ଆଜି ଓ କାଲି ଦୁଇ ଦିନ ଧରି ଆୟୋଜିତ ହେବ । ଏଥିରେ ସର୍ବମୋଟ ୬୦୦ ପ୍ରତିଯୋଗୀ (ବୟସ ୧୫-୨୯ ବର୍ଷ) ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ମୋଟ ସାତଟି ପ୍ରତିଯୋଗିତା ଆୟୋଜନ କରାଯାଇଛି । ସେଗୁଡ଼ିକ ହେଲା ଲୋକନୃତ୍ୟ (ସମୂହ), ଲୋକଗୀତ (ସମୂହ), ବିଜ୍ଞାନ ମେଳା (ସମୂହ), କବିତା ଲେଖନ (ଏକାକୀ), ଗଳ୍ପ ଲେଖନ (ଏକାକୀ), ଚିତ୍ରାଙ୍କନ (ଏକାକୀ), ବକ୍ତୃତା (ଏକାକୀ) । ପ୍ରତିଯୋଗିତାର ବିଜୟୀମାନଙ୍କୁ ୧ମ, ୨ୟ ଏବଂ ୩ୟ ସ୍ଥାନ ପାଇଁ ନଗଦ ଅର୍ଥରାଶି ସହ ପୁରସ୍କାର ସହ ସମ୍ମାନିତ କରାଯିବ । ୧ମ ଓ ୨ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବାର ସୁଯୋଗ ପାଇବେ । ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଏହି ଯୁବୋତ୍ସବକୁ ଯୁବ ପ୍ରତିଭା ପ୍ରଦର୍ଶନର ଏକ ମଂଚ ଭାବେ ଅବତୀର୍ଣ୍ଣ କରା ଯାଇଥିବାରୁ ଯୁବମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି ।

ଭୌତିକ ଜଗତ ଅଚିନ୍ତ୍ୟ ଶକ୍ତିଦ୍ୱାରା ପରିଚାଳିତ: ଭାଗବତ

ନୀଳଗିରି, ୧୧/୧୨ (ଆ.ପ୍ର) : ଶାଶ୍ୱତ କାଳ ଭଗବାନଙ୍କର ଏକ ପ୍ରକାଶ ଅଟେ । ମଣିଷ ତାର ଅଜ୍ଞତା ଯୋଗୁଁ ମୁଁ ଓ ତୁମେ 'ର ମିଥ୍ୟା ଧାରଣାରେ ଥାଏ । ଦେହ ଧାରଣା ଭୌତିକ ଜଗତକୁ ଆସିବାକୁ ବାଧ୍ୟ କରେ । ଦିବ୍ୟ ଚେତନାରେ' ମୁଁ ଓ ତମେ' ର ଭେଦ ରହେ ନାହିଁ । ଜୀବ ନିଜର ସ୍ୱତନ୍ତ୍ରତା କଥା ଭାବିବାକ୍ଷଣି ଭବ ବନ୍ଧନରେ ପଡିଯାଏ । ଜୀବର ମୌଳିକ ସ୍ଥିତି ହେଉଛି ଭଗବତ୍ ଚେତନାରେ ସ୍ଥିର ରହିବା । ମୌଳିକ ସ୍ଥିତି ଭବ ବନ୍ଧନରୁ ମୁକ୍ତ ରଖେ । ଈଶ୍ୱରଙ୍କ ଆଶୀର୍ବାଦ ମଣିଷକୁ ସୌଭାଗ୍ୟପ୍ରାପ୍ତି କରାଏ । ମଣିଷ ପ୍ରଭୁଙ୍କର ଜ୍ଞାନାତୀତ ସ୍ୱରୂପରେ ଭକ୍ତି ନିବେଶ କରିବା ସର୍ବାଦୌ ବିଧେୟ । ଭୌତିକ ଜଗତ ଅଚିନ୍ତ୍ୟଶକ୍ତି ଦ୍ୱାରା ପରିଚାଳିତ । ଭୌତିକ ସ୍ଥିତିରେ କ୍ରିୟା ପ୍ରତିକ୍ରିୟା ସୃଷ୍ଟି ହୁଏ । ଏକ ଭକ୍ତ ସାଜିବା ଉନ୍ନତ ସ୍ଥିତିର କଥା । କେବଳ ଭକ୍ତ ଦୁସ୍ତର ଅବିଦ୍ୟା ଅଜ୍ଞାନ ରାଶିକୁ ପାର ହେବାରେ ସମର୍ଥ ହୁଏ । ମୋକ୍ଷପ୍ରାପ୍ତି ଭୌତିକ ଜଗତର ସର୍ବୋଚ୍ଚ ଆଶୀର୍ବାଦ ଅଟେ । ଧ୍ରୁବ ମହାରାଜ ଯେଉଁ ବର ମାଗିଥିଲେ ତାହା ସର୍ବୋଚ୍ଚ ପୁରୁଷାର୍ଥ ମୋକ୍ଷକୁ ବଳି ଯାଇଥିଲା । ଭକ୍ତଙ୍କ ପକ୍ଷରେ ଇନ୍ଦ୍ରିୟ ନିଗ୍ରହ ଅସାଧ୍ୟ ନୁହେଁ । ଇନ୍ଦ୍ରିୟ ସର୍ବଦା ବିଷାକ୍ତ ସର୍ପ ସହ ତୁଳନୀୟ । ସର୍ବୋପରି କୃଷ୍ଣପ୍ରୀତି ଅର୍ଥରେ କର୍ମକଲେ ବ୍ୟକ୍ତି କର୍ମଫଳର ବନ୍ଧନରେ ବାନ୍ଧି ହୁଏ ନାହିଁ ବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୭୭ତମ ଭାଗବତ ଆସରରେ ଭାଗବତର ଚତୁର୍ଥ ସ୍କନ୍ଧର ଦ୍ୱାଦଶ ଅଧ୍ୟାୟରେ ବର୍ଣ୍ଣିତ ଧ୍ରୁବ ମହାରାଜଙ୍କ ଭଗବତ୍ ଧାମ ଗମନ ପ୍ରସଙ୍ଗକୁ ଆଲୋଚକ ଜଗତସିଂହପୁରର ପଣ୍ଡିତ ଭାବଗ୍ରାହୀ ମିଶ୍ର ଓ ବାଲେଶ୍ୱରର ପଣ୍ଡିତ ଶକ୍ତିପଦ ମିଶ୍ର ପ୍ରକାଶ କରିଥିଲେ । ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ନୀଳକଣ୍ଠ ତ୍ରିପାଠୀ (ଚିଲିକା) ଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଭାର୍ଗବୀ ରାଉତ ଓଁ କାର ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ଶେଷରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର କୃତଜ୍ଞତା ଓ କେନ୍ଦୁଝରର ବରିଷ୍ଠ ଶିକ୍ଷାବିତ୍ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଏପରି କାର୍ଯ୍ୟକ୍ରମରେ ବହୁ ଶ୍ରୋତା ଯୋଗଦାନ କରିଥିବାବେଳେ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ ।

ଯୁବ ବିକାଶ ପକ୍ଷରୁ ଅନୁଷ୍ଠିତ ହେଲା ଏମ୍ବ୍ରୋଡାରି ପ୍ରଶିକ୍ଷାର୍ଥୀଙ୍କ ପାଇଁ ସମ୍ବର୍ଦ୍ଧନା ଉତ୍ସବ

ବାଲେଶ୍ୱର, ୧୧/୧୨ (ଆ.ପ୍ର) : ଭୋଗରାଇ ବ୍ଲକ ଆରୁହାବୃତି-୧ ପଂଚାୟତ ମନ୍ନୁନଗର ଗ୍ରାମରେ 'ଯୁବ ବିକାଶ', 'ଏସଏମଏଫଜି ଗ୍ରାମଶକ୍ତି' ଓ 'ଉଦୟ' ଅଗ୍ରଣୀ ସେବା ସଂଗଠନ ଆନୁକୂଲ୍ୟରେ ପ୍ରତିଷ୍ଠିତ ବସ୍ତ୍ର ଉତ୍ପାଦନ କେନ୍ଦ୍ରର ପ୍ରଶିକ୍ଷିତ ଉତ୍ପାଦନକାରୀ ମହିଳାମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ବରିଷ୍ଠ ସମାଜସେବୀ ଗୋବିନ୍ଦ ଦଳାଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ 'ଏସଏମଏଫଜି'ର 'ସିଏସଆର' ମୁଖ୍ୟ ଅମଳ ଭାଲେରାଓ, ମୁଖ୍ୟବକ୍ତା ଭାବେ ଉପସଭାପତି ଅନ୍ତ୍ରଦୀପ ଦାସ, ରାଜ୍ୟ ସଂଯୋଜକ ଅସିତ ଦଳାଇ, ସମ୍ମାନିତ ଅତିଥି ଭାବେ ଆରୁହାବୃତି-୧ ପଂଚାୟତର ସରପଂଚ ଗୀତାରାଣୀ ଜେନା, ପଂଚାୟତ ସମିତି ସଦସ୍ୟା ଅଞ୍ଜଳି ଜେନା, ଆଇନଜୀବୀ ରାଜକିଶୋର ଜେନା, ଭାଗ୍ୟଲକ୍ଷ୍ମୀ ରାଉତ, ପବିତ୍ର ବେହେରା, ମହିଳା ଜୀବିକା ସଂଯୋଜକ ସଂଯୁକ୍ତା ବେହେରା, ସମାଜସେବୀ ବ୍ରଜ କିଶୋର ପାଳ, ଗ୍ରାମ ସଭାପତି ରାମଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ପଂଚାୟତ ତରଫରୁ ସମାଜସେବୀ ସୁବ୍ରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ବସନ୍ତ ବାରିକ, ମନୋଜ ବାରିକ, ଯଜ୍ଞେଶ୍ୱର ପାଳ, ନାରାୟଣ ପ୍ରସାଦ ବାରିକ, ମନୋରଞ୍ଜନ ପରିଡା, ଅଶୋକ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀର କ୍ରମାଗତ ଛଅଥର ବନ୍ୟାରେ ଫସଲ ନଷ୍ଟ ହୋଇଯିବା ପରେ ଘୋର ଆର୍ଥିକ ଦୁରବସ୍ଥା ଭିତରେ ଗତି କରୁଥିବା ମନ୍ନୁନଗର ଗ୍ରାମର କେତେକ ପରିବାରର ମାଆମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ତିନି ମାସ ପୂର୍ବେ ତାଲିମ ପ୍ରଦାନ ପୂର୍ବକ ପରୀକ୍ଷା ମୂଳକ ଭାବେ ଉପରୋକ୍ତ ସଂଗଠନ ଜରିଆରେ ବସ୍ତ୍ର ଉତ୍ପାଦନ କେନ୍ଦ୍ର ଆରମ୍ଭ କରାଯାଇଥିଲା । ଏବଂ ଏଠାକାର ଉତ୍ପାଦଗୁଡ଼ିକ ସର୍ବ ଭାରତୀୟ ବଜାରରେ ବହୁ ଚାହିଦାକୁ ଲକ୍ଷ୍ୟରେ ରଖି ଆଜି ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସଂଗଠନ ତରଫରୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଅନ୍ୟ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀକୁ ସମ୍ପ୍ରସାରଣ କରାଯିବାକୁ ସରପଂଚ ଓ ସଦସ୍ୟା ସଂସ୍ଥାର ପ୍ରମୁଖଙ୍କୁ ଅନୁରୋଧ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମନ୍ନୁନଗର ତଥା ପଂଚାୟତର ଶତାଧିକ ମହିଳା ଯୋଗ ଦେଇଥିଲେ ।

ରଥ ନିର୍ମାଣ ପାଇଁ ପଠା ଯିବ ୮୧୮ ଖଣ୍ଡ କାଠ

ଦଶପଲ୍ଲା, ୧୧/୧୨ (ଆ.ପ୍ର) : ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା - ୨୦୨୬ ପାଇଁ ନୟାଗଡ଼ ବନଖଣ୍ଡରୁ ଚଳିତ ବର୍ଷ ୮୧୮ ଖଣ୍ଡ କାଠ ପଠାଯିବ ବୋଲି ଜଣାପଡିଛି । ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡର ଆବଶ୍ୟକତା ଥିବା ବେଳେ ବିଗତ ବର୍ଷର ୪୭ ଖଣ୍ଡ କାଠ ବଳକା ରହିଛି । ୮୧୮ ଖଣ୍ଡ କାଠ ମଧ୍ୟରୁ ୪୦୨ ଖଣ୍ଡ ସ'ମିଲ୍ କୁ ଯିବାକୁ ଥିବାବେଳେ ୪୧୬ ଖଣ୍ଡ କାଠ ରଥ ଖଳାକୁ ଯିବ ବୋଲି ଜଣାପଡିଛି । ବିଭିନ୍ନ କିସମର ଅସନ, ଧଉରା, ଫାସି ଓ ସିମୁଳି କାଠ ପଠାଯିବ । ସେହିଭଳି ପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ରଥ ନିର୍ମାଣ ନିମନ୍ତେ ୩୫ ଖଣ୍ଡ କାଠ ପଠାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି । ସୁଚନା ଯୋଗ୍ୟ ଯେ, ପ୍ରଭୁ ଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଜୁଲାଇ ୧୬ ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଭୁ ଲିଙ୍ଗରାଜଙ୍କର ଅଶୋକାଷ୍ଟମୀ ରଥଯାତ୍ରା ମାର୍ଚ୍ଚ ୨୬ ତାରିଖରେ ଅନୁଷ୍ଠିତ ହେବ ।

ଆଦର୍ଶ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ସ୍ମୃତିଚାରଣ ସଭା

ଭୋଗରାଇ, ୧୧/୧୨ (ଆ.ପ୍ର) : ଭୋଗରାଇ ବ୍ଲକ ଅନ୍ତର୍ଗତ ଗୁମାଇବସାଣ ପଂଚାୟତ ଅନ୍ତର୍ଗତ ଅଲାରବସାଣ ଗାଁର ଆଦର୍ଶ ପ୍ରଧାନ ଶିକ୍ଷକ ସ୍ୱର୍ଗତ ତ୍ରିଲୋଚନ ବେହେରାଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ପ୍ରଧାନ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦୁର୍ଗାଶଙ୍କର ଜେନା, ପ୍ରାକ୍ତନ ଶିକ୍ଷକ ବେଣୁଧର ମହାନ୍ତି, ଦକ୍ଷିଣ ଭୋଗରାଇ ଓଷ୍ଠା ସଂଘ ସଂପାଦକ ଶାଶ୍ୱତ କୁମାର ଜେନା, ଶିକ୍ଷକ ନେତା ନଟରଂଜନ ଘଡାଇ, ଶ୍ରୀକାନ୍ତ ମୋକ୍ଷଦା ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତି, ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ.ସନ୍ତୋଷ କୁମାର ପାତ୍ର, ୩୩ ନଂ ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ପରମାନନ୍ଦ ଅଗସ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସ, ବିକାଶ ପାଣିଗ୍ରାହୀ, ସମାଜସେବୀ ଅଜୟ କୁମାର ଦେ, ବିଭୂତି ଭୂଷଣ ଚାନ୍ଦ, ହିମାଂଶୁ ମିଶ୍ର, ଦିଲ୍ଲୀପ କୁମାର ପାତ୍ର, ସଚ୍ଚିଦାନନ୍ଦ ଗିରି, ଲକ୍ଷ୍ମୀପ୍ରିୟା କରଣ, ଅଜୟ ଦେ, ସାନପୁଅ ତନ୍ମୟ କୁମାର ବେହେରା, ବଡ଼ପୁଅ ଡ.ଚିନ୍ମୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଏକାଧାରରେ ଜଣେ ବିଜ୍ଞ ଆଦର୍ଶ ଶିକ୍ଷକ ଓ ପ୍ରବୀଣ, ନିର୍ଭୀକ ଆଧ୍ୟାତ୍ମିକ ଚେତନାର ଜଣେ ଅସାଧାରଣ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ଶିକ୍ଷା ଜଗତରେ ଅପୂରଣୀୟ କ୍ଷତି ହୋଇଛି ବୋଲି କହିଥିଲେ । ଶେଷରେ ରବିନ୍ଦ୍ର କୁମାର ବେହେରା ଧନ୍ୟବଦା ଦେଇଥିଲେ ।

ଉଦ୍‌ଘାଟିତ ହେଲା ବହୁପ୍ରତିକ୍ଷିତ କେସିଙ୍ଗା ବୁଢ଼ାରଜା କପ କ୍ରିକେଟ୍

କେସିଙ୍ଗା, ୧୧/୧୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କେସିଙ୍ଗାର ମଡିଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମିନି ଷ୍ଟାଡିୟମରେ ହେବାକୁ ଥିବା ଦ୍ୱିତୀୟ ବୁଢ଼ାରଜା ନକ ଆଉଟ୍ କ୍ରିକେଟ ପ୍ରତିଯୋଗିତା ଇତି ମଧ୍ୟରେ ଉଦ୍ଘାଟିତ ହୋଇଯାଇଛି । ପ୍ରଥମେ ସକାଳ ୯ ଘଂଟା ସମୟରେ କେସିଙ୍ଗ ର ଇଷ୍ଟଦେବୀ ମାଁ ବୁଢ଼ାଡଙ୍ଗରଙ୍କ ମନ୍ଦିରରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ରେଳି ବାଜା ରୋଷଣୀ ସହିତ ବାହାରି ମିନି ଷ୍ଟାଡିୟମରେ ଶୁଭଖୁଣ୍ଟ ସ୍ଥାପନ କରାଯାଇ ପ୍ରତିଯୋଗିତାକୁ ଉଦ୍ଘାଟନ କରାଯାଇଥିଲା । ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ କେସିଙ୍ଗାର ପୂର୍ବତନ ନଗରପାଳ ତଥା ବରିଷ୍ଠ ସମାଜସେବୀ ରାମ କୁମାର ଜୈନ । ପ୍ରଥମ ଦିନରେ ତିନୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା ଦୁଇଟି ମ୍ୟାଚ ଜିତି ଟିଟଲାଗଡ ଦଳ ସେମି ଫାଇନାଲ ରେ ନିଜର ସ୍ଥାନ ପକ୍କା କରିଛି । ଆଜିର ଦ୍ୱିତୀୟ ଖେଳର ମୁଖ୍ୟ ଅତିଥି ଭାବରେ କେସିଙ୍ଗାର ବରିଷ୍ଠ ସାମ୍ବାଦିକ ତଥା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସଭାପତି ପ୍ରଶାନ୍ତ ମହାପାତ୍ର ଉପସ୍ଥିତ ଥିବା ବେଳେ ତୃତୀୟ ଖେଳର ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଜେପି ନଗର ସଭାପତି ମାଗନ୍ ସିନ୍ଧୁର ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆୟୋଜକ ମଡିଙ୍ଗ କ୍ଲବର ସଭାପତି ବିଶ୍ୱରଂଜନ ମହଲା, ସମ୍ପାଦକ ମନୋଜ କଟା, କୋଷାଧ୍ୟକ୍ଷ ଫିଂଟୁ ମହଲା ଓ କ୍ଲବ ର ଏଡଭାଇଜର ଶମ୍ଭୁ ବରଡି, ବଳରାମ ସୁନା, ପ୍ରମୋଦ କଟା, ଗଦାଧର ସିଂଦେଓ ଏବଂ ମକରଧ୍ୱଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୨୫ତମ ଆନ୍ତଃ-ମହାବିଦ୍ୟାଳୟ ବାର୍ଷିକ ଏଥ୍ଲେଟିକ୍ସ ମିଟ୍ ସମାପିତ

ନୀଳଗିରି, ୧୧/୧୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ଦ୍ୱାରା ଆୟୋଜିତ ୨୫ତମ ଆନ୍ତଃ-ମହାବିଦ୍ୟାଳୟ ବାର୍ଷିକ ଏଥ୍ଲେଟିକ୍ସ ମିଟ୍ (ପୁରୁଷ ଓ ମହିଳା), ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦ ଡିସେମ୍ବରରେ ଉତ୍ସାହପୂର୍ଣ୍ଣ ପ୍ରଦର୍ଶନ ସହ ସମାପ୍ତ ହୋଇଯାଇଛି । ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ମହାବିଦ୍ୟାଳୟ ସ୍ତରୀୟ କ୍ରୀଡା ସମ୍ମିଳନୀ କାର୍ଯ୍ୟକ୍ରମରେ ୩୦ଟି ଦଳ ଯୋଗଦେଇଥିଲେ । ଦୁଇଦିନ ଧରି ପୁରୁଷ ଓ ମହିଳା ଶ୍ରେଣୀର ୨୩ଟି ଆଥଲେଟିକ ଖେଳର ସୁସଂଗଠିତ ପରିଚାଳନା, ଏମ୍ପାୟରିଂ ଓ ଜୁରି ସଦସ୍ୟଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ସଫଳତାର ସହ ସମ୍ପର୍ଣ୍ଣ ହୋଇଥିଲା । ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଫଳାଫଳ- ଚାମ୍ପିଆନ୍ ଭାବେ ବିଏନ୍ଏମ୍ଏ କଲେଜ, ପାଲିଆବିନ୍ଧା, ଭଦ୍ରକ ପୁରୁଷ ବିଭାଗ ବ୍ୟକ୍ତିଗତ ଚାମ୍ପିଆନ୍ ଭାବେ : ହରିଶଙ୍କର ପାଣିଗ୍ରାହୀ, ବିଏନ୍ଏମ୍ଏ କଲେଜ ଓ ମହିଳା ବିଭାଗ ବ୍ୟକ୍ତିଗତ ଚାମ୍ପିଆନ ଭାବେ : ଦୀପା ମହାଲିକ, ଚାନ୍ଦବାଲି କଲେଜଙ୍କୁ ମାନପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ, ୮ ଡିସେମ୍ବରରେ ଆଥଲେଟମାନଙ୍କ ସମ୍ମିଳନୀ ସହିତ ଶୃଙ୍ଖଳିତ ଭାବେ ମାର୍ଚ୍ଚ ପାଷ୍ଟ ଦ୍ୱାରା କ୍ରୀଡାର ଶୁଭାରମ୍ଭ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କ୍ରୀଡାଧ୍ୱଜ ଉତୋଳନ କରି ମିଟ୍‌ର ଆନୁଷ୍ଠାନିକ ଉଦଘାଟନ କରିଥିଲେ । ପ୍ରତୀକାତ୍ମକ 'ଟର୍ଚ୍ଚ ବେରିଂ ସେରିମୋନୀ' ଓ ସଂଗ୍ରାମ କେଶରୀ ବିଶୋଇଙ୍କ ଦ୍ୱାରା ସାମୁହିକ ଶପଥ ପାଠ କରାଯାଇଥିଲା । ଉଦଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡକ୍ଟର ଅମିତ କୁମାର ଶର୍ମା ଏବଂ କ୍ରୀଡା ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ସଫଳ ପରିସମାପ୍ତି ଘୋଷିତ ହୋଇଥିଲା । ସହକାରୀ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ଉଦ୍‌ଘାଟନୀ ଓ ସମାପନୀ ଉତ୍ସବର ସଂଚାଳନ କରିଥିଲେ ।

୩୬ରୁ ଉର୍ଦ୍ଧ୍ୱ ହାଇଓ୍ୱା ଟ୍ରକ ସହ ମେଶିନ ଜବତ

ଜଗତସିଂହପୁର,୧୧/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ତହସିଲ ଅଧୀନ ଜଇପୁର ମହାନଦୀ ବାଲି ଖାଦାନ ଉପରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡଧରଣର ଚଢ଼ାଉ କରାଯାଇଛି । ତେବେ ରାଜ୍ୟ ସରକାର ବାଲିମାଫିଆ ମାନଙ୍କୁ ସାବାଡ କରିବାକୁ ଯାଇ ରାଜ୍ୟର ସମସ୍ତ ବାଲିଖାଦାନ ଉପରେ ଚଢାଉ ଜାରିରଖିଥିବାବେଳେ ଗୁରୁବାର ସଂନ୍ଧ୍ୟାରେ ଜଇପୁର ବାଲିଖାଦାନ ଉପରେ ଜଗତସିଂହପୁର ପ୍ରଶାସନ ଚଢାଉକରି ପ୍ରାୟ ୩୬ଟାରୁ ଉର୍ଦ୍ଧ୍ୱ ହାଇହ୍ୱାଆଟ୍ରକ,୨ଟି ପ୍ରୋକଲିନ ମିଶିନ ସହ ୩ ଜଣ ଡ୍ରାଇଭରଙ୍କୁ ଗିରଫକରିଥିବା ଜଣାଯାଇଛି । ତେବେ ପୂର୍ବପ୍ରସ୍ତୁତି ଅନୁଯାୟୀ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ଖଣିଅଧିକାରୀ ସତିଶ ତରାଇ, ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ତିର୍ତୋଲ ଆଇଆଇସି ପ୍ରଦିପ୍ତ କୁମାର ସେଠି ୨ପ୍ଲାଟୁନ ପୋଲିସ ଫୋର୍ସ ନେଇ ଏହି ବାଲିଖାଦାନ ଉପରେ ଚଢାଉକରିଥିବା ଜଣାଯାଇଛି । ଏହି ଚଢାଉରୁ ଜାହା ଅନୁମାନ କରାଯାଇଛି ରଘୁନାଥପୁର ଅଂଚଳରେ ବାଲିମାଫିଆମାନେ କେତେସକ୍ରି ଅଛନ୍ତି । ପ୍ରତିଦିନ ଏମାନେ ଧାର୍ଯ୍ୟ ବାଲି ଉତୋଳନ ଠାରୁ ଶହେଗୁଣା

ବାଲି ଉଠାଇ ଲକ୍ଷଲକ୍ଷଟଙ୍କା ରାଜସ୍ୱ ଲୁଟକରୁଥିଲେ । ଏଥିରେ କିଛି ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ ସାମିଲ ରହୁଥିବା ସନ୍ଦେହ କରାଯାଉଥିଲା । ସରକାରଙ୍କ ବାଲିଖାଦାନର ନୂତନ ନିୟମ ସବୁକିଛି ବଦଳାଇଦେଇଛି । ଏବେ ସବୁବାଲିମାଫିଆଙ୍କ ସର୍ବନାଶ । ଏଠାରେ ସୂଚନା ଥାଉକି କିଛିଦିନ ପୂର୍ବେ ତିର୍ତୋଲ ତହସିଲ ଅଧିନ ବାଲିପାଟଣା କିଳିପାଳ ବାଲିଖାଦାନ ଉପରେ ପ୍ରଶାସନ ଚଢାଉକରି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହାଇହ୍ୱାଆଟ୍ରକ ଓ ପ୍ରୋକଲିନ ମେସିନ ଜବତ କରିଥିଲା । ଉପରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡଧରଣର ଚଢାଉକରାଯାଇଛି । ତେବେ ରାଜ୍ୟ ସରକାର ବାଲିମାଫି ମାନଙ୍କୁ ସାବାଡକରିବାକୁ ଯାଇ ରାଜ୍ୟର ସମସ୍ତ ବାଲିଖାଦାନ ଉପରେ ଚଢାଉ ଜାରିରଖିଥିବାବେଳେ ଗୁରୁବାର ସଂନ୍ଧ୍ୟାରେ ଜଇପୁର ବାଲିଖାଦାନ ଉପରେ ଜଗତସିଂହପୁର ପ୍ରଶାସନ ଚଢାଉକରି ପ୍ରାୟ ୩୬ଟାରୁ ଉର୍ଦ୍ଧ୍ୱ ହାଇହ୍ୱାଆଟ୍ରକ,୨ଟି ପ୍ରୋକଲିନ

ମିଶିନ ସହ ୩ ଜଣ ଡ୍ରାଇଭରଙ୍କୁ ଗିରଫକରିଥିବା ଜଣାଯାଇଛି । ତେବେ ପୂର୍ବପ୍ରସ୍ତୁତି ଅନୁଯାୟୀ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ଖଣିଅଧିକାରୀ ସତିଶ ତରାଇ, ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ତିର୍ତୋଲ ଆଇଆଇସି ପ୍ରଦିପ୍ତ କୁମାର ସେଠି ୨ପ୍ଲାଟୁନ ପୋଲିସ ଫୋର୍ସ ନେଇ ଏହି ବାଲିଖାଦାନ ଉପରେ ଚଢାଉକରିଥିବା ଜଣାଯାଇଛି । ଏହି ଚଢାଉରୁ ଜାହା ଅନୁମାନ କରାଯାଇଛି ରଘୁନାଥପୁର ଅଂଚଳରେ ବାଲିମାଫିଆମାନେ କେତେସକ୍ରି ଅଛନ୍ତି । ପ୍ରତିଦିନ ଏମାନେ ଧାର୍ଯ୍ୟ ବାଲି ଉତୋଳନ ଠାରୁ ଶହେଗୁଣା ବାଲି ଉଠାଇ ଲକ୍ଷଲକ୍ଷଟଙ୍କା ରାଜସ୍ୱ ଲୁଟକରୁଥିଲେ । ଏଥିରେ କିଛି ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ ସାମିଲ ରହୁଥିବା ସନ୍ଦେହ କରାଯାଉଥିଲା । ସରକାରଙ୍କ ବାଲିଖାଦାନର ନୂତନ ନିୟମ ସବୁକିଛି ବଦଳାଇଦେଇଛି । ଏବେ ସବୁବାଲିମାଫିଆଙ୍କ ସର୍ବନାଶ । ଏଠାରେ ସୂଚନା ଥାଉକି କିଛିଦିନ ପୂର୍ବେ ତିର୍ତୋଲ ତହସିଲ ଅଧିନ ବାଲିପାଟଣା କିଳିପାଳ ବାଲିଖାଦାନ ଉପରେ ପ୍ରଶାସନ ଚଢାଉକରି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହାଇହ୍ୱାଆଟ୍ରକ ଓ ପ୍ରୋକଲିନ ମେସିନ ଜବତ କରିଥିଲା ।

ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ଖଇରା,୧୧/୧୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମହତିପୁର ଗ୍ରାମର ସ୍ୱର୍ଗତ ପର୍ଶୁରାମ ନାୟକ ଏବଂ ମାତା ରାମା ନାୟକଙ୍କ ପୁତ୍ର ବିଘ୍ନେଶ୍ୱର ନାୟକ ଓଡିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଅଟନ୍ତି । ସେ ଜଣେ ଉତମ ଛାତ୍ର ଅଟନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ବହୁ ଦୁଃଖ କଷ୍ଟରେ ବି ପୁଅର ପାଠପଢ଼ା ଜାରି ରଖିଛନ୍ତି ମା' ରାମା ନାୟକ । ବିଦ୍ୟାଳୟର ପ୍ରତ୍ୟେକଟି ପ୍ରତିଯୋଗିତାରେ ଭାଗନିଏ ବିଘ୍ନେଶ୍ୱର । ଗତ ତା ୦୧/୧୨/୨୫ ରିଖରେ ବ୍ଲକ ସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ପୁରସ୍କାର ପାଇବା ପରେ ତା ୦୬/୧୨/୨୫ ରିଖର ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ପୁରସ୍କାର ପାଇଥିଲେ । ପୁନଃଶ୍ଚ ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଦ୍ୱିତୀୟ ପୁରସ୍କାର ପାଇ ବିଦ୍ୟାଳୟକୁ ଗୌରବ ଆଣି ଦେଇଥିବାରୁ ସମସ୍ତଙ୍କର ପ୍ରିୟ ଛାତ୍ର ହୋଇଛନ୍ତି । ପ୍ରଥମ ପୁରସ୍କାର ନେଇ ସଂଘର୍ଷ ଜାରି ରଖିଥିଲେ ମଧ୍ୟ ସକ୍ଷମ ହୋଇପାରି ନାହାନ୍ତି । ପିତାଙ୍କ ମୃତ୍ୟୁ ପରେ ବିଘ୍ନେଶ୍ୱରଙ୍କ ଜୀବନ ସଂଘର୍ଷ ପୂର୍ଣ୍ଣ ହୋଇ ପଡିଛି ତଥାପି ସଂଘର୍ଷମୟ ଜୀବନ ପଥରୁ ଓହରିବେ ନାହିଁ ବୋଲି ବିଘ୍ନେଶ୍ୱର ପ୍ରକାଶ କରିଛନ୍ତି । ଏଭଳି ସଂଘର୍ଷ ଜାରି ରଖିଲେ ଭବିଷ୍ୟତ ଲକ୍ଷ୍ୟ ସ୍ଥଳରେ ପହଂଚିବା ସହିତ ବିଦ୍ୟାଳୟର ଟେକ ରହିବ ବୋଲି ଅଂଚଳବାସୀ ବିଘ୍ନେଶ୍ୱରଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି । ଏଥିରେ ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଖୁସି ହୋଇ ବିଘ୍ନେଶ୍ୱରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର, ୧୧/୧୨ (ଆ.ପ୍ର) : ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରାଷ୍ଣା ମହାନ୍ତିଙ୍କ ନେତୃତ୍ୱ ରେ ଜିଲ୍ଲା ର ବିଭିନ୍ନ ମଣ୍ଡଳ ସଭାନେତ୍ରୀ ତଥା ଜିଲ୍ଲା ପଦାଧିକାରୀ ଏବଂ କାର୍ଯ୍ୟକର୍ତା ମାନେ ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରେ ଆଜି ସକାଳ ୧୧ ଘଟିକା ସମୟରେ ପୂର୍ବରୁ ଥିବା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡଃ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନେତୃତ୍ୱ ଉପରେ ଦଳ ଆସ୍ଥା ପ୍ରକଟ କରି ପୁନର୍ବାର ଦ୍ୱିତୀୟ ଥର ପାଇଁ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ରୂପରେ ନିଯୁକ୍ତି ପାଇଥିବାରୁ ତାଙ୍କ ନେତୃତ୍ୱକୁ ସନ୍ମାନ ଜଣାଇ ଜଗତସିଂହପୁର ଜିଲ୍ଲା ମହିଳା ମୋର୍ଚ୍ଚା ତାଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀମତୀ ମହାନ୍ତି ତାଙ୍କ ପ୍ରତିକ୍ରିୟା ରେ କହିଥିଲେ 'ଐଶ୍ୱର୍ଯ୍ୟା ଅପା ଜଣେ ଦକ୍ଷ, ମିଷ୍ଟଭାଷି, କର୍ମଠ ଏବଂ ଚନ-ଚଂଚଳ ବ୍ୟକ୍ତିତ୍ୱ ହୋଇଥିବା ରୁ ରାଜ୍ୟ ରେ ମହିଳା ସଂଗଠନ ଦ୍ରୁତ ଗତି ରେ ଆଗକୁ ବଢ଼ିବ ଯାହା ଦ୍ୱାରା ରାଜ୍ୟ ର ଜନ ସଂଖ୍ୟା ର ମହିଳା ମାନଙ୍କ ସଂଖ୍ୟା ଅଧା ହୋଇଥିବାରୁ ତାଙ୍କ ନେତୃତ୍ୱ ଆଗାମୀ ଦିନରେ ଦଳ ସଫଳତା ର ଶୀର୍ଷ ରେ ପହଂଚିବ ବୋଲି ଦୃଢ଼ତା ପ୍ରକାଶ କରିଛନ୍ତି ' ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସାଧାରଣ ସମ୍ପାଦିକା ମୋନାଲିଶା ଦାସ,ନାରୀ ନେତ୍ରୀ ଶୁଚିସ୍ମିତା ମହାନ୍ତି, ନାରୀ ନେତ୍ରୀ ନିରୁପମା ସ୍ୱାଇଁ, ପଙ୍କପାଳ ମଣ୍ଡଳ ସଭାନେତ୍ରୀ ଚନ୍ଦ୍ରକାନ୍ତି ପଲେଇ, ନହରଣା ମଣ୍ଡଳ ସଭାନେତ୍ରୀ ଇତିଶ୍ରୀ ସ୍ୱାଇଁ, କୃଷ୍ଣଚନ୍ଦ୍ରପୁର ମଣ୍ଡଳ ସଭାନେତ୍ରୀ ରଶ୍ମିତା ପାତ୍ର, ବୋରିକିନା ମଣ୍ଡଳ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ଦାସ, ଗୋଡ଼ା ମଣ୍ଡଳ ସଭାନେତ୍ରୀ ଶୈଳବାଳା ରାଉତ, ବାଲିତୁଠ ମଣ୍ଡଳ ସଭାନେତ୍ରୀ ଅନୁସୟା ଲେଙ୍କା, କୁଜଙ୍ଗ ପୂର୍ବତନ ସରପଂଚ ମିଳି ପରିଡା ପ୍ରମୁଖ ଯୋଗଦାନ କରିଥିଲେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆଦର୍ଶବାଦ

ଆଦର୍ଶବାଦ ହେଉଛି ସର୍ବ ପ୍ରାଚୀନ ଏବଂ ବହୁଜନ ଚର୍ଚ୍ଚିତ ମତବାଦ । ପ୍ଲାଟୋ ହେଉଛନ୍ତି ଆଦର୍ଶବାଦ ର ଜନକ । ଆଦର୍ଶବାଦ ର ଅର୍ଥ ହେଲା ' ଆଦର୍ଶ ' ବା 'ଧାରଣା' । ପ୍ରତ୍ୟେକ ମନୁଷ୍ୟ ଏକ ମାନସିକ ଶକ୍ତି ଧାରଣ କରିଥାଏ । ଏହି ମାନସିକ ଶକ୍ତି ତାର ସମସ୍ତ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରେ । ବିଶିଷ୍ଟ ଆଦର୍ଶବାଦ ପ୍ଲାଟୋଙ୍କ ମତରେ ମନୁଷ୍ୟ ମନ ଭିତରେ ଯାହା ରହିଛି ତାହା ହିଁ ଧାରଣା । ଏହି ଧାରଣା ଟି ଏତେ ସହଜରେ ଯେ କୌଣସି ପରିସ୍ଥିତି ରେ ପରିବର୍ତ୍ତନଶୀଳ ନୁହେଁ । ଧାରଣା ଟି ପ୍ରକୃତ, ବାସ୍ତବ ଏବଂ ଚିରନ୍ତନ । ମନେ କରାଯାଉ ଏକ ଶିକ୍ଷାର୍ଥୀ ମନରେ ଜଣେ ଶିକ୍ଷକ ଙ୍କ ପ୍ରତି ଏକ ଧାରଣା ଜାଗ୍ରତ ହେଲା ଯେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ହେଉଛନ୍ତି ତାର ଆଦର୍ଶ ଏବଂ ସେ ହିଁ ଉତ୍ତମ ଶିକ୍ଷକ । ଏହି ଧାରଣା ଟି ସୃଷ୍ଟି ହେବାର ଅର୍ଥ ହେଲା ଯେ ଶିକ୍ଷକ ଙ୍କର ଚାଲିଚଳନ, ଭାବଭଙ୍ଗୀ, କଥାବାର୍ତ୍ତା,ଶିକ୍ଷାଦାନ ଶୈଳୀ, ବେଶପୋଷାକ ରେ ଶିକ୍ଷାର୍ଥୀ ଟି ଅନୁପ୍ରାଣିତ । ଶିକ୍ଷାର୍ଥୀ ଟି ଯଦି ମାନସିକ ଭାବେ ନିଜ ଧାରଣାରେ ବିଶ୍ୱାସ କରେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ହେଉଛନ୍ତି ତାର ଆଦର୍ଶ ଶିକ୍ଷକ, ସେ ଭଳି ପରିସ୍ଥିତିରେ ଶିକ୍ଷକଙ୍କ ପ୍ରତ୍ୟେକ ଟି କାର୍ଯ୍ୟକୁ ସେ ଅତି ନିକଟରୁ ଅନୁସରଣ କରେ । ଆଦର୍ଶ ଶିକ୍ଷକ ଯେଉଁ ବିଷୟ ପଢ଼େଇବେ ସେ ବିଷୟ ଟି ଶିକ୍ଷାର୍ଥୀ ର ମନଲାଖି ବିଷୟ ହେବ ଏପରିକି ଶିକ୍ଷକଙ୍କ ବେଶପୋଷାକ, କଥାବାର୍ତ୍ତା ମଧ୍ୟ ଶିକ୍ଷାର୍ଥୀ ର ହୃଦୟକୁ ସ୍ପର୍ଶ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏହିପରି ହେବାର ମୂଳ କାରଣ ହେଉଛି ଶିକ୍ଷାର୍ଥୀର ଶିକ୍ଷକଙ୍କ ପ୍ରତି ଥିବା 'ଧାରଣା' । ଏଠାରେ 'ଉତ୍ତମ' ହିଁ ଶିକ୍ଷାର୍ଥୀ ର ଧାରଣା । ସମୟ ଆସିପାରେ ହୁଏତ ଶିକ୍ଷକ ଙ୍କ ପାର୍ଥିବ ଶରୀର ନଥାଇ ପାରେ କିନ୍ତୁ ତାଙ୍କ ପାଇଁ ଶିକ୍ଷାର୍ଥୀ ମନରେ ଥିବା ଧାରଣାଟିର କେବେ ଅବକ୍ଷୟ ହୁଏ ନାହିଁ । ସେହିଭଳି ଦେଖିଲେ ଫୁଲର ବିଲୁପ୍ତ ଘଟିପାରେ କିନ୍ତୁ ତାର ସୌନ୍ଦର୍ଯ୍ୟ ର ନୁହେଁ କିମ୍ବା ବଂଶୀ ଟିକୟ ହୋଇପାରେ କିନ୍ତୁ ବଂଶୀର ମଧୁର ସ୍ୱରର କେବେବି ଅବକ୍ଷୟ ହୋଇପାରେ ନାହିଁ । ଆଦର୍ଶବାଦ ହେଉଛି ସର୍ବ ପୁରାତନ ମତବାଦ । ଆଦର୍ଶବାଦୀ ମାନଙ୍କ ମତରେ ମନୁଷ୍ୟର ଆଧ୍ୟାତ୍ମିକ ପ୍ରକୃତି ସର୍ବଶ୍ରେଷ୍ଠ ଅଟେ । ମନୁଷ୍ୟ ପାଖରେ ଇଶ୍ୱରୀୟ ଗୁଣମାନ ବିରାଜମାନ କରୁଥିବାରୁ ମନୁଷ୍ୟ ସର୍ବଦା ଚିରନ୍ତନ ସତ୍ୟ ଉପରେ ଗୁରୁତ୍ୱାରୋପ କରେ । ସେମାନେ ଚିନ୍ତା କରନ୍ତି ସତ୍ୟମ୍, ଶିବମ୍, ସୁନ୍ଦରମ୍ । ମିଛମାୟା ସଂସାରରୁ ମୁକ୍ତି ପାଇବାକୁ ହେଲେ ଇଶ୍ୱରଙ୍କ ମାର୍ଗ ଅନୁସରଣ କରିବା ବାଞ୍ଛନୀୟ । ବିଶ୍ୱନିୟନ୍ତା ଙ୍କ ସୃଷ୍ଟି ରେ ମନୁଷ୍ୟ ଅନ୍ୟ ସମସ୍ତ ପ୍ରାଣୀ ଙ୍କ ଠାରୁ ଭିନ୍ନ ହୋଇଥିବାରୁ ସମାଜରେ ତାର ସ୍ୱତନ୍ତ୍ରତା ରହିଅଛି । ଜୀବନରେ ବ୍ୟକ୍ତିତ୍ୱର ଉତଥାନ ହିଁ ଏହି ଦର୍ଶନ ର ମୂଳମନ୍ତ୍ର । ମାନସିକ କିମ୍ବା ଆଧ୍ୟାତ୍ମିକ, ଭୌତିକ ଠାରୁ ଅଧିକ ବାସ୍ତବତା ଅଟେ । ଆଦର୍ଶବାଦ ସାର୍ବଭୌମିକ ମନରେ ବିଶ୍ୱାସ ସୃଷ୍ଟି କରେ ।

ମନ୍ଦିର ହେଉ, ମସଜିଦ ହେଉ, ଗୀର୍ଜା ହେଉ, କିନ୍ତୁ ଭକ୍ତ କାହାନ୍ତି ?

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଯୁଆଡ଼େ ଯାଅ, ବାଟରେ ହନୁମାନ ମୂର୍ତ୍ତି ଗଦା ପର୍ବତ ଧରି ରାସ୍ତାକଡ଼ରେ ଝରାବର୍ଷରେ ଦଣ୍ଡାୟମାନ, ସେ ଜଗୁଆଳି ସାଜିଛନ୍ତି, ସେ ରାମଦ୍ୱାରେ ରଖୁଆଳ ହେଲେ ରାସ୍ତାର ଧାବିତମାନେ କୋଉ ଗୁଣରେ ରାମ ମେରେ ସମୟାମେ ନେହିଁ ଆତା, ତାଙ୍କ ଶାତ୍ରୁଣା ଏବେ ଦର୍ଶନକୁ ଦୁର୍ଲଭ, ହେଲେ ପେଟା ବିଲୁପ୍ତ ନୁହଁନ୍ତି । ହନୁମାନଙ୍କ ଶିର ନ ହେଲେ ହାତରେ ଥିବା ପର୍ବତ ଯେଉଁ ପର୍ବତରେ ଜଡିବୁଟି ଲକ୍ଷ୍ମଣଙ୍କ ପ୍ରାଣ ବଂଚାଇବାକୁ ଉଦ୍ଦିଷ୍ଟ, ତାରି ଉପରେ ପେଟା ବସୁଛନ୍ତି, ନହେଲେ ଗଦା ଉପରେ ପେଟା ବସୁଛନ୍ତି, ସେ ରାକ୍ଷସ ହଟାଇବେ କ'ଣ । ଏ ପେଟା ଉତ୍ପାତ ନିରବରେ ସହ୍ୟ କରି ନେଉଛନ୍ତି କାରଣ ଏ କଳିଯୁଗ । ଏଯୁଗରେ ଲୋକ କ'ଣ କରୁଛନ୍ତି ପରିଣାମ ବୁଝନ୍ତି ନାହିଁ । ସେ ତ୍ରେତୟା ନାୟକଙ୍କ ସେବକ, ଏ ଯୁଗରେ ତାଙ୍କ ପ୍ରତିମା ସ୍ଥାପକଙ୍କୁ ଅର୍ଥ ସଂଗ୍ରହ କରି ପୋଷିବା ଅବତାର ସେ ହୋଇ ଦଣ୍ଡାୟମାନ ଅଛନ୍ତି । ତାରିଣୀଙ୍କ ନଡ଼ିଆ ଏଠାରୁ ପଠାଯାଏ, ଏ ପ୍ରକାର ବିଜ୍ଞାପନ ଶିରୋନାମା ଅନେକ ସ୍ଥାନରେ ଦେଖିବାକୁ ମିଳିଯାଏ ବିଶ୍ୱାସରେ ସେ ମା ମହିମାମୟୀ, ଏଣେ କ୍ଷମାମୟୀ, ତାଙ୍କ ନାମରେ କେହି ଯଦି ପେଟ ପୋଷିବାକୁ ବସୁଛି ସେ କୌଣସି ପ୍ରତିକ୍ରିୟା ପ୍ରକାଶ କେବେ କରିବେ ନାହିଁ, ହେଲେ ଅଧିକନ୍ତୁ ନିଶା ପଣା ବେଶ୍ୟାରେ ତାଙ୍କ ନାମରେ ଅର୍ଥ ଆଦାୟ କଲେ ଯେ ତ୍ରୁଟି ନାହିଁ ଏକଥା ଉଦ୍ୟୋକ୍ତା ମନେ ଟିକେ ଭାବିବେ, ନଡ଼ିଆ ଗୋଟା, ଏବେ ତିରିଶ ଟଙ୍କା ଦର ଧରିଲାଣି । ମାଗିଲେ ଦଶ ଟଙ୍କା ମିଳୁନାହିଁ, ନଡ଼ିଆ ମାନସିକ ଦାନ ଅନେକ ମିଳୁଛି । ଆଉ ତାହା ବାଟ ମାରଣ ହେଉଛି କି ନାହିଁ କିଏ ଦେଖେ ? ତାରିଣୀ ଦେବୋତର ହୁଅନ୍ତୁ ବା ସରକାରଙ୍କ କୌଣସି ବିଭାଗ ଏ ପର୍ଯ୍ୟନ୍ତ କୌଣସି ବିଧି ଲଗାଇ ନାହାନ୍ତି । ସମ୍ପତି ଉପରେ, କାନୁନ ସବୁ ପ୍ରଶାସନ ସମୟ ସମୟକୁ ବିଧି ନିଷେଧ ଲଗାନ୍ତି । ଇସଲାମିକ ପ୍ରଶାସନରେ ଥିଲା ପିରୋତର ସମ୍ପତି ବାହେଲି, ଦେବୋତର ବାହେଲି, ଗୋଚର ଭୂମି, ଶ୍ମଶାନ ଭୂମି, ଗୋରେସ୍ଥାନ, ଏସବୁ ଏବେ ନାଙ୍କ ମତି ଏଥିରେ ଥିଲା ନାମଙ୍କ ହାରାମ ସମ୍ପତି । ଆମ ରାଜ୍ୟରେ ହିନ୍ଦୁ ରାଜ୍ୟରେ ହିନ୍ଦୁ ରାଜ ପ୍ରଶାସନ ମାନଙ୍କର ଥିଲା ବ୍ରହ୍ମୋତର ବାହେଲି, ଦେବୋତର ବାହେଲି, ଗୋଚର ଭୂମି, ଶ୍ମଶାନ ଭୂମି, ଗୋରେସ୍ଥାନ, ଏସବୁ ଏବେ ନାଙ୍କେ ବାଜିର ଭାଇ ବଂଟରା, ଜବର ଦଖଲକାରୀଙ୍କ ଚରାଭୂମି, ଲୋକଙ୍କ ସତ୍ୟ ଧର୍ମ ଚିନ୍ତା ସବୁ ଲୋକ ଦେଖାଣିଆ, ମଠ ମନ୍ଦିର ଜମି କେମିତି ଥିଲା ଏବେ କେମିତି ଅଛି କିଏ ଦେଖିବ ? କିଏ କହିବ କାହା ଜିଭରେ ହାଡ଼ ଅଛି । ଆଗେ ଧୋବା, ଭଣ୍ଡାରୀ, କୁମ୍ଭାର, ଠାକୁରାଣୀ ଠାକୁରଙ୍କ ସେବାକାରୀଙ୍କୁ ଜମି ହେତା ଦିଆଯାଉଥିଲା ସେମାନେ ଜମି ଦେଇଥିବା ବ୍ୟକ୍ତିଙ୍କ ସେବାରେ ବର୍ଷ ତମାମ ଲାଗି ରହୁଥିଲେ । ଧୂଳି ଭାଗ କାନୁନରେ ଜମିର ସେମାନେ ଦାଖଲଦାର ହେଲେ । ସେବାରେ ସମ୍ପୂର୍ଣ୍ଣ ଅବହେଳା ଲାଗୁ ହେବାରୁ ଅନେକଙ୍କ ଭାଗବତ ଗାଦି ଉଜୁଡ଼ି ଗଲା । ମନ୍ଦିର ସେବା ବନ୍ଦ ହେଲା, ଯେଉଁ ଠାକୁରଙ୍କ ରାଜରାଜେଶ୍ୱର ଉପଚାର ଚାଲୁଥିଲା ସେଠାରେ ଶୁଖିଲା ମୁଠାଏ କେବେ କେବେ ଭୋଗ ଲାଗୁଛି । ଖୋଦ ପ୍ରଭୁ ଜଗନ୍ନାଥଙ୍କ ଅନେକ ଜମି ଲୋକ ଚାଷ କରି ପ୍ରଭୁଙ୍କ ଅମୃତ ମଣୋହୀ ସେବାରେ ଅଂଶୀଦର ପରି ଶସ୍ୟ ଫଳ ପୁଷ୍ପ ତୁଳସୀ ଯୋଗାଉ ଥିଲେ । ସମସ୍ତେ ଜାଣନ୍ତି ଅନେକ ଭକ୍ତ ପ୍ରଭୁଙ୍କ ରଥଯାତ୍ରାକୁ ଆସୁଛନ୍ତି, କେହି ପୂର୍ବେ ହୋଟେଲ ଖାଉ ନଥିଲେ, କି ହୋଟେଲରେ ରହୁନଥିଲେ ଏଥିଲା କୋଠର ଧର୍ମୀୟ ଭାବନା । ଲୋକେ ଚାଲି ଦଣ୍ଡ ଭାଙ୍ଗି ଭାଙ୍ଗି ଆସୁଥିଲେ । ଜମିଦାର ରାଜାରାଜୁଡ଼ାମାନେ ନିଜ ଗୋଡ଼ରେ ନଚାଲି ନର ବାହାନ ସମ୍ପନ୍ନ ସବାରୀ, ଡୋଳା, ପାଲିକି ତାମଜାନରେ ଥାଟବାଟରେ ସାଙ୍ଗରେ ବହୁ ପ୍ରଜାଜନଙ୍କୁ ଚଳାଇ ଚଳାଇ ନାମକରି, ଜୟ ଜୟକାର ଆସୁଥିଲେ ବାଟରେ ପଥଚାରୀ ମାନଙ୍କୁ ଚଳନ୍ତି ପଥ ପ୍ରାନ୍ତର ଗ୍ରାମବାସୀମାନେ ଖାଦ୍ୟ ପାନୀୟ ଯଥା ଶକ୍ତି ଯୋଗାଉଥିଲେ । ରାସ୍ତା କଡ଼ରେ ଛାମୁଣ୍ଡିଆ ନାଲିଘର କରାଯାଉଥିଲା । ଯେଉଁ ଅଇଡ଼ା ପାଣି ଖରାଦିନେ ରାସ୍ତାରେ ଏବେ ଛାଁ ଛାଁ ମିଳୁଛି । ତାହା ତତ କାଳର ଶଙ୍କୁ ମାତ୍ର, ପ୍ରଭୁଙ୍କ ଭକ୍ତଙ୍କ ସେବା ହିଁ ପ୍ରଭୁଙ୍କ ସେବା ତତୁଲ୍ୟ । ଲୋକେ ଚୁଡ଼ା ଟୋକେଇ ଦହି ଆଣି ଚୁଡ଼ାଘଷା କରି ରଥଯାତ୍ରାରେ ସମବେତ ଜନତାଙ୍କୁ ବିତରଣ କରୁଥିଲେ । ଏବେ ଏହା ବ୍ୟାପକ ନୁହେଁ । ଭକ୍ତମାନେ ଏବେ ବଦଳି ଗଲେଣି କାହାକୁ ସମୟ ନାହିଁ, ଚାଲିବା ସାତସ୍ୱପ୍ନ, ଯାନର ଯାତ୍ରୀ, ମହାପ୍ରସାଦ ଧୂପ ଉଠିବା ବିଳମ୍ବ, ସାଥି ସାଥି ହୋଟେଲ ଖୋଜି ଭୋଜନ, ମଠ ଧର୍ମଶାଳା ନୁହେଁ ବଡ଼ ବଡ଼ ଦାମିକା ହୋଟେଲ ବାସ, ବିଳାସ ଭୂମି ଦିଅଁଙ୍କ କ୍ଷେତ୍ରକୁ ଲୋକେ ମନେକଲେଣି । ମନ୍ଦିର ସହ ଜଡ଼ିତ ଅନେକ ପରମ୍ପରାକୁ ଲୋକେ ନା ପସନ୍ଦ କରିଲେଣି । ଏଇତ କାଳର ଗତି, ଧର୍ମଙ୍କ ଦରିଦ୍ରତାକୁ ଲୋକଙ୍କ ମନମାନି । ଏ ପୂର୍ବାଂଚଳ ଅନ୍ନ ବ୍ରହ୍ମ କ୍ଷେତ୍ରର ବିବରଣୀ, ଏମିତି ସବୁକ୍ଷେତ୍ର ଯାଅ କାଶୀ ଯାଅ ହରିଦ୍ୱାର ଯାଅ ଅବନ୍ତୀ, ସବୁଠାରେ ବାଣିଜ୍ୟ ହାଟ, ଭକ୍ତ ବାହକ ଦାନରେ ବାଣିଜ୍ୟ ଭୋଜନରେ ବାଣିଜ୍ୟ ରହଣୀରେ ବାଣିଜ୍ୟ, ଲୋକେ ରାଜସିକ ଭାବରେ ତୀର୍ଥ ଯାତ୍ରାରେ ବାହାରୁଛନ୍ତି । ଆକ୍ରମଣକାରୀ ବାଣିଜ୍ୟକାରୀ ଧର୍ମାନ୍ତରୀକରଣ ଥୋପରେ ଲୋକଙ୍କ ଦ୍ୱାରା ଲୋକଙ୍କୁ ଆୟତ କରିବା ପାଇଁ ଓ ବଂଶାନୁକ୍ରମିକ ଶାସନ ଜାହିର ପାଇଁ ତାଙ୍କ ଧର୍ମ ସ୍ଥାନ କୁଳମକାରୀ ହାଣିମାରୀ ଭାଙ୍ଗିରୁଜି ଉତ୍ପାତ କରି ଗଢ଼ିଛନ୍ତି । କେବଳ ଉପାସନା ନୁହେଁ ଏଥିରେବି ସେମାନଙ୍କର କର ଆଦାୟ ଥିଲା । ଜିଜିୟା କର, ଯାତ୍ରୀକର, ଦାଢ଼ିଚାରି ଆଙ୍ଗୁଳିରୁ ଅଧିକ ରଖିଲେ ରାଜଦଣ୍ଡ ଥିଲା, ଅନେକ ନାପିତ ଏ ପାଇଁ ରାଜପଥରେ ତତ୍କାଳୀନ ସମୟରେ କ୍ଷୁର କତୁରୀ ଧରି ବୁଲୁଥିଲେ । ଧର୍ମ ବିଭେଦ ମାନ୍ୟତାରେ ବିବାଦ ତତପୂର୍ବରୁ ରହିଛି, ସ୍ୱ ଧର୍ମ ପାଇଁ ଥଇଥାନ ପାତ କେଉଁ ଧର୍ମରେ ରହିବା କଥା କେବେ ନୁହେଁ ।

ଏହା କେମିତି ସେ ସବୁ ଥିରେ ରହିଯାଇଛି । ଆମ ଦେଶ ସମ୍ବିଧାନରେ ଦେଶକୁ ସର୍ବ ଧର୍ମ ମାନ୍ୟତା ଦିଆଯାଇଛି । ସଂଖ୍ୟାଲଘୁ ଉଦଘୋଷ ସହିତ ଦେଶ କାନୁନ ମାନ୍ୟତା ସାର୍ବଜନୀନ ସବୁଧର୍ମ ପାଇଁ କରାଯାଇନାହିଁ । ଦେଶ ସ୍ୱାଧୀନ କାଳର ଜନସଂଖ୍ୟାର ବର୍ତ୍ତମାନ ଅଶୀ ଦଶକରେ ଜନବିସ୍ଫୋରଣ ହୋଇଗଲାଣି ପ୍ରତି ଦଶବର୍ଷର ଜନଗଣନା ଧାରାକ୍ରମ ୨୦୨୧ ଅଧିକ ଦାମରେ କିଏ ? କହି ଯାଗାରେ ସରକାର ଜମି ଲିଜ ସୂତ୍ରରେ ଲଟାରିରେ ଚଢ଼ା ଦାମରେ ଦେଉଛନ୍ତି । ଏ ମଧ୍ୟରେ ସାମ୍ପ୍ରଦାୟିକ ଧର୍ମୀୟ ସଦଭାବନା ଚିନ୍ତା କରାଯାଇଛି କି ? ଯେଉଁ ବ୍ରାହ୍ମଣ କରଣଙ୍କୁ ଉନ୍ନତବର୍ଗୀୟ ଧରାଯାଇଥିଲା ସେମାନଙ୍କ ବଂଶବୃଦ୍ଧିରେ ସେମାନେ କେମିତି ବର୍ତ୍ତମାନ ଦିନ କାଟୁଛନ୍ତି କିଏ ବୁଝିବ । ସଂଖ୍ୟା ଲଘୁଙ୍କ ସଂଖ୍ୟା ବଢ଼ି କେତେ ହେଲେ ସେମାନେ ସଂଖ୍ୟା ଗୁରୁହେବେ ଏ କାନୁନ କିଏ କରିବ ? ଅନୁନ୍ନତ ମାନଙ୍କ ସଂଖ୍ୟା କଣ ଏ ମଧ୍ୟରେ ସ୍ଥିର ଅଛି ନା ଉନ୍ନତ ହେଲେଣି ଏହାକିଏ ବୁଝିବ ? ପୂର୍ବ କାନୁନ ସଂସ୍କାର କିଏ କରିବ ? ଧର୍ମ ନାଁରେ ରାଜନୀତି ନହେଉ, ମନ୍ଦିର ମସଜିଦ, ଗୀର୍ଜା, ଗୁରୁଦ୍ୱାର ନିର୍ମାଣ ସ୍ଥିର ରହୁ । ବର୍ତ୍ତମାନ ସବୁଧର୍ମ ଲୋକଙ୍କ ପାଇଁ ଅତି ଉନ୍ନତ ଡାକ୍ତରଖାନା କରାଯାଉ, ରକ୍ତଭଣ୍ଡାର କରାଯାଉ, ୟୁନିଭରସିଟି କଲେଜ କରାଯାଉ ।

ବହୁ କର୍ମ ନିୟୋଗ ଉପାୟ କଟାଯାଉ, ପ୍ରାଚୀନ କାଳ ଶିଳ୍ପୀ ମାନଙ୍କୁ ଏଇ ମନ୍ଦିର ମସଜିଦ ନିର୍ମାଣରେ କର୍ମ ନିୟୋଗ ଶାସକ ମାନେ ହିଁ କରୁଥିଲେ । ଏବେ ନିର୍ମାଣଧାରା ବଦଳିଲାଣି । ଅନ୍ୟ ଦିଗରେ ଶିକ୍ଷ ମେଲିଗଲାଣି, ବିଜ୍ଞାନ ଟେକ୍ନିକାଲ ପ୍ରଗତିରେ ଲୋକଙ୍କୁ ଥଇଥାନ ନିହାତି ଜରୁରୀ, ଦେବତା ଅଛନ୍ତି ଅଦୃଶ୍ୟ ତାଙ୍କର ଧର୍ମ ବିଭେଦ କେବେ ନାହିଁ, ଶାସ୍ତ୍ରମାନ ଭଲ ଭାବରେ ପଢ଼ନ୍ତୁ, ସ୍ୱାର୍ଥନ୍ୱେଷୀ ଚିହ୍ନି ଦୂରେଇ ରୁହନ୍ତୁ, ଭାଇଚାରା ରକ୍ଷା କରନ୍ତୁ, ସରକାରଙ୍କୁ ଅଯଥା ଧନବ୍ୟୟରୁ ରକ୍ଷା କରନ୍ତୁ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ : ୯୪୩୭୦୩୧୨୫୩

ବନ୍ଦେ ମାତରମ୍ : ଭାରତର ଆତ୍ମା, ପ୍ରାଣ ଓ ପରିଚୟ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

'ବନ୍ଦେ ମାତରମ' ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ମନ୍ତ୍ର ହେଉ, ବିଭାଜନର ନୁହେଁ । ଖୋଲା ମନରେ ଖୋଲା ହୃଦୟରେ ଏହି ଜାତୀୟ ଗାନକୁ ଆସନ୍ତୁ ଗାନ କରିବା । ପୁନର୍ବାର ଏହି ଗୀତକୁ ମୁକ୍ତ କଣ୍ଠରେ ଜୟଗାନ କରି ନୂଆ ଭାରତ ନିର୍ମାଣ କରିବାର ବେଳ ଆସିଛି । ନିକଟରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ବିଧାନସଭାରେ ଏ ନେଇ ସ୍ୱତନ୍ତ୍ର ସଂକଳ୍ପ ଆଗତ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଲୋକପ୍ରିୟ ଭାବେ ପାଳନ କରୁଛନ୍ତି ।

ବନ୍ଦେ ମାତରମ ଗାଥାକୁ ସ୍ମରଣ କରିବା ସୌଭାଗ୍ୟର ବିଷୟ । ସେହି ମନ୍ତ୍ରର ବିଜୟ ଧ୍ୱନି ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲା ଓ ଜାତୀୟତାବୋଧକୁ ପ୍ରେରଣା ଦେଇଥିଲା । ବନ୍ଦେ ମାତରମ୍ ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା । ଏଇ ଗୀତ ଆମକୁ ମନେ ପକାଇ ଦିଏ ସଂଘର୍ଷଭରା ସ୍ୱାଧୀନତା ସଂଗ୍ରାମ କଥା । ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ ଓ ପ୍ରଶ୍ୱାସର ଗତି ସହିତ ଜଡ଼ିତ । ପ୍ରଥମ ଥର ପାଇଁ ଭାରତ ଭୂଖଣ୍ଡକୁ ଭାରତ ମାତା ରୂପେ ବର୍ଣ୍ଣନା କରି ଏହି ସଂଗୀତ ଲେଖାଯାଇଥିଲା । ଲୋକଙ୍କ ଭିତରେ ଏହା ଏକ ବୈପ୍ଳବିକ ମନୋଭାବ ସୃଷ୍ଟି କରିଥିଲା । ସ୍ୱାଧୀନତା ପର ଠାରୁ ଏହାକୁ ରାଷ୍ଟ୍ର ଗୀତ ଭାବେ ମର୍ଯ୍ୟାଦା ଦିଆଯାଇଛି । ଖୁସିର ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଏସବୁ ଭାବନାକୁ ପୁଣି ଜାଗ୍ରତ କରିବା ପାଇଁ ବନ୍ଦେ ମାତରମ ପରି ରାଷ୍ଟ୍ରଗୀତକୁ ଉତ୍ସବ ଆକାରରେ ପାଳିବା ପାଇଁ ନିଷ୍ପତି ନେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ପ୍ରତି ଜିଲ୍ଲା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସାଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଅତୀତର ସେହି ସ୍ମୃତି ସବୁ ଇତିହାସରେ ଚିର ବନ୍ଦିମାନ ହୋଇ ରହିବ, ବନ୍ଦେ ମାତରମର ୫୦ତମ ବାର୍ଷିକୀ ସମୟରେ ଦେଶକୁ ଦାସତ୍ୱରେ ରହିବାକୁ ବାଧ୍ୟ କରାଯାଇଥିଲା । ଇଂରେଜମାନେ ଯେତେବେଳେ ଭାରତକୁ ଭାଗ ଭାଗ କରିବା ପାଇଁ ଚାହିଁଥିଲେ ସେତେବେଳେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା । ଐତିହାସିକ ତଥ୍ୟ ଅନୁଯାୟୀ ଇଂରେଜମାନେ ଭାରତକୁ ଭାଗ ଭାଗ କରିବା ଲାଗି ବେଙ୍ଗଲକୁ ବାଛି ଥିଲେ । ୧୮୫୭ ବିଦ୍ରୋହ ପରେ ସେମାନେ ଜାଣିଗଲେ ଯେ ଯେଉଁ ଉଦ୍ଦେଶ୍ୟ ନେଇ ସେମାନେ ଆସିଥିଲେ ଭାରତରେ ଆଉ ବେଶି ଦିନ ରହିବା ସମ୍ଭବ ହେବନାହିଁ । ତେଣୁ ସେମାନେ ଭାରତକୁ ଦୁଇ ଭାଗ କରିବାକୁ ଚାହିଁଲେ । ବିଭାଜନ ରାଜନୀତି ଆରମ୍ଭ କଲେ, ବେଙ୍ଗଲକୁ ପ୍ରୟୋଗଶାଳା ବନାଇଲେ । ସେତେବେଳେ ବେଙ୍ଗଲର ବୌଦ୍ଧିକ ସାମର୍ଥ୍ୟ ଦେଶକୁ ଦିଶା ଦେଖାଉ ଥିଲା ସେଥିପାଇଁ ଇଂରେଜମାନେ ବେଙ୍ଗଲକୁ ଭାଗ ଭାଗ କରିବା ଆରମ୍ଭ କରିଥିଲେ । ୧୯୦୫ରେ ସେମାନେ ବେଙ୍ଗଲର ବିଭାଜନ କଲେ । ଇଂରେଜମାନେ ଏହି ପାପ କରିବା ସମୟରେ ବନ୍ଦେ ମାତରମ୍ ଚଟାଣ ଭଳି ରହିଥିଲା । ସେତେବେଳେ ବନ୍ଦେ ମାତରମ୍ ବେଙ୍ଗଲର ଏକତା ପାଇଁ ଗଳି ଗଳିର ସ୍ୱର ପାଲଟିଥିଲା । ବେଙ୍ଗଲକୁ ବିଭାଜନ କରିବା ପରେ ଭାରତକୁ ଭାଙ୍ଗିବା ଲାଗି ଇଂରେଜମାନେ ବୀଜ ରୋପଣ କରିଥିଲେ କିନ୍ତୁ ବନ୍ଦେ ମାତରମ୍ ଏକ ସ୍ୱର ଓ ଏକ ସୂତ୍ର ଭାବେ ଇଂରେଜ ଶାସକଙ୍କ ପାଇଁ ଆହ୍ୱାନ ପାଲଟିଥିଲା । ବେଙ୍ଗଲ ବିଭାଜନ ତ ଘଟିଲା କିନ୍ତୁ ଏକ ବହୁତ ବଡ଼ ସ୍ୱଦେଶୀ ଆନ୍ଦୋଳନ ମୁଣ୍ଡ ଟେକିଲା । ଇଂରେଜମାନେ ବୁଝି ସାରିଥିଲେ ଯେ ବେଙ୍ଗଲ ମାଟିରୁ ବଙ୍କିମ ଚାଟାର୍ଜୀଙ୍କର ଯେଉଁ ସ୍ୱର ବାହାରିଛି ତାହା ସେମାନଙ୍କୁ ଦୋହଲାଇ ଦେଇଛି । ତେଣୁ ସେମାନେ ଏହି ରାଷ୍ଟ୍ରଗୀତ ଉପରେ ତତ୍କାଳୀନ ସମୟରେ ଆଇନଗତ ପ୍ରତିବନ୍ଧକ ଆରୋପ କରିଥିଲେ । ଏହି ଗୀତ ସହ ଏହାକୁ ଗାଇବା ଓ ଛପାଇବା ଲାଗି ଦଣ୍ଡ ବିଧାନ କରାଗଲା । କିନ୍ତୁ ସେତେବେଳକୁ ଏହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱର ପାଲଟି ସାରିଥିଲା । ବନ୍ଦେ ମାତରମ୍ ପାଇଁ ଅନେକ ପିଲା ଓ ମହିଳା ଗୋରା ସରକାରଙ୍କ ଚାବୁକ ମାଡ଼ ଖାଇବା ସହ ଜୀବନ ମଧ୍ୟ ହାରି ଥିଲେ । ବିଶ୍ୱ ଇତିହାସରେ ଏଭଳି କୌଣସି ସଂଗୀତ କିମ୍ବା ଗୀତ ନାହିଁ ଯାହାକି ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରେରଣା ଦେଇ ଆସିଛି ସେଥିପାଇଁ ରବୀନ୍ଦ୍ର ଟାଗୋର ଲେଖିଥିଲେ 'ଏକ ସୂତ୍ରରେ ବନ୍ଧା ହଜାରେ ମନ, ଗୋଟିଏ କାମ ପାଇଁ ସମର୍ପିତ ହଜାରେ ଜୀବନ - ବନ୍ଦେ ମାତରମ୍' । ସ୍ୱାଧୀନତା ସମୟରେ ବନ୍ଦେ ମାତରମ୍ ଗାନ୍ଧିଜୀଙ୍କୁ ପସନ୍ଦ ଆସିଥିଲା । ସେ ଏହି ଗୀତକୁ ରାଷ୍ଟ୍ରଗୀତ ଭାବେ ଦେଖୁଥିଲେ । ଗାନ୍ଧିଜୀଙ୍କ ଲାଗି ଏହି ଗୀତର ଶକ୍ତି ବଢ଼ିଥିଲା । ଗାନ୍ଧିଜୀ ଲେଖିଥିଲେ 'ଏହାର ଭାବନା ମହାନ, ଅନ୍ୟ ଗୀତ ଅପେକ୍ଷା ମଧୁର । ଏହାର ଏକ ମାତ୍ର ଉଦ୍ଦେଶ୍ୟ ଆମ ଭିତରେ ଦେଶପ୍ରେମର ଭାବନା ଉଦ୍ରେକ କରିବା । ଗାନ୍ଧିଜୀ ଏହି ଗୀତକୁ ଭାରତ ମାତା ଭାବରେ ଦେଖିବା ଓ ସମ୍ମାନ କରିବା ଭାବରେ ବର୍ଣ୍ଣନା କରିଥିଲେ । ଯେତେବେଳେ ଭାରତ କୌଣସି ସଂକଟର ସମ୍ମୁଖୀନ ହୋଇଛି ଦେଶ ବନ୍ଦେ ମାତରମ୍ ଭାବନା ସହିତ ଆଗକୁ ବଢ଼ିଛି । ଆଜି ବି ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ଭଳି ଅବସରରେ ଏହି ଆତ୍ମା ସବୁଠାରେ ଦୃଶ୍ୟମାନ ହୁଏ କାରଣ ସମସ୍ତଙ୍କ ଘରେ ଗର୍ବର ସହିତ ତ୍ରିରଙ୍ଗା ଉଡେ । ଏହି ଭାବନା ସହିତ ଆଗକୁ ବଢ଼ିବା ସହିତ ଆତ୍ମ ନିର୍ଭର ଭାରତ ଗଢ଼ିବା ଓ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନ ପୂରଣ କରିବା ଦିଗରେ ଆସନ୍ତୁ ଆମେ ସମସ୍ତେ କାର୍ଯ୍ୟ କରିବା । ଅତୀତର ଏକ ସ୍ମୃତି ମନେଅଛି, ଯେତେବେଳେ ବନ୍ଦେ ମାତରମର ୧୦୦ତମ ବାର୍ଷିକ ପାଳନ କରାଗଲା, ସେତେବେଳେ ଦେଶକୁ ଜରୁରୀକାଳୀନ ପରିସ୍ଥିତିର ଶିକୁଳିରେ ବାନ୍ଧି ଦିଆଯାଇଥିଲା । ଏ ବେଦନା ଆମ ସମସ୍ତଙ୍କୁ ସତର୍କ କରିଦିଏ, ଯେପରି ଏଭଳି ପରିସ୍ଥିତି ସ୍ୱାଧୀନ ଭାରତରେ ଆଉ କେବେ ବି ନ ଆସୁ । 'ବନ୍ଦେ ମାତରମ୍' ଆମ ପାଇଁ ଏହି ସଂକଳ୍ପକୁ ପୁନରାବୃତି କରିବାର ଏକ ମହାନ ସୁଯୋଗ । ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି । ବନ୍ଦେ ମାତରମ୍ ସଂଗୀତରୁ ନୂତନ ଶକ୍ତି ଏବଂ ପ୍ରେରଣା ନେଇ ଆମେ ସମସ୍ତେ ଏକ ବୃହତର ସମାଜର ବୃହତର ରାଜ୍ୟର ବୃହତର ରାଷ୍ଟ୍ରକୁ ବେଗବାନ କରାଇବା, ଆଗେଇ ନେବା ଏବଂ ନିଜକୁ ସମର୍ପିତ କରିବା । ବାସ୍ତବିକ ବନ୍ଦେ ମାତରମ ଏକ ସଙ୍ଗୀତ ନୁହେଁ, ଏହା ଭାରତର ଆତ୍ମା, ପ୍ରାଣ ଓ ପରିଚୟ । ଏହା ଚିରକାଳ ଭାରତୀୟଙ୍କ ଆତ୍ମାକୁ ଜାଗ୍ରତ କରୁଥିବ । ଏହା ସଭିଙ୍କୁ ଏକଠି ରଖିବା ସହ ଯୋଡ଼ିବାର ଗୀତ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ଜମି ମାଲିକାନା କୃଷକ ହାତକୁ ଯାଉ

॥ ଗଙ୍ଗାଧର ସାମଲ ॥

ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଂଚଳରେ ବାସ କରନ୍ତି । ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ । ଗ୍ରାମାଂଚଳରେ ଅଧିକାଂଶ ଗରିବ ବାସ କରନ୍ତି । ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ୍ୟ ଗ୍ରାମାଂଚଳରେ ବାସ କରନ୍ତି । ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ । ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯିବ । ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ । ଆସନ୍ତା ବର୍ଷଠାରୁ ଏଥିରୁ ଚାଳିଶ ହଜାର ହେକ୍ଟର ଜଳସେଚିତ ହେବ । ଏସବୁରୁ ସୂଚନା ମିଳୁଛି ଯେ ଗ୍ରାମାଂଚଳର ଦାରିଦ୍ର୍ୟ ହ୍ରାସ ପାଉଛି କିନ୍ତୁ ଅସଲ କଥା ହେଉଛି ଯେ ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ନହେବାର କାରଣ ହେଉଛି ଯେ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ । ଯେଉଁମାନେ ଜମିର ମାଲିକ ନୁହନ୍ତି ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ । ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ହୋଇ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ । ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି । ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଲେ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ । ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ । ଏହି ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ ଯଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ । ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ । ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି । ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ । ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛାର ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ । ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ । ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ଦୁଇଗୁଣ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀମାନଙ୍କର ସଂଖ୍ୟା କମିଛି ଏବଂ ତା ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହୋଇଥିବ ।

କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶା୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ । ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନଥିବାରୁ ଜମିରୁ ଅଧିକ ଫସଲ ଉତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହାସ କରିପାରୁନାହିଁ । କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ । ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବନାହିଁ । ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା ସମସ୍ୟା ପାଇଁ ଦୋଷ ଦେଇହେବନାହିଁ । କାରଣ ତା ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ । ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକରାତ୍ମକ ପଦକ୍ଷେପ । କିନ୍ତୁ ପ୍ରାକୃତିକ ବିପତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା ହାତରେ ନାହିଁ । ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି । ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ । ଜଳସେଚନର ସୁବ୍ୟବସ୍ଥା ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା ହାତରେ ଯଦି କିଛି ପାଣ୍ଠି ନରହେ ତେବେ କୃଷିର ସହିତ ଆନୁସଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ । ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଂଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ । ଅନେକ ବର୍ଷ ପରେ ରାଜ୍ୟରେ ନବଗଠିତ ଡବଲ ଇଞ୍ଜିନ ସରକାର କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟର ଭାଗଚାଷୀମାନଙ୍କ ସ୍ୱାର୍ଥକୁ ଜଗିବେ ସରକାର । ଆଣିବେ ନୂଆ ଆଇନ । ଜମି ନଥାଇ ମଧ୍ୟ ସେମାନେ ଋଣ ପାଇପାରିବେ । ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକ ପ୍ରବଣ ରାଜ୍ୟରେ ବିପର୍ଯ୍ୟୟରେ ଫସଲହାନି ହେଲେ ଇନପୁଟ ସବସିଡ଼ି ସହ ବୀମାରାଶି ମଧ୍ୟ ପାଇବାକୁ ହକଦାର ହେବେ । ଏଥିପାଇଁ ସରକାର ନୀତି ଆୟୋଗ ଢାଂଚାରେ ନୂଆ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଅଂଟା ଭିଡ଼ି ଚିଠା ବିଲ ପ୍ରସ୍ତୁତ କରିଛନ୍ତି । ଏ ଚିଠା ପ୍ରାଥମିକ ପର୍ଯ୍ୟାୟରେ ଅଛି । ଖୁବ ଶୀଘ୍ର ସରକାର ଚୂଡ଼ାନ୍ତ ନିଷ୍ପତି ନେବାକୁ ଯାଉଛନ୍ତି । ଏହା ସହ ଏହି ଯୋଜନାକୁ ସଫଳ କରିବା ପାଇଁ ସରକାର ରାଜ୍ୟର ଚାଷୀ ଓ ଭାଗଚାଷୀଙ୍କ ମତାମତ ଲୋଡ଼ିଲେ । ଜମି ମାଲିକଙ୍କ ମତ ଲୋଡ଼ିବା ପରେ ସରକାର ଏ ନେଇ ଆଗେଇବା ପାଇଁ ଯାଉଛନ୍ତି ।

ଏଠାରେ ସୂଚାଇଛୁ କି ଯେ, ଭାଗଚାଷୀମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଆଇନରେ ସେଭଳି କିଛି ବ୍ୟବସ୍ଥା ନଥିଲା । ପ୍ରାକୃତିକ ବିପର୍ଯ୍ୟୟ ପରେ ଯାହାକିଛି ରାଜସ୍ୱ ବିଭାଗ ଇନପୁଟ ସବସିଡ଼ି ଆକାରରେ ସହାୟତା ଦେଇଥାଏ । ମାତ୍ର ଭାଗଚାଷୀଙ୍କ ପାଇଁ କିଛି ଆଇନ ନଥିବାରୁ ଏହାର ଲାଭ ଜମି ମାଲିକମାନେ ପାଇଥାନ୍ତି । ରାଜ୍ୟ ସରକାରଙ୍କ ୨୦୧୫-୧୬ କୃଷି ଗଣନା ଦର୍ଶାଉଛି, ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ଅଛନ୍ତି । ସେମାନଙ୍କ ମଧ୍ୟରେ ୯୫ ହଜାର ୧୮୪ ଭାଗଚାଷୀଙ୍କୁ ଚିହ୍ନଟ କରାଯାଇଛି । ମାତ୍ର ବେସରକାରୀ କୃଷକ ସଂଗଠନଙ୍କ ଦାବି ରାଜ୍ୟରେ ଭାଗ ଚାଷୀଙ୍କ ସଂଖ୍ୟା ୧୫ ଲକ୍ଷ ଡେଇଁ ଯିବ ବୋଲି ମତ ରଖୁଛନ୍ତି । ଭାଗଚାଷୀଙ୍କୁ ଋଣ ଯୋଗାଇବାକୁ 'ବଳରାମ' ଯୋଜନା ଆଣିଥିଲେ । ମାତ୍ର ଏ ଯୋଜନାର ସୁଫଳ ଭାଗଚାଷୀଙ୍କୁ ବିଶେଷ ମିଳୁନି । ଭାଗଚାଷୀମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି ଏହି ଋଣ ପାଇଁ ଆବେଦନ କରୁଛନ୍ତି । ଏଥିରେ ଯାହା ଋଣ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ । ଗୋଟିଏ ଗୋଷ୍ଠୀ ସର୍ବାଧିକ ୨ଲକ୍ଷ ଟଙ୍କା ଋଣ ପାଇବାର ନିୟମ ରହିଛି । ଜାତୀୟକରଣ କିମ୍ବା ଘରୋଇ ବ୍ୟାଙ୍କଗୁଡ଼ିକ 'ବଳରାମ'ରେ ଋଣ ଦେବାକୁ କୁଣ୍ଠୁକୁଣ୍ଠୁ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ଲୋକପ୍ରିୟ ସରକାର ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିଛନ୍ତି । ନୂଆ ସରକାର ଚାଷ ଓ ଚାଷୀଙ୍କୁ ଅଗ୍ରାଧିକାର ଦେଇ 'ସମୃଦ୍ଧ କୃଷକ ଯୋଜନା'ରେ ୬ ହଜାର କୋଟି ଖର୍ଚ୍ଚ କରିବାକୁ ପାଣ୍ଠି ବରାଦ କରିଛନ୍ତି । ଏହି ଯୋଜନା ଅନୁଯାୟୀ ୩୮ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଫସଲ ଋଣ ଦେବାକୁ ନିଷ୍ପତି ନେଇଛନ୍ତି । ସରକାର ବ୍ୟାଙ୍କ ଋଣ ସହ ଧାନ ବିକ୍ରି କରିବାକୁ ମଧ୍ୟ ପଞ୍ଜୀକରଣ ବେଳେ ଭାଗ ଚାଷୀଙ୍କୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ସେଲ ଗଠନ କରିଛନ୍ତି । ଏଠାରେ ଆମେ କହି ରଖୁ କି ଯେ, ଭାଗଚାଷୀ ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜରେ ନେଇଥାନ୍ତି । ସେ ଦୁଇଜଣଙ୍କ ରାଜିନାମା ଅନୁଯାୟୀ ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲର ଦୁଇ ଫଂଟମାଂଶ ଜମି ମାଲିକଙ୍କୁ ଦେବାକୁ ପଡ଼ିଥାଏ । ଭାଗଚାଷୀ ପ୍ରାକୃତିକ ବିପର୍ଯ୍ୟୟର କ୍ଷତି ସହେ । ଅଭାବୀ ବିକ୍ରିର ଶିକାର ହୁଏ । ପ୍ରଧାନମନ୍ତ୍ରୀ ଫସଲ ବୀମାରେ ସାମିଲ ହୋଇପାରିନଥାଏ । ଏହାବାଦ ନିଜ ନାମରେ ଜମି ପଟ୍ଟା ନଥିବାରୁ ସରକାରୀ ସୁବିଧା କିମ୍ବା କ୍ଷତିପୂରଣ ପାଇପାରୁନି । ଭାଗଚାଷୀ ଆଇନ ଚିଠା ବିଲ ପ୍ରସ୍ତୁତି ବେଳେ ସରକାର ସ୍ଥିର କରିଥିଲେ, ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟ-୧୯୬୦ରେ ସରକାର ସଂଶୋଧନ ଆଣିବେ । ଜମି ମାଲିକମାନଙ୍କ ସହ ଭାଗଚାଷୀମାନେ ଏକ ଚୁକ୍ତି କରିବେ । ଉଭୟଙ୍କ ସ୍ୱାର୍ଥକୁ ସୁହାଇଲା ଭଳି ସରକାରୀ ଫର୍ମାଟରେ ଏ କାଗଜପତ୍ର କାମ ହେବ । ସରପଂଚଙ୍କ ଉପସ୍ଥିତିରେ ଉଭୟ ପକ୍ଷ ଏଥିରେ ସ୍ୱାକ୍ଷର କରିବେ । ଏହାର ବୈଧତାକୁ ଆବଶ୍ୟକ ସ୍ଥଳେ ଯାଂଚ କରିବାକୁ ଏହାର ନକଲ ରାଜସ୍ୱ ନିରୀକ୍ଷକ ଏବଂ ତହସିଲ ଅଫିସରେ ରଖାଯିବ । ନୂଆ ବ୍ୟବସ୍ଥାରେ ଜମି ମାଲିକଙ୍କ ହାତରୁ ଜମି ଭାଗଚାଷୀ ନିକଟକୁ ଚାଲିଯିବନି କିମ୍ବା ଭାଗଚାଷୀ ମଧ୍ୟ ସରକାରୀ ସୁବିଧା ସୁଯୋଗରୁ ବଂଚିତ ହେବନି । ଖୁବ ଶୀଘ୍ର ସରକାରୀ ଭାବେ ଏକ ଚିଠା ବିଲ ପ୍ରସ୍ତୁତ ହେବାକୁ ଯାଉଛି ଯଦ୍ଦ୍ୱାରା ସରକାର ଭାଗଚାଷୀଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବେ ଏବଂ ଓଡ଼ିଶାରେ ଏହି ସ୍ୱତନ୍ତ୍ର ଆଇନ ଅନ୍ତର୍ଭୁକ୍ତ ଭାଗଚାଷୀମାନେ ଚାଷ ବାସରେ ଯଥେଷ୍ଟ ଅଗ୍ରଗତି କରି ଓଡ଼ିଶାର କୃଷି କର୍ମଣ କ୍ଷେତ୍ରରେ ନିଜ ଭାଗିଦାରୀତାକୁ ବଢ଼ାଇ ପାରିବେ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ :
୮୩୨୮୯୪୮୬୪୩ / ୯୪୩୭୨୨୬୬୪୭

ଜି.ଉଦୟଗିରିରେ କଲବଲ କରୁଛି ହାଡ଼ଭଙ୍ଗା ଶୀତ
୪ ଡିଗ୍ରୀ ଶୀତରେ ଥରୁଛି ଜି.ଉଦୟଗିରି

ଜି.ଉଦୟଗିରି, ୧୧/୧୨ (ଆ.ପ୍ର) : ଶୀତର ପ୍ରକୋପ ସମଗ୍ର ଓଡ଼ିଶାରେ କାୟା ବିସ୍ତାର କରିଥିବା ବେଳେ ରାଜ୍ୟର ବହୁ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ରହିଛି । ବିଗତ ଦୁଇ ସପ୍ତାହ ହେବ ହାଡ଼ଭଙ୍ଗା ଶୀତରେ ଥରୁଛି ଜି.ଉଦୟଗିରି ଅଂଚଳ । ପାଣିପାଗ ବିଭାଗର ସୂଚନା ଅନୁସାରେ ଗୁରୁବାର ଜି.ଉଦୟଗିରି ରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଫୁଲବାଣୀ ୫.୨ ଡିଗ୍ରୀ ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ ରହିଥିବା ରେକର୍ଡ଼ କରାଯାଇଛି । ଓଡ଼ିଶାର କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ବହୁ ବର୍ଷ ଧରି ଶୀତ ଋତୁ ରେ ଏମିତି ଥଣ୍ଡା ହେବାର ନଜିର୍ ରହିଛି । ଜି.ଉଦୟଗିରିରେ ଏମିତି ଶୀତକୁ ନେଇ ପୁରୁଣାକାଳିଆ ଲୋକେ କହନ୍ତି ଶୀତ ଦିନେ 'ଜି.ଉଦୟଗିରି ଯାଆନା, ଯଦି ଜିବୁ ରାତି ରହନା, ଯଦି ରହିବୁ ଜି.ଉଦୟଗିରି ନଦୀ ବନ୍ଧରେ ଗାଧୋଇବା ମନ କରେନା' । ଏହାର ଏକ ମାତ୍ର ଅର୍ଥ ଜି.ଉଦୟଗିରି ରେ ସବୁଠାରୁ ଅଧିକ ଶୀତ ହୁଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏଠାରେ ତାପ ମାପକ ଯନ୍ତ୍ର ନଥିବା ଯୋଗୁଁ ସଠିକ ଭାବେ କେତେ ଡିଗ୍ରୀ ତାପମାତ୍ରା ରହୁଛି ଜାଣି ହେଉନଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେଉଛି । ପାହଡ଼ ତଳିଆ ଅଂଚଳରେ ଆହୁରି ଅଧିକ ଥଣ୍ଡା ହେଉଥିବା ବେଳେ ତାପମାତ୍ରା ୨ ଡିଗ୍ରୀ ତଳେ ରହୁଥିବା ଦାବି ହେଉଛି । ବିଗତ ୫ ଦିନ ହେବ ୫ ଡିଗ୍ରୀ ତଳେ ତାପମାତ୍ରା ରହିଛି । ପ୍ରବଳ ଶୀତ ଓ ଘନ କୁହୁଡ଼ି ଯୋଗୁଁ ଜନ ଜୀବନ ପ୍ରଭାବିତ ହେଉଛି । ବିଶେଷ କରି ଘନ କୁହୁଡ଼ି ଯୋଗୁଁ କଳିଙ୍ଗା ଘାଟି ସହ ସମସ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଯାନବାହାନ ଚଳାଚଳ ଅସୁବିଧା ହେଉଛି ଓ ଦୁର୍ଘଟଣା ମଧ୍ୟ ବଢୁଛି । ପ୍ରବଳ ଶୀତ ଯୋଗୁଁ ରାସ୍ତା ପାର୍ଶ୍ୱରେ ରହି ବ୍ୟବସାୟ କରୁଥିବା ସ୍ଥାନୀୟ ଚାଷୀ, ଦିନ ମଜୁରିଆ ମାନେ ବେଶୀ ପ୍ରଭାବିତ ହେଉଛନ୍ତି । ଏଣେ ଶୀତର ମଜା ନେବା ପାଇଁ ରାଜ୍ୟବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଚାଲିଛି । ହିଲଟପ, କଫିବଗିଚା, କଳିଙ୍ଗା ଘାଟି ଓ ବଟାନିକାଲ ଗାର୍ଡେନ ଭଳି ବହୁ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ପ୍ରବଳ ଶୀତ ଜାଡ ଯୋଗୁଁ ଘରୁ ବାହାରିବା କଷ୍ଟ ହେଉଛି, ସନ୍ଧ୍ୟା ହେବା କ୍ଷଣି ବଜାରରେ ରହନି କମି ଯାଉଛି ଓ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ନିଆଁର ସାହାରା ନେଉଛନ୍ତି । ବୃଦ୍ଧ ବୃଦ୍ଧାଙ୍କୁ ଅଧିକ ମାତ୍ରାରେ ଶୀତର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି ।

ଅବକାରୀ ବିଭାଗ ଚଢ଼ାଉରେ ବେପାରୀ ଭୟଭୀତ

ଦଶପଲ୍ଲା /ଗଣିଆ, ୧୧/୧୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଡ୍ରଗ୍ସ ଇନିସ୍ପେକ୍ଟର ସନ୍ତୋଷ କୁମାର ପ୍ରଧାନ, ଏନସିଡି ଆସିଷ୍ଟାଣ୍ଟ ମ୍ୟାନେଜର ଦିନବନ୍ଧୁ ସାହୁ, ଅବକାରୀ ବିଭାଗୀୟ ପୋଲିସ ବାଦଲ ସାମଲ, ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କ ତତ୍ତ୍ୱାବଧାନ କ୍ରମେ ଥାନା କର୍ମଚାରୀ ହଠାତ୍ ଗୁରୁବାର ଗଣିଆ ବଜାର ଓ ହାଟ ଭିତରେ ପ୍ରବେଶ କରି ବିଭିନ୍ନ ଅବକାରୀ ସାମଗ୍ରୀ ବିଡି, ସିଗାରେଟ, ଖଇନି, ଗୁଟଖା, ଶତାବରୀ ଆଦି ମାଦକ ଦ୍ରବ୍ୟ ବିକ୍ରୟ କରୁଥିବା ଦୋକାନି ମାନଙ୍କୁ ଠାବ କରିଥିଲେ । କିଛି ଦୋକାନୀ ମାନଙ୍କ ଉପରେ ଚଢ଼ାଉ କରି ଜୋରିମାନା ଆକାରରେ ଜଣଙ୍କ ଠାରୁ ଏକ ଶହ ଓ ଆଉ ଦୁଇ ଜଣ ଦୋକାନୀଙ୍କ ଠାରୁ ଦୁଇ ଶହ ଲେଖାଏଁ ଏହିପରି ପାଂଚ ଶହ ଟଙ୍କା ଆଦାୟ କରିଥିବାର ସନ୍ତୋଷ କୁମାର ପ୍ରଧାନ କହିଥିଲେ । ଏଥି ସହିତ ଏ ସବୁ ମାଦକ ଦ୍ରବ୍ୟ ସେବନ କରିବା ଦ୍ୱାରା ବିଭିନ୍ନ ପ୍ରକାରର ମାରାତ୍ମକ ମୁଖ କର୍କଟ ରୋଗ ସହିତ ଅଧିକ ମାତ୍ରାରେ ମୁଖ ଗହ୍ୱର ଆଦି

ମାରାତ୍ମକ ରୋଗ ହେଉଛି ବୋଲି ବୁଝାଇବା ସହ ଦୋକାନୀ ଓ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଅବକାରୀ ବିଭାଗ ପକ୍ଷରୁ ଜନ ସଚେତନତା କରାଇ ଅବକାରୀ ଦ୍ରବ୍ୟ ର ବ୍ୟବହାର ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ ।

ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

ପୁରୀ, ୧୧/୧୨ (ଆ.ପ୍ର) : ପୁରୀବାସୀଙ୍କ ଶ୍ରୀମନ୍ଦିର ରେ ସୁରକ୍ଷିତରେ ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ଆଲୋଚନା ରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଖୁବ୍ ଶୀଘ୍ର ସରକାର ଏଦିଗରେ ଘୋଷଣା କରିବେ । ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଓ ବିଜେପି ସଭାପତି ଡାକ୍ତର ଦେବେନ୍ଦ୍ର କୁମାର ତରେଇଙ୍କ ନେତୃତ୍ୱରେ ଏହି ରୁଦ୍ଧଦ୍ୱାର ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ, ଡକ୍ଟର ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ମନୋଜ ରଥ ଓ ରାକେଶ କୁମାର ମହାନ୍ତି, ପୁରୀବାସୀଙ୍କ ମନ୍ଦିର ପ୍ରବେଶ, ଜଗନ୍ନାଥ ଦର୍ଶନ, ଅବଢା କିଣା, ଖୁଆଁଲି କିଣା, ସତ୍ୟନାରାୟଣ ଦର୍ଶନ, ଲକ୍ଷ୍ମୀ ଦର୍ଶନ, ସୂର୍ଯ୍ୟ ମନ୍ଦିରରେ ନିର୍ବନ୍ଧ, ଶୀତଳା ଦର୍ଶନ ଭଳି ଅନେକ ବିଷୟରେ ଆଲୋଚନା କରିଥିଲେ । ସୂଚନା ଅନୁସାରେ ଏହା ଏକ ବିପ୍ଳବ ବା' ଆନ୍ଦୋଳନ ନୁହେଁ, ଏହା ପୁରୀବାସୀଙ୍କ ଠାକୁର ଓ ସରକାରଙ୍କ ଠାରେ ନିବେଦନ ବୋଲି ଶହଶହ ମହିଳା, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀଙ୍କ ସହ ପୁରୀବାସୀଙ୍କ ପକ୍ଷରୁ ଅଭିଯାନ ମଂଚ ସିଂହଦ୍ୱାର ଓ ଶରଧାବାଲିରେ ମିଳିତ ପ୍ରାର୍ଥନା ଓ ଦୀପଦାନ କରିବା ସହ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଶ୍ରୀମନ୍ଦିର ପ୍ରଶାସକ ଓ ଜିଲ୍ଲାପାଳଙ୍କୁ ଗତ ୭ ତାରିଖ ରେ ନିବେଦନପତ୍ର ପ୍ରଦାନ କରିଥିଲେ । ରାଜ୍ୟ ସରକାର ମାତ୍ର ଦୁଇ ଦିନ ବ୍ୟବଧାନ ରେ ଅଭିଯାନ ମଂଚ ସହ ଆଲୋଚନା କରିଥିବାରୁ ପୁରୀବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ଗୋଲକ ମହାପାତ୍ର ଅନୁଗୁଳ ଜିଲ୍ଲା ବିଜେପିର ନୂତନ ପ୍ରଭାରୀ

ତାଳଚେର, ୧୧/୧୨ (ଆ.ପ୍ର) : ଅନୁଗୁଳ ଜିଲ୍ଲା ବିଜେପିର ସାଙ୍ଗଠନିକ ପ୍ରଭାରୀ ଭାବେ ବରିଷ୍ଠ ନେତା ପ୍ରାକ୍ତନ ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ରଙ୍କୁ ଦାୟିତ୍ୱ ମିଳିଛି । ରାଜ୍ୟ ବିଜେପି ପକ୍ଷରୁ ନାମ ଘୋଷଣା ହେବା ପରେ ଅନୁଗୁଳ ଜିଲ୍ଲା ବିଜେପି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି । ଗୋଲକ ମହାପାତ୍ର ଜଣେ ଅନୁଭବୀ ନେତା ଏବଂ ବିଗତ ନିର୍ବାଚନରେ ଢେଙ୍କାନାଳ ପାଇଁ ପ୍ରଭାରୀ ଥିବା ବେଳେ ଅନୁଗୁଳ ଜିଲ୍ଲାରେ ସାଙ୍ଗଠନିକ କାର୍ଯ୍ୟକୁ ସଠିକ ଭାବେ ପରିଚାଳନା ଚାଳନା କରି ବିଜେପିକୁ ବିଜୟୀ କରିବାରେ ସହାୟକ ଥିଲେ । ପୁନର୍ବାର ଅନୁଗୁଳ ଜିଲ୍ଲାର ପ୍ରଭାରୀ ହେବା ନିଶ୍ଚିତ ଭାବେ ବିଜେପିର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଘଟିବ ବୋଲି ବିଜେପି ପକ୍ଷରୁ ଆକଳନ କରାଯାଇଛି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବିଜେପି ରାଜ୍ୟ ସଂପାଦକ କାଳନ୍ଦି ସାମଲ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପାଳଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ଜିଲ୍ଲା ସଭାପତି ବିଲେଶ୍ୱର ପ୍ରଧାନ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜୋନାଲ ମିଡ଼ିଆ ସେଲ ପ୍ରଭାରୀ ପର୍ଶୁରାମ ବାରିକଙ୍କ ସମେତ ସମସ୍ତ ଜିଲ୍ଲା ସଦସ୍ୟମାନେ ଜିଲ୍ଲା ପ୍ରଭାରୀ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ଗୋଲକ ମହାପାତ୍ରଙ୍କୁ ସ୍ୱାଗତ ଜଣାଇଛନ୍ତି ।

ଓଏଭି, କୁସୁମୀରେ ଏନସିସିର ଆନୁଷ୍ଠାନିକ ଶୁଭାରମ୍ଭ

କୁକୁଡାଖଣ୍ଡି, ୧୧/୧୨ (ଆ.ପ୍ର) : ସ୍ଥାନୀୟ ବ୍ଲକ ଅଧିନସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟ, କୁସୁମୀରେ ପ୍ରଥମ ଥର ପାଇଁ ଏନସିସି (ଆର୍ମି ୱିଙ୍ଗ) ଆରମ୍ଭ ହୋଇଛି । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶାରୀରିକ ଏବଂ ମାନସିକ ପ୍ରଗତି, ଶୃଙ୍ଖଳା, ନୀତି, ନିଷ୍ଠା ଓ ଦେଶସେବାର ମୂଲ୍ୟବୋଧ ଗଢିବା ପାଇଁ ଏନସିସି ଏକ ଉତ୍କୃଷ୍ଟ ମାଧ୍ୟମ । ୧୦(ଓଡିଶା) ବାଟାଲିୟନର କମାଣ୍ଡିଙ୍ଗ ଅଫିସର ଲେଫ୍ଟନେଂଟ କର୍ଣ୍ଣଲ ନିତିନ ସହାୟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନସିସି ବିଭାଗ ଓଏଭି, କୁସୁମୀରେ ଆରମ୍ଭ ହୋଇଛି । ଏହି ଅବସରରେ ହନୋରାରୀ କ୍ୟାପଟେନ ସାଇ ପ୍ରସାଦ ପାତ୍ର ଏବଂ ହନୋରାରୀ କ୍ୟାପଟେନ ଶରତ ଗୌଡ଼ ଛାତ୍ରଛାତ୍ରୀଙ୍କୁ କ୍ୟାଡେଟ ଭାବେ ଯୋଗଦେବା, ଶିକ୍ଷଣ ପ୍ରଣାଳୀ, ସମାଜସେବା, ଆଡଭେଂଚର କ୍ୟାମ୍ପ, କ୍ୟାରିୟର ପ୍ରତି ଏନସିସି ର ମହତ୍ୱ ଇତ୍ୟାଦି ସମ୍ପର୍କରେ ସମ୍ପୂର୍ଣ ତଥ୍ୟ ପ୍ରଦାନ କରିଥିଲେ । ୯ ଡିସେମ୍ବର ୨୦୨୫ ରେ ଆଦର୍ଶ ବିଦ୍ୟାଳୟର ଏଏନଓ ଅମ୍ବିକା ପ୍ରସାଦ ଦାଶଙ୍କ ପରିଚାଳନାରେ ପ୍ରଥମ ବର୍ଷ ପାଇଁ ସମୁଦାୟ ୨୫ ଜଣଙ୍କୁ ଏନସିସି କ୍ୟାଡେଟ ଭାବେ ଚୟନ କରାଯାଇଛି । ସେଥିମଧ୍ୟରେ ୧୩ ଜଣ ବାଳକ ଓ ୧୨ ଜଣ ବାଳିକା ଅଛନ୍ତି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଭାବନାକୁ ଜାଗ୍ରତ କରିବାପାଇଁ ଏନସିସି ସହାୟକ ହେବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ସେଠୀ ମତପ୍ରଦାନ କରିଥିଲେ ।

ଯାଜପୁର ଜିଲ୍ଲା ପ୍ରେସ କ୍ଲବର ପ୍ରଥମ ବାର୍ଷିକ ଉତ୍ସବର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ଯାଜପୁର, ୧୧/୧୨ (ଆ.ପ୍ର) : ନବଗଠିତ ଯାଜପୁର ଜିଲ୍ଲା ପ୍ରେସ କ୍ଲବର ପ୍ରଥମ ବାର୍ଷିକ ଉତ୍ସ ଡିସେମ୍ବର ୧୪ ତାରିଖ ରବିବାର ଦିନ ଯାଜପୁର ସହରସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହେବ ବୋଲି ଯାଜପୁର ଜିଲ୍ଲା ପ୍ରେସ କ୍ଲବର ସଭାପତି ଅଜୟ କୁମାର ରାଉତ ଜଣାଇଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସମବାୟ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ସେହିପରି ଭାବରେ ମୁଖ୍ୟ ବକ୍ତା ଭାବେ ଯାଜପୁର ସାଂସଦ ଡ଼.ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲାବେଳେ ବରେଣ୍ୟ ଅତିଥି ଭାବେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଓ ବରେଣ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗ ଦେବାର କାର୍ଯ୍ୟକ୍ରମ ଅଛି । ସମ୍ମାନୀତ ଅତିଥି ଭାବେ ବଡଚଣା ବିଧାୟକ ଅମର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଳ ଓ ବରିଷ୍ଠ ବି ଜେ ପି ନେତା ଗୌତମ ରାୟ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ମାଟିରେ ଜନ୍ମ ନେଇ ସାରା ଓଡ଼ିଶାରେ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଖ୍ୟାତି ଅର୍ଜନ କରିଥିବା ଓଡିଶା ରିପୋର୍ଟରର ସଂପାଦକ ଦେବେନ୍ଦ୍ର ପୃଷ୍ଟି, ନଂନ୍ଦିଘୋଷଟିଭିର ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଦାସ, ଯଯାତି ମହାନ୍ତି ଓ ଚିନ୍ମୟ ମହାପାତ୍ର, ଓଟିଭିର ବରିଷ୍ଠ ସାମ୍ବାଦିକ ଗୌତମ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲ୍ଲା ପ୍ରେସ କ୍ଲବର ସଂପାଦକ ତରୁଣ କୁମାର ନନ୍ଦଙ୍କ ଠାରୁ ପ୍ରକାଶ । କାର୍ଯ୍ୟକ୍ରମ ଆରମ୍ଭରେ ଡିଏବି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଯାଜପୁର ଜିଲ୍ଲା ପ୍ରେସ୍ କ୍ଲବ୍ ପକ୍ଷରୁ ସୂଚନା ହସ୍ତଗତ ହୋଇଛି ।

ସଡ଼କ ଦୁର୍ଘଟଣାରେ ଜଣେ ମୃତ ଜଣେ ଆହତ

ପାରଳାଖେମୁଣ୍ଡି, ୧୧/୧୨ (ଆ.ପ୍ର) : ଗଜପତି ଜିଲ୍ଲାରେ ଏକ ଦୁଃଖଦ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଂକର ପ୍ରାଣହାନୀ ଘଟିଛି । ଆଉ ଜଣେ ଆହତ ହୋଇଛନ୍ତି । ଖବରରୁ ପ୍ରକାଶ ପାରଳାଖେମୁଣ୍ଡି ଉପକଣ୍ଠ ସ୍ଥାନୀୟ କତଲକଇପା ଗ୍ରାମ ଛକରେ ମୋଟରସାଇକେଲ ଆରୋହୀ ଗୋଟିଏ ଟ୍ରକକୁ ସାଇଡ୍ ଦେବାକୁ ଯାଇ ନିଜେ ସାମ୍ନା ଗଛରେ ଧକ୍କା ଖାଇଲେ । ଫଳରେ ବାଇକରେ ଥିବା ପାରଳାଖେମୁଣ୍ଡିର ଖଂଜାସାହି ନିବାସୀ ଭେଂକଟରାଓଂଙ୍କ ମୃତ୍ୟୁ ଘଟିଛି ଓ କୃଷ୍ଣମୋହନ ଆହତ ହୋଇଛନ୍ତି । ପାରଳାଖେମୁଣ୍ଡି ପୋଲିସ ସେହି ସ୍ଥାନକୁ ଯାଇ ଶବକୁ ଜବତ କରି ପୋଷ୍ଟମର୍ଟମକୁ ପଠାଇଛନ୍ତି । ଗୋଟିଏ କେଶ୍ ଉକ୍ତ ଥାନାରେ ଫଂଜୀକୃତ ହୋଇଛି ଓ ତଦନ୍ତ ଜାରୀ ରହିଛି ।

ନୂଆପଡ଼ାରେ କୃଷି ଯନ୍ତ୍ରପାତି ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନୂଆପଡା, ୧୧/୧୨ (ଆ.ପ୍ର) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୫/୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏହି ମେଳା ଅନୁଷ୍ଠିତ ହେବଣ ବୈଠକ ରେ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ଏହି ମେଳାର ରୂପରେଖ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ କୃଷି ଯନ୍ତ୍ରପାତି ମେଳାର ସ୍ଥାନ, ତାରିଖ ଏବଂ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଛି । ଏହା ମେଳା ଆସନ୍ତା ଜାନୁଆରୀ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ୍ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି । ପାଂଚ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳା ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ମେଳାରେ ଜିଲ୍ଲାର ସଫଳ କୃଷକମାନଙ୍କ ସଫଳତାର କାହାଣୀ ଏକ ନାଟକ ମାଧ୍ୟମରେ ପ୍ରଦର୍ଶନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ମେଳାରେ କୃଷି ଓ ଆନୁସଙ୍ଗିକ ବିଭାଗର ର ୪୦ ଟି ଷ୍ଟଲ ସ୍ଥାନ ପାଇବ । ପ୍ରତିଦିନ ବିଭିନ୍ନ ବ୍ଲକ୍‌ରୁ ୨୦୦ରୁ ଊର୍ଦ୍ଧ୍ୱ କୃଷକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି । ଏହି ମେଳା ସହିତ ଶ୍ରୀ ଅନ୍ନ ମହୋତ୍ସବ ବି ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରା ଯାଇଛି । ଆଜିର ଏହି ପ୍ରସ୍ତୁତି ବୈଠକରେ ଲୋକସଭା ସାଂସଦଙ୍କ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ, ବିଧାୟକଙ୍କ ପ୍ରତିନିଧି ରାମଲାଲ ହଂସ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଏଫ୍ ଏଫ୍ ଏ ଅଜୟ କୁମାର ମାରାଣ୍ଡି, ଡିଡିଏମ୍ ନାବାର୍ଡ ସୁନାରାମ ମାଝି, ଏଡିଓ ଖଡିଆଳ ସୋମନାଥ ମହାପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ, ଏଇଇ ସନ୍ଦୀପ କୁମାର ଯୋଯୋ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, କୃଷି ଓ ଆନୁସଙ୍ଗିକ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ବିଭାଗରେ ଭାରତୀୟ ଭାଷା ଉତ୍ସବ

ଖଲ୍ଲିକୋଟ, ୧୧/୧୨ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଭାରତୀୟ ଭାଷା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ' ଭାରତୀୟ ଭାଷା ପରିବାର : ବିବିଧତା ମଧ୍ୟରେ ଏକତା ' ଶୀର୍ଷକ ପାଠଚକ୍ରର ଆୟୋଜନ ହୋଇଥିଲା । ପ୍ରାରମ୍ଭରେ ସୁମନ, ଶକ୍ତି, ରୋଜା, ବିଭୂପ୍ରିୟା,ଆଲିସା ପ୍ରମୁଖ ଛାତ୍ରଛାତ୍ରୀ' ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ଅଧ୍ୟାପକ ଡ. ମନୋରଞ୍ଜନ ବିଶୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପ ଅର୍ପଣ ପୂର୍ବକ ବିଧିବଦ୍ଧ ଭାବେ ଉଦଘାଟନ କରି ସ୍ନାତକୋତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଭାଷାଗତ ବିବିଧତା ହିଁ ଭାରତର ବୈଶିଷ୍ଟ୍ୟ ବୋଲି ମତ ଦେବା ସହ ତାମିଲ କବି ସୁବ୍ରମଣ୍ୟମ ଭାରତୀଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀରାଣୀ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ପଠଚକ୍ର ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପାଠଚକ୍ରର ବିଷୟ ବିଶାରଦ ଭାବରେ ଯୋଗଦେଇଥିଲେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର । ନିଜ ଅଭିଭାଷଣରେ ସେ ଭାରତୀୟ ଭାଷା ପରିବାର ଅନ୍ତର୍ଗତ ବିଭିନ୍ନ ଭାଷାର ପରିଚୟ ଦେବା ସହ ସେମାନଙ୍କ ମଧ୍ୟରେ ଥିବା ସାମ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବିଭାଗୀୟ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଶୋୟୀ ଭାରତୀୟ ଭାଷା ଉତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ । ଆଜିର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିନ୍ସ, ଶେଖର,ମନୀଷା, ବିଜୟଲକ୍ଷ୍ମୀ, ଦୀପକ, ସରୋଜ, ଶକ୍ତି, ବିଶ୍ୱରଞ୍ଜନ, ରତିରମଣ, ଲିପିକା, ଜ୍ୟୋସ୍ନା, ଲିସା, ଲକ୍ଷ୍ମୀପ୍ରିୟା, ସୁମିତ୍ରା, ରୋଜା ପ୍ରମୁଖ ବହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭାଗର ସମସ୍ତ ଛାତ୍ରଛାତ୍ରୀ ବେଶ ଉତ୍ସାହିତ ଜଣା ପଡୁଥିଲେ ।

୧୮୦ଲିଟର ଶଲପ ତାଡି ସହିତ ଦୁଇ ଅଭିଯୁକ୍ତ ଗିରଫ

ଝରିଗାଁ, ୧୧/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ତେଲନଦୀଗାଁ ଗ୍ରାମ ପଂଚାୟତରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ୧୮୦ଲିଟର ଶଳପ ତାଡି ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅଭିଯୁକ୍ତ ଦୁଇଜଣ ହେଲେ ଭୀମସେନ ସାହୁ (୪୩)ଓ ଘନଶ୍ୟାମ ସାନ୍ତା (୩୪) । ତେଲନଦୀଗାଁ ପଂଚାୟତ ସଦର ମହକୁମାର ଭୀମସେନ ସାହୁଙ୍କ ଠାରୁ ୮୦ଲିଟର ଶଳପ ତାଡି ସହିତ ଏକ ମଟର ସାଇକେଲ (ଓ ଆର ୨୪୧୮୫୦)ଜବତ କରାଯାଇଥିବା ବେଳେ ବେଲିପେଟା ଗ୍ରାମର ଘନଶ୍ୟାମ ସାନ୍ତାଙ୍କ ଠାରୁ ୧୦୦ଲିଟର ଶଳପ ତାଡି ସହିତ ଏକ ବାଇକ (ଓ ଡି ୨୪ ଏଫ ୨୮୫୫)ଜବତ କରାଯାଇଥିବା ସୂଚନା ମିଳିଛି । ଉଭୟ ଅଭିଯୁକ୍ତଙ୍କୁ କର୍ମରୀ ଛକରେ ଗିରଫ କରିବା ପରେ ଝରିଗାଁ ଝରିଗାଁ ଜେଏମଏଫସି କୋର୍ଟରେ ହାଜିର କରାଯାଇଛି । ଉଭୟ ଅଭିଯୁକ୍ତଙ୍କ ନାରେ କେସ ନଂ ୨୮୮/୨୫-୨୬ଓ ୨୮୯/୨୫-୨୬ ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।ଏହି ଚଢ଼ାଉରେ ଅବକାରୀ ବିଭାଗର ଓଆଇସି ସୁଶୀଲ କୁମାର ଭୂଏଁ, ଏଏସଆଇ ଏମ କେ ପ୍ରଧାନ, ସୁବାସ ଚନ୍ଦ୍ର ଗୌଡ଼, ଛତର ଗଣ୍ଡ ଓ ଜ୍ୟୋତ୍ସ୍ନା ହରିଜନ ପ୍ରମୁଖ ସାମିଲ ରହିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ରହିଛି ।

ଖୋଲା ମଦ ସେବନ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟ କଳାପ ବିରୁଦ୍ଧରେ ପୋଲିସର ଏକ ସ୍ୱତନ୍ତ୍ର ଅଭିଯାନ

ବାଲିଗୁଡା, ୧୧/୧୨ (ଆ.ପ୍ର) : ଅସାମାଜିକ ବ୍ୟକ୍ତି ଓ ନିଶାଡ଼ି ହୋଇଯାଆ ସାବଧାନ । ନିଶାଡ଼ି ଓ ଅସାମାଜିକ ବ୍ୟକ୍ତିଙ୍କୁ ସାବାଡ଼ କରିବା ପାଇଁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡରେ ପୋଲିସ୍ ପକ୍ଷରୁ ଆରମ୍ଭ ହୋଇଛି ସ୍ପେସାଲ୍ ଡ୍ରାଇଭ୍ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସବ-ଡିଭିଜନ ପୋଲିସ ଖୋଲା ମଦ ସେବନ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ ନୂତନ ଏସଡିପିଓ ଶୁଭମ ଭୋସଲେଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ର ଚିହ୍ନଟ ହୋଇଥିବା ବିଭିନ୍ନ ଅନ୍ଧାର ଅଂଚଳ ଏବଂ ସମ୍ବେଦନଶୀଳ ସ୍ଥାନରେ ଚଢାଉ କରାଯାଉଛି । ଏଣୁ ସାଧାରଣ ସୁରକ୍ଷା, ବିଶେଷ କରି ମହିଳା ଏବଂ ଶିଶୁଙ୍କ ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏଣୁ ଉପରୋକ୍ତ କାର୍ଯ୍ୟରେ ଲିପ୍ତ ରହୁଥିବା ବ୍ୟକ୍ତି ବିଶେଷ ମାନେ ଏସବୁ କାର୍ଯ୍ୟରୁ ଦୂରେଇ ରହିବା ସହ ଅଂଚଳବାସୀ ଏପରି ଯେକୌଣସି କାର୍ଯ୍ୟକଳାପ ନଜରରେ ଆସିଲେ ପୋଲିସକୁ ଜଣାଇବେ, ଜଣାଇଥିବା ବ୍ୟକ୍ତି ବିଶେଷଙ୍କ ପରିଚୟ ଶତ ପ୍ରତିଶତ ଗୋପନ ରଖାଯିବା ସହ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯିବ ବୋଲି ଏସଡିପିଓ ଶ୍ରୀ ଭୋସଲେ କହିଛନ୍ତି । ଏଭଳି ସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଏହାକୁ ନିୟମିତ ବଜବତର ରଖାଗଲେ ଆଗାମୀ ଦିନରେ ଅସାମାଜିକ କାର୍ଯ୍ୟ କଳାପ କିଛି ମାତ୍ରାରେ କମିପାରିବ ବୋଲି ବୁଦ୍ଧିଜୀବୀ ମହଲରୁ କୁହାଯାଉଛି ।

ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ସହିତ ଏକ ପ୍ରଶ୍ନ ଉତର କାର୍ଯ୍ୟକ୍ରମ

ପୁରୀ, ୧୧/୧୨ (ଆ.ପ୍ର) : ଭଏସ୍ ଅଫ୍ କମନ ମ୍ୟାନ ଆନୁକୂଲ୍ୟରେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ସହିତ ଏକ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ସମ୍ବଳିତ ସ୍ୱାଗତ୍ ସଭାସ୍ଥାନୀୟ ହୋଟେଲ ହାଲିଡେ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ voice of common manର ପ୍ରତିଷ୍ଠାତା ସଦସ୍ୟ ହେକ୍ଟର ମିଶ୍ର ଏହି ସଂସ୍ଥାର କାର୍ଯ୍ୟକାରିତା ତଥା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । ସଭାର ସଭାପତି ବରିଷ୍ଠ ସଦସ୍ୟ ଦେବୀ ପ୍ରସନ୍ନ ନନ୍ଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ବରିଷ୍ଠ ସଦସ୍ୟ ରାଜେଶ ମିଶ୍ର ଜନ ସାଧାରଣଙ୍କ ପ୍ରତି ପୁଲିସର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ ଉପରେ ଆଲୋକପାତ କରିଥିଲେ ସେ ଆହୁରି କହିଥିଲେ ଯେ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ପୁଲିସର ପ୍ରାଥମିକତା ହବା ଉଚିତ । ପୁରୀରେ ନିଶା ଦ୍ରବ୍ୟ କାରବାର କରୁଥିବା ବ୍ୟକ୍ତିଙ୍କ ଉପରେ ପୁଲିସଙ୍କ କାର୍ଯ୍ୟାନୁଷ୍ଠାନ ସ୍ୱାଗତ ଯୋଗ୍ୟ । ଏହା ପରେ ଉପସ୍ଥିତ ଜନତାଙ୍କ ସହିତ ମୁଖ୍ୟ ଅତିଥିଙ୍କ ଭାବ ବିନିମୟ ହୋଇଥିଲା । ଏଥିରେ ପ୍ରାୟ କୋଡିଏ ଜଣ ବ୍ୟକ୍ତି ପୁରୀରେ ବିଭିନ୍ନ କ୍ଷେତ୍ରରେ ଲୋକଙ୍କ ସମସ୍ୟାର ପ୍ରତିକାର ପାଇଁ ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସମୁଦ୍ର କୂଳ, ବଳିଆ ପଣ୍ଡା ଅଂଚଳ ତଥା ବିଭିନ୍ନ ସାହି ବସ୍ତିରେ ଘଟୁଥିବା ଅପରାଧ, ନିଶା କାରବାର ତଥା ବିଦେଶୀ ମାନଙ୍କ ଅନୁପ୍ରବେଶ ଉପରେ ମନ୍ତବ୍ୟ ଦେଇଥିଲେ । ଆହୁରି କେତେ ଜଣ ସହରର ବିଭିନ୍ନ ଗଳି କନ୍ଦିରେ ଟ୍ରାଫିକ୍ ସମସ୍ୟା ଯୋଗୁ ନାଗରିକ ମାନେ ଅକଥନୀୟ ଅସୁବିଧା ଭୋଗ କରୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଉପସ୍ଥିତ କିଛି ବରିଷ୍ଠ ନାଗରିକ ସେମାନଙ୍କର ସମସ୍ୟା ଜଣାଇଥିଲେ । ବିବାହ ଶୋଭାଯାତ୍ରାରେ ବ୍ୟବହୃତ ଯନ୍ତ୍ର ବାଦ୍ୟର ପ୍ରାଣଘାତୀ ଆବାଜ ବିରୁଦ୍ଧରେ ପ୍ରତିବାଦ ଜଣାଇଥିଲେ । ଏ ସବୁ ସମସ୍ୟା ସମ୍ବଳିତ ଅଭିଯୋଗ ଶୁଣିବା ପରେ ମୁଖ୍ୟ ଅତିଥି ପ୍ରତୀକ ସିଂହ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ପୂର୍ଣ୍ଣ ବାସ୍ତବିକତା ଉପରେ ଆଧାରିତ ତାଙ୍କର ବକ୍ତବ୍ୟରେ ପ୍ରାୟ ସମସ୍ତଙ୍କ ପ୍ରତିବାଦର ଉପଯୁକ୍ତ ସମାଧାନର ପନ୍ଥା ଯଥା ସମ୍ଭବ ଗ୍ରହଣ କରାଯିବ ବୋଲି ସେ ଆଶ୍ୱସନା ଦେଇଥିଲେ । ଥାନାରେ ଆପତି ଜଣାଇବାକୁ ଆସୁଥିବା ଲୋକଙ୍କ ସହିତ କର୍ତବ୍ୟ ରତ ଅଧିକାରୀ ମାନେ ଭଦ୍ରତା ଆଚରଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ । ଏହି ଭଳି ସଭାର ଆୟୋଜନ କରିଥିବାରୁ voice of common manର ସଦସ୍ୟ ମାନଙ୍କୁ ସେ ଧନ୍ୟବାଦ ଜଣାଇଥିଲେ ଏବଂ ଏହି ଭଳି ବୈଠକ ର ଆୟୋଜନ ଦ୍ୱାରା ତଥା ଜନ ସାଧାରଣଙ୍କ ସହଯୋଗ ମିଳିଲେ ବହୁ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ପ୍ରଶ୍ନ ଉତର କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତି ମାନଙ୍କ ମଧ୍ୟରୁ ଅବସର ପ୍ରାପ୍ତ ଭାରତୀୟ ବିଦେଶ ସେବା ଅଧିକାରୀ ମଳୟ ମିଶ୍ର,ଏର. ବିଷ୍ଣୁ ପ୍ରସାଦ ସାହୁ, କବି ମାନସ ମହାପାତ୍ର, ଡାକ୍ତର ବାଳାମ୍ବର ସେନାପତି, ଅଜିତ ମହାପାତ୍ର, ଭବାନୀ ଶଙ୍କର, ଅଶୋକ ପାତ୍ର, ରାଜେଶ ମହାନ୍ତି,ସୁକାନ୍ତ ପଣ୍ଡା, ସରସ୍ୱତୀ ପାତ୍ର, ବିଶ୍ୱନାଥ ମିଶ୍ର, ପୁଲିନ ବିହାରୀ ଆଚାର୍ଯ୍ୟ, ଭାସ୍କର ପରିଡା, ଗୀତା ପଣ୍ଡା ପ୍ରଭୃତି ଭାଗ ନେଇଥିଲେ । ଉକ୍ତ ସଭାକୁ ସଫଳ କରିବାରେ, ମୀନକେତନ ମିଶ୍ର, ଅବିନାଶ ବେହେରା, ନିଶାନ୍ତ ସାହୁ, ଶତ୍ରୁଘ୍ନ ବଳିୟାରସିଂହ, ଅଜିତ୍ ବିକ୍ରମ ସୁଆର, ରାଜକୁମାର ସାହୁ, ଓମ ପ୍ରକାଶ ସାହୁ,ମୋହିତ ଅନିମେଶ ଦାଶ ଇତ୍ୟାଦି ସହଯୋଗ କରିଥିଲେ । ଧବଳେଶ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ନୂଆପଡା ଜିଲ୍ଲାପାଳଙ୍କ କୃଷି ବିଭାଗ କାର୍ଯ୍ୟାବଳୀ ସମୀକ୍ଷା

ଜିଲ୍ଲାର ପ୍ରତି ପଂଚାୟତରେ ଆରମ୍ଭ ହେବ ଆଦର୍ଶ କୃଷି ଗ୍ରାମ : ଜିଲ୍ଲାପାଳ

ନୂଆପଡ଼ା, ୧୧/୧୨ (ଆ.ପ୍ର) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୃଷି ବିଭାଗ କାର୍ଯ୍ୟାବଳୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରି ବିଭାଗର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ । ଆଜିର ବୈଠକରେ ଜିଲ୍ଲାରେ କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ଜିଲ୍ଲା ପ୍ରଶାସନ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତ ସଦର ମହକୁମା ଗ୍ରାମକୁ ଆଦର୍ଶ କୃଷି ଗ୍ରାମରେ ପରିଣତ କରିବାକୁ ଆଜି ଜିଲ୍ଲାପାଳ ଘୋଷଣା କରିଛନ୍ତି । ସେ କହିଲେ ଯେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ସମସ୍ତ ୧୩୧ ଗ୍ରାମ ପଂଚାୟତ ସଦର ମହକୁମା ଗ୍ରାମକୁ ଆଦର୍ଶ କୃଷି ଗ୍ରାମ ବା model agriculture village ଭାବରେ ଗ୍ରହଣ କରାଯିବା । ଏହି ଗ୍ରାମଗୁଡିକରେ ସମସ୍ତ କୃଷି ଓ ଆନୁସଙ୍ଗିକ ବିଭାଗ ସମ୍ବନ୍ଧିୟ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ । ଏହି ଗ୍ରାମଗୁଡିକରେ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । କୃଷି ଏବଂ ସଂଲଗ୍ନ ବିଭାଗକୁ ଆଦର୍ଶ କୃଷି ଗ୍ରାମ ପାଇଁ ଏସଓପି ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦର୍ଶ ଗ୍ରାମ ଗୁଡ଼ିକୁ ଅନୁସରଣ କରି ଅନ୍ୟ ଗ୍ରାମ ଗୁଡ଼ିକ ମଧ୍ୟ ପର୍ଯ୍ୟାୟ କ୍ରମେ ସମୃଦ୍ଧ ହୋଇ ପାରିବେ । ଏହି ଅବସରରେ, କୃଷକ ରେଜିଷ୍ଟ୍ରି, ସିଏମ କିଷାନ, ପିଏମ କିଷାନ ହିତାଧୀକାରୀ ଚୟନ, ଫସଲ କାଟିବା ଇତ୍ୟାଦି ସମସ୍ତ ଯୋଜନାର ସମୀକ୍ଷା କରାଯାଇଛି । ଏହି ସମୀକ୍ଷା ବୈଠକରେ ଯୁନାନି ଗ୍ରାମର ଜଣେ ସଫଳ ଚାଷୀ ଲୋକନାଥ ଖରସେଲଙ୍କୁ ଜିଲ୍ଲାପାଳ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ଖରସେଲ ଧାନ, କପା, ମୁଗ, ବିରି ଇତ୍ୟାଦି ସମନ୍ୱିତ ଚାଷ କରି ନିଜ ଜମିରୁ ବାର୍ଷିକ ୪/୫ ଲକ୍ଷ ଟଙ୍କା ରୋଜଗାର କରି ପାରୁଛନ୍ତି । ସେ ଅନ୍ୟ ଚାଷୀ ମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି । ଏହି ସମୀକ୍ଷା ବୈଠକରେ ଏଡିଏଓ, ଖରିଆର ସୋମନାଥ ମହାପାତ୍ର, ବିଏଓ, ନୂଆପଡା, ବୋଡେନ, ଖରିଆର, ସିନାପାଲି ପ୍ରମୁଖ ଏବଂ ଅନ୍ୟ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ । ସମନ୍ୱିତ କୃଷି ମାଧ୍ୟମରେ କୃଷକ ତଥା ପ୍ରବାସୀ ଶ୍ରମିକ ମାନଙ୍କ ଜୀବନର ମାନ ଉନ୍ନତ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଚିକିଟୀରେ କିଶୋର କିଶୋରୀ ପ୍ରତିଭା ଅନ୍ୱେଷଣ ମେଳା

ଚିକିଟୀ, ୧୧/୧୨ (ଆ.ପ୍ର) : ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଚିକିଟୀ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଚିକିଟୀ ବ୍ଲକ ସମ୍ମିଳନୀ ଗୃହରେ ପ୍ରକଳ୍ପସ୍ତରୀୟ କିଶୋର କିଶୋରୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚିକିଟୀ ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚିକିଟୀ ବିଡ଼ିଓ ବିବେକାନନ୍ଦ ମିଶ୍ର, ବିଇଓ ପନ୍ନଗ ଭୂଷଣ ମାଝୀ, ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଚିକିଟୀ ବ୍ଲକର ବିଭିନ୍ନ ସେକ୍ଟରରୁ ଆସିଥିବା କିଶୋରୀ ବାଳିକାଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲି, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ସିଲ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏବିଇଓ ତ୍ରିନାଥ ମଲିକଙ୍କ ସହ ସମସ୍ତ ସିଆରସିସି, ଅଙ୍ଗନବାଡି କର୍ମୀ, ବିପିଏମଓ ସମସ୍ତ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ ।

ବରିଷ୍ଠ ସାମ୍ବାଦିକ କୁମାର ଗୌତମ ବାରିକଙ୍କ ଅକାଳ ବିୟୋଗ

ବଣାଇ, ୧୧/୧୨ (ଆ.ପ୍ର) :ବଣାଇ ଉପଖଣ୍ଡ ଲହୁଣୀପଡ଼ା ବ୍ଲକର ଦୈନିକ ଖବର କାଗଜ 'ସମାଜ'ର ପ୍ରତିନିଧି, ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ, ନାଟ୍ୟକାର ଓ ସମାଜସେବୀ କୁମାର ଗୌତମ ବାରିକଙ୍କ ଅକାଳ ବିୟୋଗର ଦୁଃଖଦ ସୂଚନା ମିଳିଛି । ଲହୁଣୀପଡା ବ୍ଲକ ଅନ୍ତର୍ଗତ ଅର୍କେଇକଳା ଗ୍ରାମରେ ଜନ୍ମ ଗ୍ରହଣ କରି ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ଧରି "ସମାଜ" ଖବର କାଗଜର ପ୍ରତିନିଧି ଭାବେ ନିଷ୍ଠାପରିତ ସେବା ଦେଇ ଆସୁଥିଲେ । ସେ ଲହୁଣୀପଡ଼ା ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ସଫଳତାର ସହିତ କାର୍ଯ୍ୟକରି ଥିବା ବେଳେ ବର୍ତ୍ତମାନ ବିଜେଡି ରାଉରକେଲା ଜିଲ୍ଲା ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଥିଲେ । ଏହା ବ୍ୟତୀତ ବାରିକ ସମାଜର ଜିଲ୍ଲା ସଭାପତି ଓ ବଣାଇ ବ୍ଲକ ସଭାପତି, ତଥା ବିଭିନ୍ନ ସାମାଜିକ ଓ ସାହିତ୍ୟ ସଂଗଠନ ସହିତ ସମ୍ପୃକ୍ତ ରହି ଅଂଚଳରେ ନାମ କମାଇଥିଲେ । ସାମ୍ବାଦିକତା ସହିତ ସାହିତ୍ୟ, ନାଟ୍ୟ, ସମାଜସେବା ଓ ରାଜନୈତିକ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଅଂଚଳରେ ବିଶେଷ ପ୍ରଶଂସା ପାଇଥିଲା । କିଛିଦିନ ହେଲାଣି ସେ ଭୁବନେଶ୍ୱରର ଉତ୍କଳ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦୁଃଖଦ ଦେହାନ୍ତ ଘଟିଥିବାରୁ ସମାଜରେ ଶୋକ ର ଛାୟା ପଡ଼ିଛି । ଆଜି ଅପରାହ୍ନ ୩ଟା ସମୟରେ ତାଙ୍କର ମୃତଦେହ ଗ୍ରାମ ପହଂଚିବା ପରେ ତାଙ୍କର ଶେଷ ଦର୍ଶନ ପାଇଁ ରାଉରକେଲା "ସମାଜ" ପକ୍ଷରୁ ମୁନୁ ମହାପାତ୍ର ଏବଂ ତାଙ୍କର ସହଯୋଗୀ ସହିତ ବିଜୁ ଜନତା ଦଳର ରାଉରକେଲା ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବଣାଇର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସୁଶୀଳା ନାୟକ, ଲହୁଣୀପଡ଼ା ବିଜେଡି ଦଳର ବ୍ଲକ ସଭାପତି ଗୁରୁ ଚରଣ ସ୍ୱାଇଁ, ସମସ୍ତ ସରପଂଚ, ସମିତି ସଭ୍ୟ, ବଣାଇ ଉପଖଣ୍ଡର ସାମ୍ବାଦିକଗଣ, ଗାଳାମୁଣ୍ଡା ବୋଲବମ ସେବା ସଂଘ ସଦସ୍ୟ, ଲହୁଣୀପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ-ଗୁରୁମା ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ହୋଇ ଅଶ୍ରୁଳଳି ଅର୍ପଣ କରିଥିଲେ । ବ୍ରାହ୍ମଣୀ ନଦୀ ଘାଟରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରା ଯାଇଥିଲା । ପରିବାରର ପକ୍ଷରୁ ଶୁଭଶଙ୍କ ବାରିକ ମୁଖାଗ୍ନି ଦେଇଥିଲେ । ଶେଷ କ୍ଷଣରେ ପତ୍ନୀ, ଝିଅ, ଭାଇ, ଭଉଣୀ ଓ ନିକଟସ୍ଥ ପରିବାରବର୍ଗ ଉପସ୍ଥିତ ଥିଲେ ।

ବଳରାମ କୋଇଲା ଖଣିରୁ ବ୍ୟାପକ କୋଇଲା ଚୋରିକୁ ନେଇ ଶ୍ରମିକ ମହଲରେ ଅସନ୍ତୋଷ

ତାଳଚେର, ୧୧/୧୨ (ଆ.ପ୍ର) : ତାଳଚେରସ୍ଥିତ ବଳରାମ କୋଇଲା ଖଣିରେ କୋଇଲା ଚୋରା ଚାଲାଣ ବେଳେ ଆଜି ଏକ ଟ୍ରକକୁ ଖଣିର ଲୋଡିଂ ଅଧିକାରୀ ଧରିଥିବା ଜଣାପଡ଼ିଛି । ସୂଚନା ମୁତାବକ, ଖଣିର ଲୋଡିଂ ଅଧିକାରୀ ଟ୍ରକ୍ ଯାଂଚ କରୁଥିବା ବେଳେ ଏକ ଟ୍ରକ୍ (ଓଡି-୧୪ଡବ୍ଲୁ-୬୦୧୮)ର ଲୋଡିଂ ସ୍ଲିପ୍ ନଥାଇ କୋଇଲା ଲୋଡିଂ ହୋଇଥିଲା । ଲୋଡିଂ ଅଧିକାରୀ ଚାଳକଙ୍କୁ ସ୍ଲିପ୍ ମାଗିବାରୁ ଚାଳକ ଟ୍ରକ୍‌କୁ ସେଠାରେ ଛାଡ଼ି ଦୌଡ଼ି ପଳାଇଥିଲେ । ଏ ନେଇ ଅଧିକାରୀଙ୍କ ସନ୍ଦେହ ବଢ଼ିଥିଲା । ପରେ ଉକ୍ତ ଟ୍ରକ୍ ବାବଦରେ ଖଣିର ଏଂଟ୍ରି ପଏଂଟ ଯାଂଚ ହୋଇଥିଲା । ସେଠାରେ ଉକ୍ତ ଟ୍ରକ୍ କୌଣସି କାଗଜପତ୍ର ନନେଇ ଖଣି ଭିତରେ ପ୍ରବେଶ କରିଥିଲା । ଯାହାକୁ ନେଇ ଖଣିର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ପରେ ଉକ୍ତ ଟ୍ରକ୍ ମାଲିକଙ୍କ ସ୍ୱାମୀ କୋଇଲା ଲୋଡ୍ ଦେଇଥିବା ଜଣା ପଡ଼ିଥିଲା । ବଳରାମ କୋଇଲା ଖଣିର ଖଣି ପରିଚାଳକଙ୍କଠାରୁ ଆରମ୍ଭ କରି ଖଣି ପ୍ରକଳ୍ପ ଅଧିକାରୀଙ୍କ ପର୍ଯ୍ୟନ୍ତ ଖବର ପାଇ ଘଟଣାସ୍ଥଳକୁ ତୁରନ୍ତ ଆସିଥିଲେ ଏବଂ ଖଣିର ଅଧିକାରୀ ପହଂଚି ଏହାର ଯାଂଚ କରିଥିଲେ । ଏହି କୋଇଲା ଚୋରି ଘଟଣାରେ ଖଣି କର୍ମଚାରୀ ତଥା ସର୍ଫେସ୍ ମାଇନର୍ ଅପରେଟରଙ୍କ ସମ୍ପୃକ୍ତି ଥିବା ଜଣା ପଡ଼ିଥିଲା । ଏପରିକି ଉକ୍ତ ଟ୍ରକ୍‌ଟି ତାଙ୍କ ସଂପର୍କୀୟଙ୍କ ବୋଲି ଜଣା ପଡ଼ିଥିଲା । ଆଜି ସେ କିଭଳି ଖଣି ଭିତରେ କାମ ନକରି ଖଣି ଉପରେ ତାଙ୍କ ସଂପର୍କୀୟଙ୍କ ଟ୍ରକ୍‌ରେ ଲୋଡର୍ ଅପରେଟର୍ ଭାବେ ଲୋଡ୍ ଦେଇଥିଲେ ତାହାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ଏହି କୋଇଲା ଚୋରା ଚାଲାଣ ଆଜିର ନୁହଁ ଏଭଳି ଘଟଣା ବର୍ଷ ତମାମ ଚାଲିଥିବା ଆଜିର ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି । ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହାର ତଦନ୍ତ କରାଯିବ ବୋଲି ଖଣିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଏହି ଘଟଣାକୁ ନେଇ କିଛି ଟ୍ରକ୍ ମାଲିକ ଖଣି ବନ୍ଦ ଆନ୍ଦୋଳନ କରିଥିଲେ । ଫଳରେ ଘଟଣା ସ୍ଥଳରେ ଗୋପାଳପ୍ରସାଦ ଥାନା ଅଧିକାରୀ ପହଂଚି ଏହାର ତଦନ୍ତ ଆରମ୍ଭ କରିଥିବା ଜଣା ପଡ଼ିଛି । କେତେକ କର୍ମଚାରୀ ଉପସ୍ଥାନ ଲଗାଇ ସାରିବା ପରେ କମ୍ପାନୀର କୌଣସି କାମ ନ କରି ଟ୍ରକ ବ୍ୟବସାୟ, ଠିକାଦାରୀରୁ ଦଳୀୟ ରାଜନୀତିରେ ବ୍ୟସ୍ତ ରହୁଥିବାରୁ କୋଇଲା ଖଣି ମାନଙ୍କରୁ ଚୋରୀ ବଢ଼ିବାରେ ଲାଗିଛି । ରୋଡ ସେଲରେ କାର୍ଯ୍ୟ କରୁଥିବା କେତେକ ଅଧିକାରୀ ଓ କର୍ମଚାରୀ ପ୍ରତି ଟ୍ରକରୁ ତିନିଶତ ଟଙ୍କା ଲେଖାଏଁ ଲାଂଚ ନେଉଥିବାରୁ କୋଇଲା ଚୋର ମାନଙ୍କର ସାହସ ବଢ଼ିବାରେ ଲାଗିଛି । ତେବେ ପ୍ରକଳ୍ପ ଅଧିକାରୀ ସମେତ ରୋଡ ସେଲ ଅଧିକାରୀ, ପେଲୋଡ଼ାର ଅପରେଟର ଓଜନ କଂଟା କର୍ମଚାରୀମାନେ ଠୁଳ କରି ରଖିଥିବା ଆୟବହିର୍ଭୂତ ସମ୍ପତିର ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ଶ୍ରମିକ ମହଲ ଦାବୀ ଜଣାଇଛନ୍ତି ।

ଗଜପତିରେ ମାନବିକ ଅଧିକାର ଦିବସ ପାଳିତ

ପାରଳାଖେମୁଣ୍ଡି, ୧୧/୧୨ (ଆ.ପ୍ର) : ସ୍ଥାନୀୟ ଅରବିନ୍ଦ ଇଂଟିଗ୍ରାଲ ଏଜୁକେସନ ଶିକ୍ଷାନୁଷ୍ଠାନରେ ଜିଲ୍ଲା ଆଇନ ସହାୟତା ସଂଗଠନ ଦ୍ୱାରା ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି । ଆୟୋଜକ ଅନୁଷ୍ଠାନର ଅଧ୍ୟକ୍ଷା ଗୀତା ଦାଶ ସଭାପତିତ୍ୱ କରିଥିଲେ । ଗଜପତି ଜିଲ୍ଲା ଆଇନ ସହାୟତା ଅନୁଷ୍ଠାନର ସଚିବ ବିମଳ ରାଉଳ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ ତଥା ପାରଳାଖେମୁଣ୍ଡି ଆଦର୍ଶ ପୋଲିସ ଥାନା ଅଧିନରେ ଥିବା ମହିଳା ଶିଶୁ ଡେସ୍କର ସଦସ୍ୟ ଭାଗବତ ପାତ୍ରୀ ଏବଂ ବିଶିଷ୍ଟ ସାହିତ୍ୟିକ ଗୌରହରି କରସୁଧା ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ମାନବ ଅଧିକାର, ଆଇନଗତ ସୁରକ୍ଷା ଏବଂସମାଜରେ ସାମାଜିକ ସମତା ରକ୍ଷା କରିବାରେ ଯୁବପିଢିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ତଥା ମୌଳିକ ଅଧିକାର ଓ ମୌଳିକ କର୍ତବ୍ୟ ଉପରେ ତର୍ଜମା କରିଥିଲେ । ଅନ୍ୟାନ୍ୟ ଅତିଥି ମାନେ ଆଜିର ଦିନର ତାତ୍ପର୍ଯ୍ୟ ଉପରେ ବୁଝାଇଥିଲେ । ଅନ୍ୟାନ୍ୟ ଅତିଥି ମାନେ ଆଜିର ଦିନର ତାତ୍ପର୍ଯ୍ୟ ଉପରେ କହିଥିଲେ । ପ୍ରାସଂଗିକ ଆଲୋଚନା ସହ ଛାତ୍ରଛାତ୍ରୀ ମାନଂକ ମଧ୍ୟରେ ସହଭାଗିତା ମାଧ୍ୟମରେ ବୁଝାଇଥିଲେ । ଅଧ୍ୟକ୍ଷା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

ଉପଖଣ୍ଡଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ତ ହେଲେ ଯାଦବ ସମାଜ

ଧର୍ମଗଡ଼, ୧୧/୧୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ମେରଘରାରେ ଗତ ୧୦ ନଭେମ୍ବର ୨୦୨୫ ତାରିଖ ଦିନ ଏକ ଦୁଃଖଦ ଘଟଣା ସାରା ଜିଲ୍ଲାକୁ ସ୍ତବ୍ଧ କରି ଦେଇଥିଲା । କିଛି ଦୁର୍ବୃତ୍ତ ମେରଘରାରୁ ଟ୍ରାକ୍ଟର ଟ୍ରଲି ଚୋରି କରି ନେବା ସମୟରେ ଚୋରକୁ ଧରିବା ପାଇଁ ସତ୍ୟମ ଭଇଁସାଲ ଓ ହରିଶଙ୍କର ଭଇଁସାଲଙ୍କୁ ଟ୍ରାକ୍ଟର ଚଢେଇ ମାରି ଦେଇଥିଲେ । କିନ୍ତୁ ଦୁଃଖଦ ବିଷୟ ଘଟଣାକୁ ୧ମାସ ହୋଇଥିଲେ ହେଁ ଧର୍ମଗଡ଼ ପୋଲିସ ଡକାୟତ ମାନଙ୍କୁ ଧରିବାରେ ସକ୍ଷମ ହୋଇ ନାହିଁ । ଯାହା ଫଳରେ ସାଧାରଣରେ ପ୍ରଶ୍ନ ବାଚି ସୃଷ୍ଟି ହେଉଛି । ଏନେଇ ଧର୍ମଗଡ଼ ଯାଦବ ସମାଜ ତରଫରୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଡୋଲମଣି ଭୋଇଙ୍କୁ ଲିଖିତ ଜଣାଇଛନ୍ତି । ଯଦି ଏହି ଘଟଣା ର ଶୀଘ୍ର କାର୍ଯ୍ୟାନୁଷ୍ଠାନ କରା ନ ଗଲେ ଓ ଦୋଷୀଙ୍କୁ ଗିରଫ ନ କଲେ ଆସନ୍ତା ୨୬ ଡିସେମ୍ବର ୨୦୨୫ ଦିନ ଧର୍ମଗଡ଼ ରାଜରାସ୍ତା ଅବରୋଧ କରି ଧାରଣାରେ ବସିବା ପାଇଁ ଧର୍ମଗଡ଼ ଯାଦବ ସମାଜ ଚେତାବନୀ ଦେଇଛନ୍ତି । ଏହି ଭଳି ବଗଡ଼ା ଗ୍ରାମର ଧନରାଜ ଗଉଡ଼ଙ୍କ ଟଙ୍କା ଏଟିମରୁ ନେଇ ଯିବା, କୋକସରା ବ୍ଲକ ସୁନାମାଲ ସବିତା ବାଗଙ୍କ ଅପହରଣ କରିଙ୍କୁ ଗିରଫ ନ କରିବା, ଡାଲଗୁମା ଗ୍ରାମର ଅଶୋକ ଚଣ୍ଡୀଙ୍କୁ ବାଇକ ଚଢେଇ ମାରି ଦେବା, କଲମପୁର କେନ୍ଦୁଗୁଡା ଗ୍ରାମର କୁରୁକ୍ଷେତ୍ର ବେମାଲଙ୍କୁ ବାଇକ ସାହାଯ୍ୟରେ ଦୁର୍ଘଟଣା ଘଟାଇ ମୃତକ ପରିବାରକୁ କ୍ଷତି ପୂରଣ ନ ମିଳିବା ଭଳି ଘଟଣାକୁ ନେଇ ଯାଦବ ସମାଜ ଦାବି ଜଣାଇଥିଲେ । ଦାବିପତ୍ର ଦେବା ସମୟରେ ପୂର୍ବତନ ଜିଲ୍ଲା ଯାଦବ ମହାସଭା ସଭାପତି ଡମ୍ବରୁଧର ଲାହଳଲ, ଅର୍ଥର୍ଥନା କମିଟି ଜିଲ୍ଲା ଉପ ସଭାପତି ପ୍ରମୋଦ ହଂସ ଜିଲ୍ଲା ଯୁବ ଯାଦବ ଉପ ସଭାପତି ଡାକେ ଲାହଳଲ, ଗୋଲାମୁଣ୍ଡା ବ୍ଲକ ସଭାପତି ଗିରିଧାରୀ ଡେକି, ଜୁନାଗଡ଼ ବ୍ଲକ ସଭାପତି ଗୌରହରି ବାଗ, କୋକସରା ବ୍ଲକ କାର୍ଯ୍ୟକାରୀ ସଭାପତି ସୁନ୍ଦର୍ ବେହେରା, ଉପସଭା ପତି ଲିଙ୍ଗରାଜ ବେହେରା, ଭବାନୀ ପାଟଣା ଟାଉନ କମିଟି ସମ୍ପାଦକ ସତ୍ୟନାରାୟଣ ବିଶି, ନନ୍ଦିନୀ ରାଉତ, ଧର୍ମଗଡ ବ୍ଲକ ସଭାପତି ଶଙ୍କର ପ୍ରସାଦ ଜୁଏଡ, ସମ୍ପାଦକ ଅରକ୍ଷିତ ଭଏସାଲ, ଧର୍ମଗଡ ବିଜ୍ଞାପିତ ଅଂଚଳ ପରିଷଦ ସଭା ପତି ଅନିରୁଦ୍ଧ ଲାହଳଲ, ବୈଦାରି ବାଗ, ବଳରାମ ଲାହଳଲ, ଯୁବ ଯାଦବ ଲବଣୀ ଯାଦବ, ଡଃ ଦୁଷ୍ମନ୍ତ ଯାଦବ, ରାଜେଶ ବର୍ଗତୀ ଯାଦବ ପ୍ରମୁଖ ଉପସ୍ଥିତ ରହିଥିଲେ

ଏକାନ୍ତ ଆଶ୍ରମର ବାର୍ଷିକ ଉତ୍ସବ

ନିମାପଡା, ୧୧/୧୨ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ତାରିଛକ ସ୍ଥିତ ଏକାନ୍ତ ଆଶ୍ରମର ବାର୍ଷିକ ଉତ୍ସବ ଓ ବାବା ମାୟାଧର ଦାସଙ୍କ ୫୦ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଆଶ୍ରମ ପରିସରରେ ପାଳିତ ହୋଇଯାଇଛି. ଆଶ୍ରମ ର ପରିଚାଳକ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ ରେ ବିଭିନ୍ନ ଅଂଚଳରୁ ବହୁ ବାବା ଯୋଗ ଦେଇଥଲେ । ଡଃ ସନ୍ତୋଷ କୁମାର ମିତ୍ର, ପଣ୍ଡିତ ସହଦେବ ମିଶ୍ର ପ୍ରବୀର କୁମାର ଦାସ ନିରଞ୍ଜନ କର ଅମରେଶ୍ୱର ତ୍ରିପାଠୀ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ ପ୍ରଫେସର ବୈରାଗୀ ସାହୁ, ଅରୁଣ ସ୍ୱାଇଁ, ଚକ୍ରଧର ସା ମଠା ଧୀଶ ନନ୍ଦ ବାବା ପ୍ରମୁଖ ଉପସ୍ଥିତ ଗୀତା ପାଠ ଓ ହୋମ ଯଜ୍ଞ ରେ ଭାଗ ନେଇଥିଲେ । ସ୍ଥାନୀୟ ଅଂଚଳର ସମାଜସେବୀ ଚନ୍ଦ୍ରକାନ୍ତ ବଡାଇ ପ୍ରଫେସର ଗୋପୀନାଥ କର, କାହ୍ନୁ ଚରଣ ବେହେରା ସନାତନ ପାତ୍ର, ପ୍ରିୟବ୍ରତ ଭୋଇ, ନାରାୟଣ ବେହେରା ବନ ବିହାରୀ ଦାଶ ଅଜୟ କୁମାର ଦାଶ ଜୟନ୍ତ କୁମାର ସେଠୀ ହୃଦାନନ୍ଦ ବେହେରା, ତାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ଉପ ସଭାପତି ବସନ୍ତ କୁମାର ଦାସ ସହ ସମ୍ପାଦକ ସନ୍ତୋଷ କୁମାର ଦାସ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁ ବସନ୍ତ କୁମାର ମଲ୍ଲ ବିଜୟ କୁମାର ବେହେରା ରାଜେଶ କୁମାର ଲେଙ୍କା, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ଭକ୍ତ ମାନଙ୍କ ପାଇଁ ଆଶ୍ରମ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପୂଜକ ରଶ୍ମି ରଞ୍ଜନ ବାନାର୍ଜୀ ଓ ଆଶିଷ କୁମାର ମିଶ୍ରଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମାପନ ହୋଇଥିବା ବେଳେ ଏକାନ୍ତ ଆଶ୍ରମ ପରିଚାଳନା କମିଟିର ସମ୍ପାଦକ ଡ କେଦାର ନାଥ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ ।

ଦୁର୍ଲଭ ଓଡ଼ିଆ-ତେଲୁଗୁ ଶୀଳା ଲେଖା ଉଦ୍ଧାର

ଯୁବ ଗବେଷକ ବିଷ୍ଣୁମୋହନ ଅଧିକାରୀଙ୍କ ବିରଳ ଆବିଷ୍କାର

ପାରଳାଖେମୁଣ୍ଡି, ୧୧/୧୨ (ଆ.ପ୍ର) : ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିର ଯୁବ ଗବେଷକ ବିଷ୍ଣୁମୋହନ ଅଧିକାରୀ ଏକ କିମ୍ବଦନ୍ତୀ ହୋଇପାରିଛନ୍ତି । ଡିଜିଟାଲ ମାଧ୍ୟମରେ ସେ ପଥରରେ ଲେଖାଯାଇଥିବା ପ୍ରତୀକ ଚିହ୍ନକୁ ଓଡିଆ ଭାଷାରେ ପରିଣତ କରିପାରିଛନ୍ତି । ପେଷାରେ ଜଣେ ଇଂଜିନିୟର ହେଲେ ମଧ୍ୟ ଏହିଭଳି ପ୍ରତ୍ନତାତ୍ତ୍ୱିକ କାର୍ଯ୍ୟକ୍ରମରେ ସାମିଲ କରି ନିଜର ପେଷା କଂପାନୀ ଚାକିରି ଛାଡି ଏହି ଭଳି ବିରଳ ପଦକ୍ଷେପକୁ ଆଦରି ନେଇଛନ୍ତି । ବିଭିନ୍ନ ମଠ ମନ୍ଦିର ଭ୍ରମଣ କରି ଶୀଳା ଲେଖାର ପ୍ରକୃତ ତଥ୍ୟକୁ ଲୋକଲୋଚନକୁ ଆଣିବାର ଦୁର୍ବାର ଚେଷ୍ଟା ଅଧିକାରୀଙ୍କୁ ଜାତୀୟ ସ୍ତରରେ ଲବ୍ଧ ଯୁବ ଗବେଷକ ରୂପେ ସ୍ୱୀକୃତି ପ୍ରଦାନ କରିଛି । ନିକଟରେ ସେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ଉମା ଜଲେଶ୍ୱର ସ୍ୱାମୀ ମନ୍ଦିରରେ ସେ ବିରଳ ସନ୍ଧାନ କରିପାରିଛନ୍ତି । ସେଠାରେ ଶୀଳାଲେଖା ସନ୍ଧାନରେ ବିଭିନ୍ନ ସାରଣୀ ଯଥା:-ମନ୍ମଥ ନାମ ସମ୍ବତ୍ସର, ଚୈତ୍ର ଶୁକ୍ଳ ପ୍ରତିପଦା, ଶୁକ୍ରବାରରେ ବିଶ୍ୱନାଥ ପଣ୍ଡିତଂକ ଦ୍ୱାରା ଦାନ ହୋଇଥିବା ଓଡିଆ ଓ ତେଲୁଗୁର ଲିପିକୁ ଆବିଷ୍କାର କରିପାରିଛନ୍ତି । ଶୀଳାଲେଖାରେ ପାଲକୁଲା ଲେଖାଯାଇଛି ଯାହା ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ପାଲକୋଣ୍ଡା ଗ୍ରାମ ଅଟେ । ଲିପି ତତ୍ତ୍ୱ ଭିତିରେ ଆନୁମାନିକ ୧୪୦୦ ଶତାବ୍ଦୀର ଏହା ଲେଖା ଅଟେ । ଏଥିରେ ବିଶ୍ୱନାଥ ପଣ୍ଡିତଂକ ନାମ ଉଭୟ ଓଡ଼ିଆ ଓ ତେଲୁଗୁରେ ଲିପିବଦ୍ଧ ହୋଇଛି । ତାଂକର ମତରେ ଏହା ଗଂଗବଂଶ ସମୟର ବୋଲି କହିଛନ୍ତି । ସେହି ସମୟରେ କଳିଂଗ ସାମ୍ରାଜ୍ୟ ସୁଦୂର ଗୋଦାବରୀ ନଦୀ ତଟ ପର୍ଯ୍ୟନ୍ତ ବିସ୍ତାରିତ କରିଥିଲା । ନିକଟସ୍ଥ ଶ୍ରୀକୁର୍ମମ୍ ଠାରେ ସେ ବହୁ ଲିପିର ଆବିଷ୍କାର କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଏହି ମନ୍ଦିରରୁ ଆଗରୁ ଅଧିକାରୀ ଦୀର୍ଘ ଓଡିଆ ଶୀଳାଲେଖା ପାଠ କରିଥିଲେ । ଯେଉଁଠି ଶିକାକୋଲି ଗଡର ନାମ ବାହାର କରିଥିଲେ । ବର୍ତ୍ତମାନ ତାହ ଶ୍ରୀକାକୁଲମ୍ ନାମରେ ନାମିତ । ଏହି ଆବିଷ୍କାର ଆଗାମୀ ପିଢି ଯଥା ପ୍ରତ୍ନତତ୍ତ୍ୱବିତ୍ ଓ ଗବେଷକ ମାନଙ୍କୁ ଅନେକ ପ୍ରେରଣା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ରମାକାନ୍ତ ସେବା ଫାଉଣ୍ଡେସନ ତରଫରୁ ବିଶାଳ ବନ୍ଧୁ ମିଳନ ଉତ୍ସବ ପାଳନ କରାଯିବ

ବାସୁଦେବ ପୁର, ୧୧/୧୨ (ଆ.ପ୍ର) : ରମାକାନ୍ତ ସେବା ଫାଉଣ୍ଡେସନ ଦିନକୁ ଦିନ ଲୋକ ମାନଙ୍କର ସେବା କରିବା ସହ ଗରିବ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ପଦାର୍ଥ ଓ ଅର୍ଥ ରାଶି ପ୍ରଦାନ କରି ଓଡ଼ିଶାର ବିଭିନ୍ନ ଜିଲ୍ଲା ରେ ଚର୍ଚ୍ଚାରେ ଥିବା ବେଳେ ରମାକାନ୍ତ ସେବା ଫାଉଣ୍ଡେସନର ସଦସ୍ୟ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ମାନବ ସେବାହିଁ ମାଧବ ସେବାକୁ ଆପଣାଇ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାଣୀଡିହି ଗ୍ରାମପଂଚାୟତରେ ଆଜିକୁ ପ୍ରାୟ ଦୁଇ ବର୍ଷେ ତଳେ ଗଢ଼ି ଉଠି ଥିଲା ରମାକାନ୍ତ ସେବା ଫାଉଣ୍ଡେସନ, ଲୋକ ମାନଙ୍କ ଏତେ ଭଲ ପାଇଥିଲା ଯେ କହିଲେ ସରିବ ନାହିଁ, ଏହାକୁ ଆଖି ଆଗରେ ରଖି ରମାକାନ୍ତ ସେବା ଫାଉଣ୍ଡେସନ ତରଫରୁ ନୂଆ ବର୍ଷ ଉପଲକ୍ଷେ ଆସନ୍ତା ୨୦୨୬ ମସିହା ଜାନୁଆରୀ ମାସ ଦୁଇ ତାରିଖ ଓ ଶୁକ୍ରବାର ଦିନ ରମାକାନ୍ତ ସେବା ଫାଉଣ୍ଡେସନ ତରଫରୁ ବିଶାଳ ବନ୍ଧୁ ମିଳନ ଉତ୍ସବ ପାଳନ କରାଯିବ, ବୋଲି ରମାକାନ୍ତ ସେବା ଫାଉଣ୍ଡେସନ ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ତଥା (ପିଂଟୁ ବାବୁ) ସୂଚନା ଦେଇଛନ୍ତି ଓ ଓଡ଼ିଶାର ସମସ୍ତ ଜନ ସାଧାରଣ ମାନଙ୍କୁ ଅନୁରୋଧ କରିଛନ୍ତି ନୂଆ ବର୍ଷ ଉପଲକ୍ଷେ ଆସନ୍ତା ୨୦୨୬ ମସିହା ଜାନୁଆରୀ ମାସ ଦୁଇ ତାରିଖ ଶୁକ୍ରବାର ଦିନ ରମାକାନ୍ତ ସେବା ଫାଉଣ୍ଡେସନ୍ କାର୍ଯ୍ୟାଳୟ ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ତରଫରୁ ବିଶାଳ ବନ୍ଧୁ ମିଳନ ଉତ୍ସବ ପାଳନ କରାଯିବ ଏହି ଉତ୍ସବ ସମସ୍ତେ ଯୋଗଦାନ କରନ୍ତୁ, ଓ ରମାକାନ୍ତ ସେବା ଫାଉଣ୍ଡେସନ ସହିତ ବନ୍ଧୁତାର ହାତ ବଢାନ୍ତୁ, ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ, (ପିଂଟୁ ବାବୁ)ଙ୍କ ସମେତ ରମାକାନ୍ତ ସେବା ଫାଉଣ୍ଡେସନର ସଦସ୍ୟ ମାନେ ଆପଣ ମାନଙ୍କ ଅପେକ୍ଷାରେ ।

ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୨ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୭

ରାଜ୍ୟରେ ଡବଲ ଇଂଜିନ ସରକାରର ବିକାଶ ମଡେଲ ଉପରେ ଆସ୍ଥା ପ୍ରକଟ କରି ସମସ୍ତେ ବିଜେପି ମୁହାଁ: ମନମୋହନ ସାମଲ

ଭୁବନେଶ୍ୱର, ୧୧/୧୨ (ଆ.ପ୍ର) : ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ । ଦେଶର ୨୧ ରାଜ୍ୟରେ ବିଜେପି ଏବଂ ଏନଡିଏର ସରକାର ଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ବର୍ଷ ହେବ ଅତି ନିଷ୍ଠାର ସହ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସାରା ବିଶ୍ୱ ଆଜି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱକୁ ଗ୍ରହଣ କରିଛି । ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ବିଜେପି ସରକାର ୧୭ ମାସ ପୂରଣ କରିଛି । ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ଦିନରୁ ସଂକଳ୍ପପତ୍ରରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଅଧିକାଂଶ ବିଜେପି ପୂରଣ କରିସାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ବଢ଼ି ଚାଲିଛି । ରାଜ୍ୟରେ ଡବଲ ଇଂଜିନ ସରକାରର ବିକାଶ ମଡେଲ ଉପରେ ଆସ୍ଥା ପ୍ରକଟ କରି ସମସ୍ତେ ଏବେ ବିଜେପି ମୁହାଁ । ଦଳର ବିଚାରଧାରା ଉପରେ ଅନୁପ୍ରାଣିତ ହୋଇ ବିଜେପିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି । ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ବିଜେପି କାର୍ଯ୍ୟ କରିବ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନଠାରୁ ଆରମ୍ଭ କରି ରାଜ୍ୟର ସାମଗ୍ରିକ ବିକାଶ କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ଭଦ୍ରକ ଜିଲ୍ଲା ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳର ସଂଗଠନ ଆହୁରି ଶକ୍ତିଶାଳୀ ହୋଇଯାଇଛି । ସଶକ୍ତ ସଂଗଠନ ଗଢ଼ି ତୋଳିବାର ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଏହି ଅବସରରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଜଗନ୍ନାଥ ପ୍ରସାଦ ପଂଚାୟତର ପୂର୍ବତନ ସରପଂଚ ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଭାଗିରଥୀ ବଳ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ଆଜି ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀ ବଳଙ୍କ ସମେତ ଭଦ୍ରକ ଜିଲ୍ଲା ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଗୋବିନ୍ଦପୁର ପଂଚାୟତର ସମିତିସଭ୍ୟ ଅର୍ଚ୍ଚନା ଜେନା, ଅସିତ୍ ନାୟକ, ପୂର୍ବତନ ସରପଂଚ ପୀତବାସ ଖିଲାର; ଆନ୍ଦୋଳା ପଂଚାୟତର ସରପଂଚ କାମଦେବ ମଲ୍ଲିକ, ସମିତିସଭ୍ୟ ଶାନ୍ତିବାଳା ନାୟକ, ରଶ୍ମୀରଞ୍ଜନ ନାୟକ, ନାୟବ ସରପଂଚ ସୁଶାନ୍ତ ପରିଡା; ଜଗନ୍ନାଥ ପ୍ରସାଦ ପଂଚାୟତର ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ଦତ, ବିପିନି ମଲ୍ଲିକ, ସମିତିସଭ୍ୟ ଉର୍ମିଳା ପରିଡା, ନାୟବ ସରପଂଚ ଯୋଗେନ୍ଦ୍ର ଦାସ, ବିଜେଡି ପୂର୍ବତନ ଯୁବ ସଭାପତି ଅରୁଣ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ମୂଳତା ବଳ; ବାସୁଦେବପୁର ମ୍ୟୁନିସିପାଲିଟିର କାଉନସିଲର୍ ସୁଚିସ୍ମିତା ଗିରି, ଗରପଦା ଗିରି, ବଂଶୀଧର ବେହେରା, ନିରୋଦ ବେହେରା ପ୍ରମୁଖ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି ।ଭ

ଆଦିବାସୀଙ୍କ ଜମି ଉପରେ ବେଆଇନ ଭାବେ କବ୍ଜା କରୁଛି ଠିକାସଂସ୍ଥା

ଦଶପଲ୍ଲା, ୧୧/୧୨ (ଆ.ପ୍ର) : ବଲାଙ୍ଗୀର ରେଳ ପ୍ରକଳ୍ପ କାମ ଆଉ କିଛି ବାଟରେ । ଦୀର୍ଘ ଦିନର ସ୍ୱପ୍ନ ଶୀଘ୍ର ଅନ୍ତ ହେବାକୁ ଯାଉଛି । ବର୍ତ୍ତମାନ ଦଶପଲ୍ଲା ରୁ ନିୟମିତ ଭୁବନେଶ୍ୱର, ପୁରୀ, ଭଦ୍ରକ୍ଷ ଟ୍ରେନ ଚଳାଚଳ କରୁଛି । ଦଶପଲ୍ଲା ରୁ ବାଣାଗୋଛା ମଧ୍ୟରେ ଜମି ଅଧିଗ୍ରହଣ କାମ ଶେଷ ହୋଇଯାଇଛି । ପ୍ରାପ୍ୟ ଠିକ ସେ ପାଇନଥିବା ବେଳେ ଯେତିକି ଜମି ଅଧିକରଣ ହୋଇଥିଲା ତାହାଠାରୁ ଏବେ ଅଧିକ ଫସଲ ହୋଇଥିବା ଜମି ଉପରେ ବୋଲଡୋଜର ଲଗାଇ ଫସଲ ନଷ୍ଟ କରୁଛନ୍ତି । ଟ୍ରେନ ଲାଇନ ପ୍ରକଳ୍ପ କାମ କରୁଥିବା ଠିକା ସଂସ୍ଥା ର ମନମାନି ଯୋଗୁଁ ବୁଗୁଡା ବାସି ହଇରାଣ ହରକତ ହେଉଥିବା ଜଣାପଡିଛି । ସୂଚନା ଅନୁସାରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ବୁଗୁଡା କଲୋନୀ ଗ୍ରାମର ନିରିହ ଆଦିବାସୀଙ୍କ ଅନଧିକୃତ ଜମି ଓ ଫସଲ ଉପରେ ଠିକାଦାରୀ ସଂସ୍ଥାର ବୁଲଡୋଜର୍ ଚଢାଇ ନଷ୍ଟ କରୁଛି ଫସଲ । ପ୍ରତିବାଦ କଲେ ଦେଖାଉଛନ୍ତି ନାଲିଆଖି ସହିତ ପୋଲିସର ଧମକ । ଖୋର୍ଦ୍ଧା ବଲାଙ୍ଗୀର ରେଳପଥ କୁ ସ୍ୱାଗତ କରି ଦେଶର ଉନ୍ନତି ପାଇଁ ସ୍ୱଳ୍ପ ମୂଲ୍ୟରେ ଜମି ପ୍ରଦାନ କରିଥିବା ଆଦିବାସୀଙ୍କ ଉପରେ ହେଉଛି ମାଡ । ଦିଆଯାଉନି ଫସଲର କ୍ଷତିପୂରଣ । ତଥାପି ମଧ୍ୟ , ଟ୍ରେନ ପ୍ରକଳ୍ପ କାମକୁ ଗ୍ରାମବାସୀ ମାନେ ସ୍ୱାଗତ କରୁଥିବା ଜଣାପଡିଛି ।

ସେଂଟ ଜୋସେଫ କନଭେଂଟ ସ୍କୁଲରେ ଅଜାଆଇ ଦିବସ ପାଳିତ

ବଣାଇଁ,୧୧/୧୨ (ଆ.ପ୍ର) : ବଣାଇଁ ସେଂଟ ଜୋସେଫ କନଭେଂଟ ସ୍କୁଲରେ ନିଆରା ଢଙ୍ଗରେ ଆଜି ଅଜା ଆଇ ଦିବସ ପାଳନ ହୋଇଯାଇଛି । ଏହି ଅଜା-ଆଇଙ୍କ ଦିବସ ଅବସରରେ ବିଦ୍ୟାଳୟ କ୍ରିଡା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରିନ୍ସିପାଲ ସିଷ୍ଟର ସନ୍ଧ୍ୟାଙ୍କ ତତ୍ୱାବଧାନରେ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓଦେବ, ସ୍ୱତନ୍ତ୍ର ଅତିଥି ଭାବେ ରାଜକୁମାରୀ କରିଷ୍ମା ଦେବୀ, ସମ୍ମାନିତ ଅତିଥି ଭାବେ ରାଣୀ ସାହେବ ସୁମାୟୀ ଶୌରୀ ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ବିଦ୍ୟାଳୟକୁ ଆସିଥିବା ୧୨୦ ଜଣ ଅଜା-ଆଇଙ୍କୁ ସର୍ବ ପ୍ରଥମେ ସ୍ୱାଗତ ଜଣାଇବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅଜା-ଆଇଙ୍କ ଉଦେଶ୍ୟରେ ଏକ ଛୋଟିଆ ନାଟକ ପରିବେଷଣ କରାଯିବା ସହିତ ନୃତ୍ୟ, ଗୀତ କରିବା ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ବିଦ୍ୟାଳୟର ମ୍ୟାନେଜିଂ ସିଷ୍ଟର ମରିଅମ, ଶିକ୍ଷୟିତ୍ରୀ ଅଲବିନା ଖେସ, ଦେବରାଜ ନାୟକ, ପୁଷ୍ପା ଖେସ, ମୁସରତ ପରବିନ, ସାହିନା ପରବିନ, ପ୍ରତିଭା ଟିଗ୍ଗା, ରାଜେଶ ଗୁଡିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

ମାନବିକ ଅଧିକାର ଦିବସ ପାଳନ

ଦଶପଲ୍ଲା, ୧୧/୧୨ (ଆ.ପ୍ର) : ଦଶପଲ୍ଲା ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ ଦଶପଲ୍ଲା ବିଚାର ବିଭାଗ ଅଦାଲତ ପରିସରରେ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି । ଇତ୍ୟବସରରେ ଆୟୋଜିତ ସଚେତନତା ସଭାରେ ଆଇନଜୀବୀ ତଥା ଦଶପଲ୍ଲା ଓକିଲ ସଂଘର ସମ୍ପାଦକ ଶରତ ଚନ୍ଦ୍ର ବେହେରା, ବିରେନ୍ଦ୍ର ନାଏକ, ବେଣୁଧର ନାୟକ ପ୍ରମୁଖ ଯୋଗ ଦେଇ ମାନବିକ ଅଧିକାର ଉପରେ ସବିଶେଷ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ, ବରିଷ୍ଠ ନାଗରିକ, ପାରାଲିଗାଲ ଭଲ୍ୟୁଂଟର ଓ ଆଇନଜୀବି ଯୋଗ ଦେଇଥିଲେ । ଆଇନଜୀବି ବ୍ରଜେନ୍ଦ୍ର କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଏନ୍ଏଚ ୨୬ର ପ୍ରଶସ୍ତିକରଣ ପାଇଁ ଆରମ୍ଭ ହେଲା ସରକାରୀ ଜବରଦଖଲ ଅଭିଯାନ

ଭବାନୀପାଟଣା, ୧୧/୧୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ତହସିଲ ଲଇତରା ମୌଜା ଅଧୀନ କେସିଙ୍ଗା ୨୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା ଯୋଲକୋ ଛକରୁ ସୋମବାର ଠାରୁ ସରକାରୀ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି । କେସିଙ୍ଗା ୨୬ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତି କରଣ ପାଇଁ ଜାତୀୟ ରାଜପଥ ବିଭାଗ ସହିତ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଓ ସ୍ଥାନୀୟ ପୋଲିସ ର ସହାୟତା ରେ ଜବରଦଖଲ ପ୍ରକ୍ରିୟା ଆରମ୍ଭ କରିଥିଲେ । ତେବେ ଜବରଦଖଲ କାରୀଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ସୂଚନା ଦେଇଥିଲେ ଏବଂ କେସିଙ୍ଗା ପୋଲିସ ସହାୟତାରେ ଜବରଦଖଲ ବେଳେ ସ୍ଥାନୀୟ ଜନସାଧାରଣ ବିଶେଷ ସହଯୋଗ କରିଥିବା କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ପ୍ରକାଶ କରିଥିଲେ । ଯୋଲକୋ ଛକ ରେ ସରକାରୀ ଜାଗାରେ ଥିବା ଦୁଇଟି ଦୋକାନ ଗୃହକୁ ଜେ ସି ବି ସାହାଯ୍ୟରେ ଭଙ୍ଗା ଯାଇଛି । ଆଗକୁ କସୁପଡ଼ା ପଂଚାୟତର ବିନେକେଲା ରେ ମଧ୍ୟ ଜବର ଦାଖଲ ଉଚ୍ଛେଦ ଅଭିଯାନ କରାଯିବ ବୋଲି କେସିଙ୍ଗା ତହସିଲଦାର ପ୍ରକାଶ କରିଛନ୍ତି । ଜବରଦଖଲ ସମୟରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ, ଲଇତରା ରାଜସ୍ୱ ନିରୀକ୍ଷକ ମୋହନ ମାଝୀ, ରାଜସ୍ୱ ପରିଦର୍ଶକ, କେସିଙ୍ଗା ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

ଗାଜଲବାଡି ଘାଟିର ସମ୍ପ୍ରସାରଣ ବିଳମ୍ବକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ୧୨ ଘଂଟିଆ ବନ୍ଦ ଡାକରା

ବାଲିଗୁଡା, ୧୧/୧୨ (ଆ.ପ୍ର) : ଗୋପାଳପୁର ଠାରୁ ରାୟପୁରକୁ ସଂଯୋଗ କରୁଥିବା ୫୯ ନଂ. ଜାତୀୟ ରାଜପଥର କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରୁ ଗାଜାଲବାଡ଼ି ଦେଇ ଗଞ୍ଜାମ ଜିଲ୍ଲାକୁ ଯାଇଥିବା ରାସ୍ତାର ପୁନଃଶୁଧାର ଓ ପ୍ରଶସ୍ତିକରଣ ଦାବୀ ନେଇ ଆସନ୍ତା ୧୭ ତାରିଖରେ ଦାରିଙ୍ଗବାଡି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି । ଏହି ଜାତୀୟ ରାଜପଥର ଗାଜାଲବାଡି ଘାଟିର ସମ୍ପ୍ରସାରଣ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । କେନ୍ଦ୍ର ସରକାର ଏହି ଘାଟି ସମ୍ପ୍ରସାରଣ କାର୍ଯ୍ୟ ପାଇଁ ୭୧୮ କୋଟି ଅର୍ଥ ବ୍ୟୟବରାଦ ହେବା ସହ ୨୦୨୮ମସିହା ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଘୋଷଣା କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏଣୁ ସରକାର ଦେଇଥିବା ସମୟସୀମା ମଧ୍ୟରେ ରାସ୍ତାର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଉକ୍ତ ରାସ୍ତା ଅଣ ଓସାରିଆ ହୋଇଥିବାରୁ ଅନେକ ସମୟରେ ଯାତ୍ରୀବାହୀ ବସ୍, ହେଉ କି' ମାଲବୂହା ଗାଡ଼ି ଦୁର୍ଘଟଣା ଘଟୁଥିବାର ବହୁ ନଜିର ରହିଛି । ଏଣୁ ଏହାର ପ୍ରତିବାଦରେ ଚଳିତ ମାସ ୧୭ ତାରିଖରେ ବାର ଘଂଟିଆ ରାସ୍ତା ରୋକ ଆନ୍ଦୋଳନ କରିବା ପାଇଁ ଏକ ପ୍ରେସ ମିଟ ମାଧ୍ୟମରେ ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ଏହି ସୂଚନା ଦେବା ସହ ସମସ୍ତ ଜନସାଧାରଣ, ସ୍ୱେଚ୍ଛାସେବୀ, ବିଭିନ୍ନ ଅନୁଷ୍ଠାନ ଉକ୍ତ ବାର ଘଂଟିଆ ରାସ୍ତା ରୋକ ଆନ୍ଦୋଳନକୁ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପୂରବୀ ଦେ'ଙ୍କ ପରଲୋକ

ଜଗତସିଂହପୁର, ୧୧/୧୨ (ଆ.ପ୍ର) : ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୂରବୀ ଦେ'ଙ୍କର ୭୦ ବର୍ଷ ବୟସରେ ପୁନଙ୍ଗସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ସେ ରଘୁନାଥପୁର ଏମଇ ସ୍କୁଲ ଓ ପକାଶୋଳ ଏମଇ ସ୍କୁଲରେ କାର୍ଯ୍ୟ କରି ଜଣେ ଆଦର୍ଶ ଶିକ୍ଷୟିତ୍ରୀ ରୂପେ ପରିଚିତ ଥିଲେ । ସେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରିୟନାଥ ଦେ'ଙ୍କ ଜ୍ୟେଷ୍ଠା କନ୍ୟା ଥିଲେ । ତାଙ୍କ ସ୍ୱାମୀ ଅଶ୍ୱିନୀ କୁମାର ଦାସଙ୍କର ପୂର୍ବରୁ ପରଲୋକ ହୋଇ ଯାଇଛି । ମୃତ୍ୟୁ ସମୟରେ କନ୍ୟା ଶୁଭ୍ରା, ଜାମାତା ବିଭୂଦତ, ପୁତ୍ର ସତ୍ୟଜିତ, ବୋହୂ ସତ୍ୟଭାମା ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ପୁନଙ୍ଗ,ପକାଶୋଳ ଓ ଜଗତସିଂହପୁର ସହରାଞ୍ଚଳରେ ଶୋକର ଛାୟା ଖେଳି ଯାଇଛି

ବ୍ରାଉନସୁଗର ୧୨ ଗ୍ରାମସହ ବୁଲେଟ ଜବତ, ଜଣେ ଗିରଫ

ଧାମନଗର, ୧୧/୧୨ (ଆ.ପ୍ର) : ଧାମନଗର ବ୍ଲକ୍ ଓ ଏନଏସି ଅଂଚଳରେ ଅବକାରୀ ବିଭାଗ ବଂ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବେଆଇନ ବିଦେଶୀ ଓ ଦେଶୀ ମଦ ବିକ୍ରି ଦୋକାନରେ ଚଢ଼ଉ ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ହେଲେ ଅମାନ୍ୟ ମାନେ ପୋଲିସ ଆଖିରେ ଲୁହ ଭରି ବୁଧବାର ପୂର୍ବାହ୍ନ ଦିନ ପ୍ରାୟ ଗୋଟିଏ ବେଳେ ଭଦ୍ରକରୁ ଦୁଇ ଜଣ ଯୁବକ ବୁଲେଟ ଗାଡ଼ିରେ ଧାମନଗରକୁ ବ୍ରାଉନସୁଗର ନେଇ ଆସୁଥିବା ସମୟରେ ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମହେଶ୍ୱର ପ୍ରଧାନ,ଏଏସଆଇ ନରେନ୍ଦ୍ର ରାଉତ ସଦଳବଳେ ଧାମନଗର ଛକ ନିକଟରେ ଚଢ଼ାଉ କରି ଦୁଇ ଜଣ ଯୁବକଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ବୁଲେଟ ଗାଡ଼ିକୁ ଜବତ କରିଛନ୍ତି । ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତରେ ୧୨ଗ୍ରାମ ବ୍ରାଉନସୁଗର ଗୋଟିଏ ବାଇକ,ଆଉ ଗୋଟିଏ ମୋବାଇଲ ସହ ବେପାରୀକୁ କାବୁ କରିଥିବା ବେଳେ ଘଟଣା ସ୍ଥଳରୁ ଅନ୍ୟ ଜଣେ ସହଯୋଗୀ ଫେରାର ହୋଇ ଯାଇଥିବା ସୂଚନା ମିଳିଛି । ଧାମନଗର ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତିରେ ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାର ବ୍ରାଉନସୁଗର ଜବତ କରାଯାଇଥିଲା । ଏନେଇ ଧାମନଗର ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଥାନା କେସ ନଂ ?୭୧/୨୫ରେ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

ପାରଳା ବିଧାୟକ ବଣୁଆ ହାତୀ ପ୍ରବଣ ଅଂଚଳ ବୁଲିଲେ

ପାରଳାଖେମୁଣ୍ଡି, ୧୧/୧୨ (ଆ.ପ୍ର) : ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ନିକଟରେ ଗଜପତିର କାଶୀନଗର ଓ ଗୁମ୍ମା ବ୍ଲକରେ ୪ଟି ବଣୁଆ ହାତୀ ବୁଲି କ୍ଷୟକ୍ଷତି କରିଥିବା ଅଂଚଳ ବୁଲି ଆସିଛନ୍ତି । ଗତ ବୁଧବାର ସନ୍ଧ୍ୟାରେ ଏହି ହାତୀ ମାନେ କାଶୀନଗର ବ୍ଲକର ଶିଆଳି ପଂଚାୟତର ବିଭିନ୍ନ ଗ୍ରାମରେ ପଶି ଧାନ ଚାଉଳ ଖାଇବା ସହ ଭଂଗାରୁଜା କରିଛନ୍ତି । ଦୀର୍ଘ ଦିନଧରି ଏହି ହାତୀମାନଙ୍କ ଆତଂକ ଯୋଗୁଁ ଗ୍ରାମବାସୀ ବାହାରକୁ ବାହାରି ପାରୁନାହାନ୍ତି । ଏହାଛଡା ଗୁମ୍ମା ବ୍ଲକର ପରିଡା ପଂଚାୟତରେ ଏହିଭଳି କାରନାମା କରିଛନ୍ତି । ବିଧାୟକ କ୍ଷୟକ୍ଷତିର ଅନୁସନ୍ଧାନ କରିବା ସହ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ଟାଟା ପାୱାରର ମନମୁଖୀ କାର୍ଯ୍ୟ ଯୋଗୁ, ବାଜୀରେ ଲାଗିଛି ଅମୂଲ୍ୟ ଜୀବନ

ଟାଙ୍ଗୀ ଚୌଦ୍ୱାର, ୧୧/୧୨ (ଆ.ପ୍ର) : ସାରା ଚୌଦ୍ୱାର ଅଂଚଳକୁ ଟାଟା ପାୱାର ବିଦ୍ୟୁତ ବିତରଣ ସଂସ୍ଥା ବିଦ୍ୟୁତ ସେବା ଯୋଗାଇ ଆସୁଥିବା ବେଳେ, ସାରା ଅଂଚଳକୁ ଏକ ପ୍ରକାର ଭୁଆଁ ବୁଲାଇ ବିଦ୍ୟୁତ ବିତରଣ କରୁଛି ବୋଲି ବଦ୍ୟୁତ ଉପଭୋକ୍ତା ମାନଙ୍କର ଏକ ଲମ୍ବା ଅଭିଯୋଗ ଶୁଣିବାକୁ ମିଳୁଛି । ଟାଟା ପାୱାରର ଏଲ.ଟି ବିଦ୍ୟୁତ ତାର କେଉଁଠି ଜନସାଧାରଣଙ୍କ ଛାତିରେ ବାଜୁଛି ତ କେଉଁଠି ପଶୁଜନ୍ତୁ ମାନଙ୍କ ଦେହରେ ଘଷିହୋଇ ସେବା ଯୋଗାଉଥିବା ବେଳେ କେଉଁଠି କେଉଁଠି ବିଦ୍ୟୁତ ତାରକୁ ଗଛରେ ଗୁଡ଼ାଇ ସେବା ଯୋଗାଉଛି ତ ସ୍ଥାନେ ସ୍ଥାନେ ବିଦ୍ୟୁତ ଖୁଂଟ ଗୁଡିକ ମାଟିରେ ଶୋଇବାକୁ ବସିଲାଣି କିନ୍ତୁ ଟାଟା ସେବା ଯୋଗାଉଛି । ଉପଭୋକ୍ତା ମାନଙ୍କ ଅଭିଯୋଗ ହେଉଛି ଟାଟା କମ୍ପାନୀ ବିଲ ନେଲା ବେଳେ ଓ ଖୁଂଟରେ ଚଢି ବିଦ୍ୟୁତ କନେକ୍ସନ କାଟିଲା ବେଳେ ଯେମିତ ତତ୍ପରତା ପ୍ରକାଶ କରୁଛନ୍ତି ସେହିପରି ବିଦ୍ୟୁତ ତାର ଓ ଖୁଂଟ ଗୁଡିକୁ ମେଂଟନାନ୍ସରେ କାର୍ଯ୍ୟ କରି ତତ୍ପରତା ପ୍ରକାଶ କରନ୍ତୁ ନଚେତ ଆଗକୁ ଧନଜୀବନ ହାନି ହେଲେ ଟାଟା କର୍ତ୍ତୃପକ୍ଷ ଦାୟୀ ରହିବେ ।

ନବରଙ୍ଗପୁର ଜିଲ୍ଲାର ମହାନ୍ ଐତିହ୍ୟ ଓ ସଂସ୍କୃତିର ପ୍ରତୀକ ମଣ୍ଡେଇ ୨୦୨୫ ପାଳନ ଅବସରରେ ପାରମ୍ପାରିକ ଖାଦ୍ୟ ଏବଂ ଝୋଟି ପ୍ରତିଯୋଗିତା

ନବରଙ୍ଗପୁର, ୧୧/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ଲୋକ ଉତ୍ସବ ମଣ୍ଡେଇ ୨୦୨୫ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଆଜି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗୀତା ସହ ଝୋଟି ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ଉକ୍ତ ପ୍ରତିଯୋଗୀତାରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକ ର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ୍ ବର୍ମନ୍, ନବରଙ୍ଗପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜିଲ୍ଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ,ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସହ କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ପ୍ରତିଯୋଗୀତାରେ ଅଂଶ ନେଇଥିବା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ପାରମ୍ପାରିକ ଖାଦ୍ୟ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଦଳ ଓ ବ୍ୟକ୍ତିଗତ ଭାବେ ୧୨ ଜଣ ପ୍ରତିଯୋଗୀ ଓ ଝୋଟି ପ୍ରତିଯୋଗୀତାରେ ୨୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଝୋଟି ପ୍ରତିଯୋଗୀତାରେ ପୁରୁଷ ପ୍ରତିଯୋଗୀ ମାନେ ମଧ୍ୟ ଅଂଶଗ୍ରହଣ କରି ସମସ୍ତଙ୍କୁ ଚକିତ କରିଥିଲେ । । ପାରମ୍ପାରିକ ଖାଦ୍ୟ ମଧ୍ୟରେ ମାଣ୍ଡିଆ, ସୁଆଁ ଓ କାଙ୍ଗୁରୁ ତିଆରି ଖାଦ୍ୟ ସହ ବିଭିନ ପିଠା ପଣା, ଆମଟ, ମାଣ୍ଡିଆ ଜସି ଇତ୍ୟାଦି ସୁସ୍ୱାଦକର ଖାଦ୍ୟ ପରିବେଷଣ କରାଯାଇଥିଲା । ୫ଟି ଓ ରଙ୍ଗଲି ପ୍ରତିଯୋଗୀତାରେ ଜିଲ୍ଲାସ୍ତରୀୟ ବିଚାରକ ମଣ୍ଡଳୀ ଭାବେ କୁମାରୀ ନିବେଦିତା ବିଶ୍ୱାଳ, ଅତିରିକ୍ତ, ଜିଲ୍ଲା ମଙ୍ଗଳ ଅଧିକାରୀ ନବରଙ୍ଗପୁର, ମମତା ପରିଚ୍ଛା, Gender Coordinator, ନବରଙ୍ଗପୁର, କୁନି ମଣି ସ୍ୱାଇଁ, PO I/C, ଶିଶୁ ସୁରକ୍ଷା ଅଧିକାରୀ, ନବରଙ୍ଗପୁର । ସେହିଭଳି ପାରମ୍ପାରିକ ଖାଦ୍ୟ ନିମ୍ନଲିଖିତ ଜିଲ୍ଲା ସ୍ତରୀୟ ବିଚାରକ ମଣ୍ଡଳୀ ଯୋଗ ଦେଇଥିଲେ କୁମାରୀ ଗୀତାଞ୍ଜଳି ବେହେରା, ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର । ଭାରତ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ନବରଙ୍ଗପୁର ଅରୁଣ କୁମାର ମହାରଣା, ଖାଦ୍ୟ ସୁରକ୍ଷା ଅଧିକାରୀ, ନବରଙ୍ଗପୁର ପ୍ରତିଯୋଗୀତା ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଏବଂ ପ୍ରତିଯୋଗୀତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଣ୍ଡେଇ ପଡିଆରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଥିଲା ।

ସୁଗୋ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଉନ୍ନତି କରଣ ଓ ମୁଖ୍ୟ ଫାଟକ ନିର୍ମାଣ ଭିତି ପ୍ରସ୍ତର ସ୍ଥାପନ ଶୁଭ ଆରମ୍ଭ

ବାସୁଦେବ ପୁର, ୧୧/୧୨ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଗୋ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଉନ୍ନତି କରଣ ଓ ମୁଖ୍ୟ ଫାଟକ ନିର୍ମାଣ ପାଇଁ ବିଧାୟକଙ୍କ ଆଂଚଳିକ ଅନୁଦାନ ପାଣ୍ଠିରୁ ପାଂଚ ଲକ୍ଷ ଟଙ୍କାର ଅନୁଦାନରେ ଶୁଭ ଭିତିପ୍ରସ୍ତର ସ୍ଥାପନ ପାଇଁ ଆଜି ଶୁଭ ଭିତିପ୍ରସ୍ତର ଆରମ୍ଭ ହୋଇଛି । ଏହାକୁ ଫିତା କାଟି ଶୁଭ ଦେଲେ ବାସୁଦେବ ପୁର ବିଧାୟକ ଶ୍ରୀଯୁକ୍ତ ଆଶୋକ କୁମାର ଦାସ, ଏଥିରେ ଯୋଗଦାନ କରି ଥିଲେ ବିଧାୟକ ବାସୁଦେବପୁର ଅଶୋକ କୁମାର ଦାଶ, ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମନଗରର ପୂର୍ବତନ ବିଧାୟକ ତଥା ପୁରାତନ ଛାତ୍ର ମୁକ୍ତିକାନ୍ତ ମଣ୍ଡଳ, ଆଲୁମୀନି କମିଟିର ସଭାପତି ବସନ୍ତ କୁମାର ନାୟକ, ଶୁଗୋ ଗ୍ରାମ ପଂଚାୟତର ସମିତି ସଭ୍ୟ କୈଳାସ ଚନ୍ଦ୍ର ଜେନା, ସୁଗୋ ସରକାରି ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ଅଗସ୍ତି, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ବାରିକ୍, ପୁରାତନ ଛାତ୍ର ବିଜୟ ଘଡ଼େଇ, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ଓ ପୁରାତନ ଛାତ୍ର ମାନେ ଉପସ୍ଥିତ ଥିଲେ ।

ଆନ୍ତର୍ଜାତୀୟ ପର୍ବତ ଦିବସ

ପାରଳାଖେମୁଣ୍ଡି, ୧୧/୧୨ (ଆ.ପ୍ର) : ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ପର୍ବତ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଭୂଗୋଳ ବିଭାଗ ତରଫରୁ ହୋଇଥିବା କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପିସିପିଲିପ୍ସଙ୍କ ନେତୃତ୍ୱରେ ସମସ୍ତ ଛାତ୍ରଛାତ୍ରୀ ତଥା ଅଧ୍ୟାପକ, ଅଧ୍ୟାପିକା ମହାବିଦ୍ୟାଳୟ ନିକଟରେ ଥିବା ଭୋଇ ପାହାଡ ଚଢିଥିଲେ । ଜଳବାୟୁକୁ ସମୀକରଣରେ ରଖିବା, ପ୍ରଦୂଷଣ ମୁକ୍ତ କରିବା, ସ୍ୱଚ୍ଛ ଓ ମୁକ୍ତ ପରିବେଶ ସୃଷ୍ଟି କରିବା, ଜୈବ ପରିବେଶ ସନ୍ତୁଳିତ ରଖିବା, ଏକ ଆହରଣ ଗ୍ରହଣୀୟ ଜଳବାୟୁ ସଂରକ୍ଷଣ କରିବା ତଥା ଜଂଗଲ ସଂରକ୍ଷଣକୁ ଚିରସ୍ଥାୟୀ ଉପରେ ଛାତ୍ରଛାତ୍ରୀ ମାନଂକୁ ସଚେତନ କରାଯାଇଥିଲା । କୃଷି କ୍ଷେତ୍ରରେ ଜଳବାୟୁକୁ ସମ୍ବଳ ରଖି ଉତ୍ପାଦନକ୍ଷମ କରାଇବା ଉପରେ ମଧ୍ୟ ବୁଝାଯାଇଥିଲା ।

ସେଇଥୁ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୨ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

କନିଷ୍ଠ ପୁରୁଷ ହକି ବିଶ୍ୱକପ୍ : ଭାରତକୁ କାଂସ୍ୟ

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ତାମିଲନାଡୁରେ ଚାଲିଥିବା ଜୁନିଅର ହକି ବିଶ୍ୱକପରେ, ଭାରତୀୟ ଦଳ ସେମିଫାଇନାଲରେ ଜର୍ମାନୀ ବିପକ୍ଷରେ ୫-୧ ଗୋଲରେ ପରାଜୟର ସମ୍ମୁଖୀନ ହୋଇଥିଲା । ଏହା ପରେ, ଟିମ୍ ଇଣ୍ଡିଆ ପାଇଁ ବ୍ରୋଞ୍ଜ ପଦକ ଜିତିବାର ସୁଯୋଗ ଥିଲା । ଡିସେମ୍ବର ୧୦ ତାରିଖ ଅର୍ଥାତ୍ ଆଜି ଖେଳାଯାଇଥିବା ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଆର୍ଜେଣ୍ଟିନାକୁ ସାମ୍ନା କରିଥିଲା ଏବଂ ଖେଳାଳିମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଭାରତ ୪-୨ ଗୋଲରେ ମ୍ୟାଚ୍ ଜିତି ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଏହି ମ୍ୟାଚ୍‌ରେ ଗୋଟିଏ ସମୟରେ ଟିମ୍ ଇଣ୍ଡିଆ ବହୁତ ପଛରେ ଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ସେମାନେ ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ଓଲଟାଇ ଦେଇଥିଲେ । ଜୁନିୟର ହକି ବିଶ୍ୱକପ୍ ୨୦୨୫ ର ଆର୍ଜେଣ୍ଟିନା ବିପକ୍ଷରେ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ, ଭାରତୀୟ ହକି ଦଳ ପ୍ରଥମ ତିନୋଟି କ୍ୱାର୍ଟର ପାଇଁ ପ୍ରବଳ ଚାପରେ ଖେଳୁଥିଲା ଏବଂ ୨-୦ ରେ ପଛୁଆ ଥିଲା । ଏହା ପରେ, ଶେଷ କ୍ୱାର୍ଟରରେ ଦଳ ପାଇଁ କର ବା ମର ପରିସ୍ଥିତି ଉପୁଜିଥିଲା, କିନ୍ତୁ ଟିମ୍ ଇଣ୍ଡିଆ ଏକ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ ମ୍ୟାଚ୍ ବାକି ୧୫ ମିନିଟରେ ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା । ଅଙ୍କିତ ପାଲ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଟିମ୍ ଇଣ୍ଡିଆ ପାଇଁ ସ୍କୋରିଂ ଆରମ୍ଭ କରିଥିଲେ, ଏବଂ ତା'ପରେ ତୁରନ୍ତ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ, ଯାହାକୁ ମନମୀତ ସିଂହ ମଧ୍ୟ ପରିବର୍ତ୍ତନ କରି ମ୍ୟାଚ୍‌କୁ ୨-୨ରେ ଡ୍ର କରିଥିଲେ । ମ୍ୟାଚ୍ ୨-୨ରେ ବରାବର ହେବା ପରେ, ଟିମ୍ ଇଣ୍ଡିଆର ଖେଳାଳିମାନଙ୍କ ଆତ୍ମବିଶ୍ୱାସ ସ୍ପଷ୍ଟ ଭାବରେ ଦେଖାଯାଉଥିଲା ଏବଂ ତା'ପରେ ଶାରଦା ନନ୍ଦ ତିୱାରୀ ତିନି ମିନିଟ୍ ବାକି ଥିବା ସମୟରେ ତୃତୀୟ ପେନାଲ୍ଟି କର୍ଣ୍ଣରକୁ ପରିବର୍ତ୍ତିତ କରି ଭାରତୀୟ ଦଳକୁ ମ୍ୟାଚ୍‌ରେ ୩-୨ରେ ଆଗୁଆ କରିଥିଲେ । ଏହା ପରେ ଆର୍ଜେଣ୍ଟିନା ଗୋଲକିପରଙ୍କୁ ହଟାଇ ଜଣେ ଅତିରିକ୍ତ ଖେଳାଳିଙ୍କ ସହିତ ଖେଳିବାକୁ ନିଷ୍ପତ୍ତି ନେଇଥିଲା, ଯାହା ଟିମ୍ ଇଣ୍ଡିଆକୁ ମଧ୍ୟ ଲାଭ ଦେଇଥିଲା ଏବଂ ସେମାନେ ଆଉ ଏକ ଗୋଲ କରିବାରେ ସଫଳ ହୋଇଥିଲେ, ଯାହା ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ଭାବରେ ୪-୨ରେ ଭାରତ ସପକ୍ଷରେ ଦେଇଥିଲା ଏବଂ ଦଳ ପାଇଁ ବ୍ରୋଞ୍ଜ ପଦକ ମଧ୍ୟ ସୁନିଶ୍ଚିତ କରିଥିଲା । ଟିମ୍ ଇଣ୍ଡିଆ ପୂର୍ବରୁ ଦୁଇଥର ଜୁନିୟର ହକି ବିଶ୍ୱକପ୍ ଟାଇଟଲ୍ ଜିତିଥିବା ବେଳେ ଭାରତ ଟୁର୍ଣ୍ଣାମେଣ୍ଟ ଇତିହାସରେ ପ୍ରଥମ ବ୍ରୋଞ୍ଜ ପଦକ ହାସଲ କରିଛି ।

ବିରାଟ ଓ ରୋହିତଙ୍କ ଦରମା ୨ କୋଟି ଲେଖାଏ ହ୍ରାସ କରିବ ବିସିସିଆଇ !

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ଟିମ ଇଣ୍ଡିଆର ଦୁଇ ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ବାର୍ଷିକ ଦରମା ହ୍ରାସ ପାଇବ । ବିସିସିଆଇ ପକ୍ଷରୁ ଦୁଇ ଖେଳାଳିଙ୍କୁ ମିଳୁଥିବା ଦରମା ୨ କୋଟି ଲେଖାଏ କମି ଯାଇ ପାରେ । ଖୁବଶୀଘ୍ର ଏନେଇ ବିସିସିଆଇ ଘୋଷଣା କରିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ବିସିସିଆଇ ସବୁ ବର୍ଷ ୪ଟି ବର୍ଗରେ ଖେଳାଳିଙ୍କ ସହ ଚୁକ୍ତି କରିଥାଏ । ଏହି ଚୁକ୍ତି ଅନୁସାରେ ଭିନ୍ନଭିନ୍ନ ବର୍ଗରେ ଥିବା ଖେଳାଳିଙ୍କୁ ବାର୍ଷିକ ଦରମା ଦେଇଥାଏ ବିସିସିଆଇ । ଏହି ଦରମା ଜଣେ ଖେଳାଳିଙ୍କ କ୍ରିକେଟର ୩ ଫର୍ମାଟର ଯୋଗଦାନ ଉପରେ ନିର୍ଭର କରିଥାଏ । ବିସିସିଆଇ ଶେଷ ଥର ୨୦୨୫ ଏପ୍ରିଲ ମାସରେ ଏକାଧିକ କ୍ରିକେଟରଙ୍କ ସହ କେନ୍ଦ୍ରୀୟ ଚୁକ୍ତି କରିଥିଲା । ଆସନ୍ତା ବର୍ଷ ଖେଳାଳିଙ୍କ ଚୁକ୍ତିକୁ ନବୀକରଣ କିମ୍ବା ନୂଆ ଖେଳାଳିଙ୍କ ସହ ବସିସିଆଇ ଚୁକ୍ତି କରିବ । ହେଲେ ଏହାପୂର୍ବରୁ ବିରାଟ କୋହଲି

ଓ ରୋହିତ ଶର୍ମାଙ୍କ ବାର୍ଷିକ ଦରମା ହ୍ରାସ ପାଇବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ବିସିସିଆଇର କେନ୍ଦ୍ରୀୟ ଚୁକ୍ତି ୪ଟି ଭାଗରେ ବିଭକ୍ତ । ଏ+, ଏ, ବି ଓ ସି ବର୍ଗରେ ଖେଳାଳି ରହନ୍ତି । ବିଭିନ୍ନ ବର୍ଗରେ ରହୁଥିବା ଖେଳାଳିଙ୍କୁ ସେହି ଅନୁସାରେ ବାର୍ଷିକ ଦରମା ଦେଇଥାଏ ବିସିସିଆଇ । ଏହା ମ୍ୟାଚ୍ ଫି' ଟଙ୍କା ଠାରୁ ଅଲଗା । ମ୍ୟାଚ୍ ଫି' ବ୍ୟତୀତ ଖେଳାଳିଙ୍କୁ ବାର୍ଷିକ ଗ୍ରେଡ ଅନୁସାରେ ଟଙ୍କା ଦିଆଯାଏ । ଏ+ ଚୁକ୍ତିରେ ରହୁଥିବା ଖେଳାଳି ବାର୍ଷିକ ୭ କୋଟି, ଏ ଗ୍ରୁପରେ ଥିବା ଖେଳାଳିଙ୍କୁ ୫ କୋଟି, ବି ଗ୍ରୁପରେ ଥିବା ଖେଳାଳିଙ୍କୁ ୩ କୋଟି ଓ ଗ୍ରୁପ ସି'ରେ ଥିବା ଖେଳାଳିଙ୍କୁ ବିସିସିଆଇ ୧ କୋଟି ଲେଖାଏ ଟଙ୍କା ଦେଇଥାଏ । କେଉଁ ଖେଳାଳି କେଉଁ ଗ୍ରୁପରେ ରହିବେ, ସେକଥା ବସିସିଆଇ ଜାତୀୟ ଚୟନ କମିଟି ସହ ମିଶି ନେଇଥାଏ । ଏ+ ଓ ଏ ଗ୍ରୁପରେ ରହୁଥିବା ଖେଳାଳିମାନେ ସବୁ ଫର୍ମାଟର ସକ୍ରିୟ ସଦସ୍ୟ ଥିବେ କିମ୍ବା ଟେଷ୍ଟ ସହ ସୀମିତ ଓଭରର ଗୋଟିଏ ଫର୍ମାଟରେ ନିୟମିତ ଖେଳୁଥିବେ । ଗ୍ରୁପ ବି'ରେ ସ୍ଥାନ ପାଇଥିବା ଖେଳାଳି ଅତିକମରେ ୨ଟି ଫର୍ମାଟ ଖେଳୁଥିବା ଦରକାର । ସେହିପରି ଗ୍ରୁପ ସି'ର ଖେଳାଳି ସାଧାରଣତଃ ଗୋଟିଏ ଫର୍ମାଟରେ ଖେଳି ଥାଆନ୍ତି । ବିରାଟ କୋହଲି ଓ ରୋହିତ ଶର୍ମା ଏ+ ବର୍ଗରେ ରହି ଆସୁଥିଲେ । ଏଥିପାଇଁ ସେମାନଙ୍କୁ ବିସିସିଆଇ ବାର୍ଷିକ ୭ କୋଟି ଟଙ୍କା ଦେଉଥିଲା । କିନ୍ତୁ ଉଭୟ ଟେଷ୍ଟ ଓ ଟି-୨୦ରୁ ଅବସର ନେଇ ସାରିଛନ୍ତି । ଯଦି ଉଭୟ ଏ ବର୍ଗରୁ ବାଦ ପଡ଼ିବେ, ତା'ହେଲେ ସେମାନଙ୍କୁ ବରିଷ୍ଠତା ଦୃଷ୍ଟିରୁ ଏ ବର୍ଗରେ ରଖାଯିବ । ଅର୍ଥାତ ଉଭୟ ୭ କୋଟି ଟଙ୍କା ବଦଳରେ ୫ କୋଟି ଟଙ୍କା ଲେଖାଏ ପାଇବେ । ତେବେ ରବୀନ୍ଦ୍ର ଜାଡେଜାଙ୍କୁ ପୂର୍ବଭଳି ଏ+ ବର୍ଗରେ ରଖିବ ବିସିସିଆଇ । ସେ ଟି-୨୦ ଫର୍ମାଟରୁ ଅବସର ନେଇଥିଲେ ହେଁ ଏବେ ବି ଦେଶ ପାଇଁ ଟେଷ୍ଟ କ୍ରିକେଟ ଖେଳୁଛନ୍ତି । ତେଣୁ ସେ ଏ + ବର୍ଗରେ ରହିବା ସହ ବାର୍ଷିକ ୭ କୋଟି ପାଇବେ ବୋଲି ଜଣାପଡ଼ିଛି ।

ହୀରାକୁଦ-ସାତକୋଶିଆ ଅଂଚଳର ବିକାଶ ପାଇଁ ୧୯୯ କୋଟିରୁ ଅଧିକ ଟଙ୍କା ମଞ୍ଜୁର

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ବିଭିନ୍ନ କେନ୍ଦ୍ର ପ୍ରାୟୋଜିତ ଯୋଜନା ଜରିଆରେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅନୁଦାନ ଯୋଗାଇ ଦେଉଥିବା କହିଛନ୍ତି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ । ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଉତରରେ ଶ୍ରୀ ଶେଖାୱତ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ପର୍ଯ୍ୟଟନ ମନ୍ତ୍ରଣାଳୟ ଓଡ଼ିଶାର ହୀରାକୁଦ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୯୯ କୋଟି ୯୦ ଲକ୍ଷ ଟଙ୍କା ଏବଂ ସାତକୋଶିଆର ବିକାଶ ଲାଗି ୯୯ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର କରିଛି । ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩୧.୯୨ କୋଟି ଟଙ୍କା ଜାରି କରାଯାଇଛି । କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ପର୍ଯ୍ୟଟନ ସ୍ଥଳୀର ବିକାଶ ଦାୟିତ୍ୱ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ହୋଇଥିଲେ ମଧ୍ୟ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ, ତୀର୍ଥସ୍ଥଳୀ ପୁନରୁଦ୍ଧାର ଏବଂ ଆଧ୍ୟାତ୍ମିକ ଐତିହ୍ୟ ବିକାଶ ଅଭିଯାନ (ପ୍ରସାଦ), ପର୍ଯ୍ୟଟନ ଭିତିଭୂମି ବିକାଶ ପାଇଁ କେନ୍ଦ୍ରୀୟ ସହାୟତା (ଏସିଏଟିଆଇଡି) ଆଦି ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ ପ୍ରାଥମିକତା ଭିତିରେ ପାଣ୍ଠି ଯୋଗାଇ ଦେଉଥା'ନ୍ତି ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି । ଏହାବ୍ୟତୀତ ପର୍ଯ୍ୟଟନ ସଂକ୍ରାନ୍ତ ପ୍ରକଳ୍ପର ବିକାଶ ପାଇଁ ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦିଅନ୍ତି । କେବଳ ସେତିକି ନୁହେଁ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ପର୍ଯ୍ୟଟନ ପ୍ରକଳ୍ପର କାର୍ଯ୍ୟକାରିତା ନିରନ୍ତର ଭାବେ ସମୀକ୍ଷା କରାଯାଇଥାଏ ।

୯ କୋଟି ଦେଲେ ଆମେରିକାରେ ରହିବାକୁ ମିଳିବ ଅନୁମତି

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ନାଗରିକତା ପାଇବା ପାଇଁ ନୂଆ ଗୋଲ୍ଡ କାର୍ଡ ଲଂଚ କରିଛନ୍ତି । ଯାହାର ମୂଲ୍ୟ ୧ ମିଲିଅନ୍ ଡଲାର୍ ଧାର୍ଯ୍ୟ କରିଛନ୍ତି । ଅର୍ଥାତ ୮ କୋଟି ୯୭ ଲକ୍ଷ ଟଙ୍କା ଦେଲେ ମିଳିବ ଆମେରିକାର ନାଗରିକତ୍ୱ । ଟ୍ରମ୍ପ ବୁଧବାର ଆମେରିକା ସମୟ ହ୍ୱାଇଟ୍ ହାଉସରେ ବ୍ୟବସାୟ ନେତାଙ୍କ ଉପସ୍ଥିତିରେ ଏହି ଗୋଲ୍ଡ କାର୍ଡ ଲଂଚ କରିଛନ୍ତି । ଗୋଲ୍ଡ କାର୍ଡ ଲଂଚ କରିଛନ୍ତି । କାର୍ଡର ଶୁଭାରମ୍ଭ କରି ଟ୍ରମ୍ପ କହିଛନ୍ତି ଯେ, ଏହା 'କିଛି ପରିମାଣରେ ଗ୍ରୀନ୍ କାର୍ଡ ପରି, କିନ୍ତୁ ଗ୍ରୀନ୍ କାର୍ଡ ଅପେକ୍ଷା ଅନେକ ସୁବିଧା ରହିଛି ।' ସେହିପରି କମ୍ପାନୀଗୁଡ଼ିକ ପାଇଁ ଆମେରିକା ଗୋଲ୍ଡ କାର୍ଡ ମୂଲ୍ୟ ୨ ମିଲିଅନ୍ ଡଲାର୍ ଧାର୍ଯ୍ୟ କରାଯାଇଛି । ଗତ ଫେବ୍ରୁଆରୀ ମାସରେ ରାଷ୍ଟ୍ରପତି ଟ୍ରମ୍ପ ଗୋଲ୍ଡ କାର୍ଡ ନାମରେ ଏକ

ସ୍ପେଶାଲ୍ ଭିଜା ପ୍ରୋଗ୍ରାମ ଆରମ୍ଭ କରିଥିଲେ । ସେତେବେଳେ ଗୋଲ୍ଡ କାର୍ଡର ମୂଲ୍ୟ ୫ ମିଲିଅନ୍ ଡଲାର ଅର୍ଥାତ ୪୪ କୋଟି ଟଙ୍କା ଧାର୍ଯ୍ୟ କରିଥିଲେ । ମାତ୍ର ପରେ ଏବେ ଏହାକୁ କମାଇ ୧ ମିଲିଅନ୍ ଡଲାର ରଖିଛନ୍ତି । ଟ୍ରମ୍ପ କହିଛନ୍ତି, ଆମେରିକା ପାଇଁ ଏହା ଏକ ଖୁସିର ମୁହୂର୍ତ୍ତ । ୩୦ ମିନିଟ୍ ପାଇଁ ଅନ୍ଲାଇନ୍‌ରେ ବିକ୍ରି ହେବ ଟ୍ରମ୍ପ ଗୋଲ୍ଡ କାର୍ଡ । ଏଥିରୁ ଯେଉଁ ରାଶି ମିଳିବ ତାହା ୟୁନାଇଟେଡ୍ ଷ୍ଟେଟ୍ସ ସରକାରଙ୍କ ଖାତାକୁ ଯିବ । ଏହି କାର୍ଡ ଦ୍ୱାରା ଆମେରିକା ସରକାରଙ୍କ ଟ୍ରେଜେରୀକୁ କୋଟି କୋଟି ଟଙ୍କା ଆସିବ । ସେ ଆହୁରି ମଧ୍ୟ କହିଛନ୍ତି, କମ୍ପାନୀଗୁଡ଼ିକ ଯେ କୌଣସି ପ୍ରତିଷ୍ଠାନକୁ ଯାଇ ଏକ କାର୍ଡ କିଣିପାରିବେ ଏବଂ ସେହି ବ୍ୟକ୍ତିଙ୍କୁ ଆମେରିକାରେ ରଖିପାରିବେ... ଆମ ଦେଶକୁ ଜଣେ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ଆଣିବା ଏକ ଉପହାର । ମୁଁ ଜାଣିଛି ଆପଲ୍ ବହୁତ ଖୁସି ହେବ । ଟିମ୍ କୁକ୍ ଏ ବିଷୟରେ ମୋ ସହିତ ସବୁଠାରୁ ଅଧିକ କଥା ହୋଇଛନ୍ତି ।

ବାଂଲାଦେଶରେ ନିର୍ବାଚନ ତାରିଖ ଘୋଷଣା: ଇଲେକ୍ସନ ଲଢିପାରିବନି ହସିନାଙ୍କ ପାର୍ଟି

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ବାଂଲାଦେଶରେ ତ୍ରୟୋଦଶ ସଂସଦୀୟ ନିର୍ବାଚନ ୧୨ ଫେବୃଆରୀ ୨୦୨୬ ରେ ଅନୁଷ୍ଠିତ ହେବ । ବାଂଲାଦେଶର ମୁଖ୍ୟ ନିର୍ବାଚନ କମିଶନର ଏଏମଏମ ନାସିର ଉଦ୍ଦିନ ଗୁରୁବାର ସନ୍ଧ୍ୟାରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି ଯେ ୧୨ ଫେବୃଆରୀ ସକାଳ ୭:୩୦ ରୁ ଅପରାହ୍ନ ୪:୩୦ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଏଥର, ଭୋଟ ଗ୍ରହଣ ସମୟକୁ ଗୋଟିଏ ଘଂଟା ବୃଦ୍ଧି କରାଯାଇଛି କାରଣ ସେହି ଦିନ ଏକ ଜନମତ ସଂଗ୍ରହ ମଧ୍ୟ କରାଯିବ । ୧୨ ଫେବୃଆରୀରେ ଜୁଲାଇ ଚାର୍ଟର କାର୍ଯ୍ୟକାରୀ କରିବା ପାଇଁ ଏକ ଜନମତ ଅନୁଷ୍ଠିତ ହେବ । ନିର୍ବାଚନ କମିଶନଙ୍କ ଅନୁଯାୟୀ, ଏହି ଜନମତ ଜାତୀୟ ସମ୍ବିଧାନର କାର୍ଯ୍ୟାନ୍ୱୟନ ଉପରେ ହେବ । ଶେଖ ହାସିନାଙ୍କ ଦଳ, ଆୱାମୀ ଲିଗ୍, ଏହି ନିର୍ବାଚନରେ ଅଂଶଗ୍ରହଣ କରିପାରିବ ନାହିଁ କାରଣ ଏହା ପୂର୍ବରୁ ହିଁ ଦଳ ଉପରେ ବ୍ୟାନ୍ ଲଗାଯାଇ ସାରିଛି । ନିର୍ବାଚନ କମିଶନଙ୍କ ଅନୁଯାୟୀ, ନୂତନ ସରକାରକୁ ନିର୍ବାଚିତ କରିବା ପାଇଁ ମୋଟ ୧୨.୮ ଲକ୍ଷଭୋଟର ସେମାନଙ୍କର ମତଦାନ କରିବେ । ଏଥିରେ ୬.୪୨ ଲକ୍ଷ ପୁରୁଷ ଏବଂ ୬.୨୮ ଲକ୍ଷ ମହିଳା ରହିଛନ୍ତି । ନିର୍ବାଚନୀ ଆଚାର ସଂହିତାକୁ କଡ଼ାକଡ଼ି ଭାବରେ ଲାଗୁ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଦୁଇଜଣ ଡେପୁଟି କମିଶନର (ଡିସି) ନିଯୁକ୍ତ କରାଯିବ । ଏହା ସହିତ, ପ୍ରାୟ ୩୦,୦୦୦ ଏନଆରବି (ବିଦେଶରେ ରହୁଥିବା ବାଂଲାଦେଶୀ

ନାଗରିକ) ମଧ୍ୟ ଏହି ନିର୍ବାଚନରେ ସେମାନଙ୍କର ମତଦାନ କରିପାରିବେ । ସଂସଦୀୟ ନିର୍ବାଚନ ପାଇଁ ମତପତ୍ର ଧଳା ରଙ୍ଗର ହେବ । ସେଭଳି ଜନମତ ସଂଗ୍ରହ ପାଇଁ ମତପତ୍ର ଗୋଲାପୀ ରଙ୍ଗର ହେବ । ନିର୍ବାଚନ କମିଶନଙ୍କ ଅନୁଯାୟୀ, ଏଥର ୫୬ ଟି ଦଳ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି । ବିଶେଷଜ୍ଞମାନେ କହିଛନ୍ତି ଯେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ବିଏନପି (ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି), ଜମାତ-ଏ-ଇସଲାମି ଏବଂ ନବଗଠିତ ଏନସିପି (ନ୍ୟାସନାଲ ସିଟିଜେନ୍ସ ପାର୍ଟି) ମଧ୍ୟରେ ହେବ । ଉଲ୍ଲେଖନୀୟ ଯେ, ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି । ଲଗାତାର ହିଂସାତ୍ମକ ପ୍ରତିବାଦ ଏବଂ ଜନସାଧାରଣଙ୍କ ଚାପ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ୫ ଅଗଷ୍ଟ ୨୦୨୪ ରେ ଇସ୍ତଫା ଦେବାକୁ ବାଧ୍ୟ କରିଥିଲା । ପଦବୀ ଖାଲି ହେବା ପରେ, ଦେଶକୁ ଚଳାଇବା ପାଇଁ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାରକୁ ଗଠନ କରାଯାଇଥିଲା । ଏହା ପରେ ମଧ୍ୟ, ବାଂଲାଦେଶରେ ହିଂସା ଥମୁନି ।

ଇଣ୍ଡିଗୋର ବଡ଼ ଘୋଷଣା : ପ୍ରଭାବିତ ଯାତ୍ରୀଙ୍କୁ ମିଳିବ ୧୦ ହଜାର ଟଙ୍କା

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ଇଣ୍ଡିଗୋର ବଡ଼ ଘୋଷଣା । ପ୍ରଭାବିତ ଯାତ୍ରୀଙ୍କୁ ମିଳିବ ୫ ହଜାରରୁ ୧୦ ହଜାର ଟଙ୍କାର କ୍ଷତିପୂରଣ । ସେହିପରି ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଯାତ୍ରୀଙ୍କୁ ମିଳିବ ୧୦ ହଜାର ଟଙ୍କାର ଟ୍ରାଭେଲ ଭାଉଚର । ଇଣ୍ଡିଗୋର ଫ୍ଲାଇଟ୍ କ୍ୟାନସଲ୍ ପାଇଁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଡିସେମ୍ବର ପ୍ରଥମ ସପ୍ତାହରେ ସବୁଠୁ ଅଧିକ ବିମାନ ସେବା ପ୍ରଭାବିତ ହୋଇଛି । ଏହି ସମୟ ମଧ୍ୟରେ ଶତାଧିକ ଫ୍ଲାଇଟ୍ କ୍ୟାନସଲ୍ ହୋଇଛି । ଏହାଦ୍ୱାରା ଯାତ୍ରୀମାନେ ପ୍ରବଳ କ୍ଷତି ସହିଛନ୍ତି । ପ୍ରବଳ ବିରୋଧ ଓ ଅସନ୍ତୋଷ ପରେ

ଡିଜିସିଏ ଏୟାରଲାଇନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି । ଏବେ ଇଣ୍ଡିଗୋ ୩,୪, ଓ ୫ ଡିସେମ୍ବରରେ ଉଡାଣ ରଦ୍ଦ କାରଣରୁ ପ୍ରଭାବିତ ଯାତ୍ରୀମାନଙ୍କୁ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବ । ଏହା ସହ ଏୟାରଲାଇନ୍ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ଯାତ୍ରୀଙ୍କୁ ୧୦ ହଜାର ଟଙ୍କାର ଅତିରିକ୍ତ ଟ୍ରାଭେଲ ଭାଉଚର୍ ମିଳିବ । ଏହାଦ୍ୱାରା କ୍ଷତିଗ୍ରସ୍ତ ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିବ । ଯାତ୍ରୀମାନେ ଏହି ଟ୍ରାଭେଲ ଭାଉଚରକୁ ଆସନ୍ତା ୧୨ ମାସ ମଧ୍ୟରେ ବ୍ୟବହାର କରିପାରିବେ । ଭାରତରେ ଇଣ୍ଡିଗୋର ଯେକୌଣସି ଘରୋଇ ଉଡ଼ାଣ କିମ୍ବା ଅନ୍ତରାଷ୍ଟ୍ରୀୟ ରୁଟ୍ ପାଇଁ ଭାଉଚରକୁ ବ୍ୟବହାର କରିପାରିବେ । କମ୍ପାନୀର କହିବା ଅନୁଯାୟୀ, ଡିଜିସିଏ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶନାମା ଅନୁଯାୟୀ ଏହି କ୍ଷତିପୂରଣ ପ୍ରଦାନ କରାଯିବ । ଯେଉଁ ଯାତ୍ରୀଙ୍କର ଉଡ଼ାଣ ଏୟାରଲାଇନ୍ କାରଣରୁ ରଦ୍ଦ ହୋଇଛି, ସେମାନେ କ୍ଷତିପୂରଣ ପାଇବାକୁ ହକଦାର । ଏହି କ୍ଷତିପୂରଣ ରାଶି ଫ୍ଲାଇଟ୍ ଦୂରତ୍ୱ, ଟିକେଟ୍ କ୍ଲାସ୍, ଏବଂ ଯାତ୍ରୀଙ୍କୁ ହୋଇଥିବା ଅସୁବିଧା ଆଧାରରେ ଦିଆଯିବ ।

ପୁଟିନଙ୍କ ଭାରତ ଯାତ୍ରା ପରେ ଟ୍ରମ୍ପଙ୍କ ସହ କଥା ହେଲେ ପିଏମ୍ ମୋଦି

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଯାତ୍ରାର କିଛି ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଟେଲିଫୋନରେ କଥାବାର୍ତ୍ତା ହୋଇଛନ୍ତି । ଗୁରୁବାର ଉଭୟ ନେତା ଭାରତ-ଆମେରିକା ବ୍ୟାପକ ବୈଶ୍ୱିକ ରଣନୀତିକ ପାର୍ଟନରସିପ୍ରେ ହୋଇଥିବା ପ୍ରଗତିର ସମୀକ୍ଷା କରିଥିଲେ ତଥା ବାଣିଜ୍ୟ , ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଶକ୍ତି , ପ୍ରତିରକ୍ଷା ଓ ସୁରକ୍ଷା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ବିସ୍ତୃତ ବିଚାର ବିମର୍ଶ କରିଥିଲେ । ଏହି ସମୟରେ ଉଭୟ ନେତା ଚ୍ୟାଲେଞ୍ଜ ଗୁଡ଼ିକରୁ ବର୍ତ୍ତିବା ଓ ହିତ ଗୁଡ଼ିକୁ ଆଗକୁ ବଢାଇବା ପାଇଁ ମିଶି କାମ କରିବା ଉପରେ ସହମତି ହୋଇଛନ୍ତି । କୁହାଯାଉଛି ଯେ, ଉଭୟ ନେତା ଭାରତ –ଆମେରିକା ବ୍ୟାପକ ବୈଶ୍ୱିକ ରଣନୀତିର ପାର୍ଟନରସିପ୍ରେ ହୋଇଥିବା ପ୍ରଗତି ଉପରେ ସନ୍ତୋଷ ବ୍ୟକ୍ତି କରିଥିଲେ । ଏହାସହ ସବୁ କ୍ଷେତ୍ରରେ ଦ୍ୱିପାକ୍ଷୀୟ ସହଯୋଗର ନିରନ୍ତର ମଜବୁତ ହେବାର ପ୍ରଶଂସା କରିଥିଲେ । ଏହି ସମୟରେ ପିଏମ୍ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ ଦ୍ୱିପାକ୍ଷୀୟ ବାଣିଜ୍ୟକୁ ବୃଦ୍ଧି କରାଇବାର ପ୍ରୟାସକୁ ଦ୍ରୁତ କରିବା ପାଇଁ ମହତ୍ୱ ଉପରେ ଜୋର ଦେଇଛନ୍ତି । ଉଭୟ ନେତା ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା , ଶକ୍ତି , ପ୍ରତିରକ୍ଷା ଏବଂ ସୁରକ୍ଷା ତଥା ଅନ୍ୟ ପ୍ରାଥମିକତା ପୂର୍ଣ୍ଣ କ୍ଷେତ୍ରରେ ସହଯୋଗକୁ ଆହୁରି ବିସ୍ତାର କରିବାକୁ ମଧ୍ୟ ଆଲୋଚନା କରିଥିଲେ । ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥାବାର୍ତ୍ତା ପରେ ପିଏମ୍ ମୋଦି ସୋସିଆଲ ମିଡ଼ିଆ ଏକ୍ସରେ ଲେଖିଛନ୍ତି ,ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ବହୁତ ସୌହାର୍ଦ୍ଦପୂର୍ଣ୍ଣ ଓ ସାର୍ଥକ ଆଲୋଚନା ହୋଇଛି ।

ଗୋଆ ନାଇଟ୍ କ୍ଲବ୍ ମାଲିକ ଲୁଥ୍ରା ବ୍ରଦର୍ସଙ୍କୁ ଝଟକା, ଅଗ୍ରୀମ ଜାମିନ୍ ଆବେଦନକୁ ଖାରଜ କଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୧୧/୧୨(ନ୍ୟୁ.ଏ): ଦିଲ୍ଲୀର ଏକ କୋର୍ଟ ଗୁରୁବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଗୋଆର 'ବିର୍ଚ ବାଏ ରୋମିଓ ଲେନ୍' ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାରେ ମାଲିକ ସୌରଭ ଲୁଥ୍ରା ଏବଂ ଗୌରବ ଲୁଥ୍ରାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଦୁଇ ଅଭିଯୁକ୍ତ କୌଣସି ସୁରକ୍ଷା ଅବଧି ପାଇଁ ହକଦାର ନୁହଁନ୍ତି । ଏହି ନିଷ୍ପତି ଭାଇମାନଙ୍କ ତୁରନ୍ତ ଗିରଫଦାରୀର ସମ୍ଭାବନାକୁ ବୃଦ୍ଧି କରୁଛି । ଘଟଣା ପରେ ଉଭୟ କ୍ଲବ୍ ମାଲିକ ଫୁକେଟ୍ (ଥାଇଲାଣ୍ଡ) ପଳାଇ ଯାଇଥିଲେ ଏବଂ ସେଠାରେ ସେମାନଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଙ୍କୁ ଥାଇଲ୍ୟାଣ୍ଡରୁ ଭାରତ ଫେରାଇ ଆଣିବା ପ୍ରକ୍ରିୟା ଚାଲିଥିବା ବେଳେ ଦିଲ୍ଲୀ କୋର୍ଟରେ ଆବେଦନ କରିଥିଲେ । ସେମାନେ କୋର୍ଟଠାରୁ ଚାରି ସପ୍ତାହର ଅଗ୍ରୀମ ଜାମିନ୍ ମାଗିଥିଲେ ଯାହା ଦ୍ୱାରା ଦିଲ୍ଲୀ

ପହଂଚିବା ପରେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ନାହିଁ । ତେବେ ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ବନ୍ଦନା ଲୁଥରା ଭାଇଙ୍କୁ ଝଟକା ଦେଇ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ଉଲ୍ଲେଖନୀୟ ଯେ, ଅଗ୍ନିକାଣ୍ଡରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା । ଗୋଆ ପୋଲିସ କହିଛି ଯେ ଅଭିଯୁକ୍ତମାନେ ଦାବି କରିଛନ୍ତି ଯେ ସେମାନଙ୍କର ବ୍ୟବସାୟ ସହିତ କୌଣସି ସମ୍ପର୍କ ନାହିଁ, କିନ୍ତୁ ସୌରଭ ଲୁଥ୍ରା ଋଝଝଉଓ ଲାଇସେନ୍ସ ପାଇଁ ଆବେଦନ କରିଥିଲେ । ସେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଲାଇସେନ୍ସ ପାଇଁ ମଧ୍ୟ ଆବେଦନ କରିଥିଲେ । ଜିଏସ୍ଟି ଲାଇସେନ୍ସରେ ପୁଣି ଗୌରବ ଲୁଥ୍ରା, ସୌରଭ ଲୁଥ୍ରା ଏବଂ ଅଜୟ ଗୁପ୍ତାଙ୍କୁ ଅଂଶୀଦାର ଭାବରେ ତାଲିକାଭୁକ୍ତ କରାଯାଇଛି । ଲାଇସେନ୍ସର ମିଆଦ ଶେଷ ହୋଇସାରିଛି ଏବଂ ନବୀକରଣ କରାଯାଇ ନାହିଁ । ଦିଲ୍ଲୀରେ ରହୁଥିବା ନାଇଟ କ୍ଲବର ଦୁଇ ମାଲିକ ଦୁର୍ଘଟଣା ରାତିରେ ଗିରଫରୁ ବଂଚିବା ପାଇଁ ଥାଇଲାଣ୍ଡ ପଳାଇ ଯାଇଥିଲେ । ନାଇଟ୍ କ୍ଲବରେ ନିଆଁ ଲାଗିବାର ଘଟଣା ୬ ଡିସେମ୍ବର ରାତିରେ ହୋଇଥିଲା । କୋର୍ଟରେ ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ତର୍କ ଦେଇଥିଲେ ସେ ତୁରନ୍ତ ଫେରିବାକୁ ଓ ଯାଂଚର ସାମନା କରିବାକୁ ତୁହେଁ ପ୍ରସ୍ତୁତ । ତାଙ୍କୁ ତୁରନ୍ତ ସଜା ଦିଆନଯାଉ । ତେବେ ଗୋଆ ସରକାରଙ୍କ ଓକିଲ ଆବେଦନକୁ ବିରୋଧ କରି ଥିଲେ । କହିଥିଲେ କ୍ଲବରେ ନିଆଁ ଲାଗିବା ପରେ ଦୁଇ ଭାଇ ତୁରନ୍ତ ଗୋଆ ଛାଡି ଦେଇଥିଲେ । ଆଇନଗତ ପକ୍ରିୟାଠାରୁ ବଂଚିବା ପାଇଁ ପଳାୟନ କରିଥିଲେ । ଆଇନ ସେହି ଲୋକଙ୍କୁ ସାହାଯ୍ୟ କରେନି ଯେଉଁମାନେ ସମନ୍ କିମ୍ବା ୱାରେଂଟର ପାଳନକୁ ମନା କରନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das